ଓଡ଼ିଶା ଏକ୍ସପ୍ରେସ୍
ସର୍ବେ ଭଦ୍ରାଣି ପଶ୍ୟନ୍ତୁ...
ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୧୭, ସଂଖ୍ୟା: ୨୩୫
୧ ଜାନୁଆରୀ, ୨୦୨୬ ଗୁରୁବାର
କେନ୍ଦ୍ରାପଡ଼ା

Pages-8
Price ₹ 5.00
Vol. 17, Issue No. : 235
1st January, 2026 Thursday
Kendrapara

Website : www.odishaexpress.in E-mail : odishaexpress@gmail.com
RNI Regd. No. ODIODI/2009/28880 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

# ଶୁଭମସ୍ତୁ ୨୦୨୬

## ଶ୍ରୀମନ୍ଦିର କ୍ୟାଲେଣ୍ଡରରେ ବଡ଼ ବିଭ୍ରାଟ

### ଅଭିଯୋଗ ପରେ ବିକ୍ରି ବନ୍ଦ

**ପୁରୀ,୩୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବର୍ଷ ଶେଷରେ ବଡ ବିବାଦ ମୁଣ୍ଡେଇଲା ଶ୍ରୀମନ୍ଦିର ପ୍ରଶାସନ। ଇଂରାଜୀ ନବବର୍ଷ ପାଇଁ ଛପା ହୋଇଥିବା ଶ୍ରୀମନ୍ଦିର କ୍ୟାଲେଣ୍ଡରରେ ବିଭ୍ରାଟକୁ ନେଇ ବିବାଦ ତେଜିବା ପରେ କ୍ୟାଲେଣ୍ଡର ବିକ୍ରି ବନ୍ଦ ରଖାଯାଇଛି । ନୂଆବର୍ଷ ପାଇଁ ଛପାଯାଇଥିବା ଉଭୟ ଟେବୁଲ୍ ଓ କାନ୍ଥଟଙ୍ଗା କ୍ୟାଲେଣ୍ଡରରେ ତିନି ଦିଅଁଙ୍କ ଅବସ୍ଥାନ କ୍ରମରେ ବ୍ୟତିକ୍ରମ ଏବଂ ସୁଦର୍ଶନଙ୍କ ଚିତ୍ର ନରହିବା ଆଦିକୁ ନେଇ ଦେଖାଦେଇଛି ବିବାଦ। ତୁରନ୍ତ ଏହାର ସଂଶୋଧନ ଓ କାର୍ଯ୍ୟାନୁଷ୍ଠାନ ଦାବି ହୋଇଛି।



ସୂଚନାଯୋଗ୍ୟ, କ୍ୟାଲେଣ୍ଡରରେ ଜଗନ୍ନାଥଙ୍କ ସ୍ଥାନରେ ବଳଭଦ୍ର ଓ ବଳଭଦ୍ରଙ୍କ ସ୍ଥାନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସ୍ଥାନରେ ଚିତ୍ର ଥିବା ଏକ ଫଟୋକୁ ଶ୍ରୀମନ୍ଦିର ପ୍ରଶାସନ କ୍ୟାଲେଣ୍ଡର ୨୦୨୬ରେ ସ୍ଥାନ ଦିଆଯାଇଛି। ସେହିପରି ରଥଯାତ୍ରାର ଏକ ଫଟୋ ମଧ୍ୟ କ୍ୟାଲେଣ୍ଡରରେ ରହିଥିବା ବେଳେ ସେଥିରେ ମଧ୍ୟ ତ୍ରୁଟି ଦେଖିବାକୁ ମିଳିଛି। ପ୍ରଥମେ ସୁଭଦ୍ରାଙ୍କ ରଥ, ପରେ ଜଗନ୍ନାଥଙ୍କ ରଥ ଏବଂ ଶେଷରେ ଶ୍ରୀବଳଭଦ୍ରଙ୍କ ରଥ ଟଣା ଯାଉଥିବାର ସମ୍ପର୍କିତ ଚିତ୍ରର ଏକ ଫଟୋ ମଧ୍ୟ କ୍ୟାଲେଣ୍ଡରରେ ସ୍ଥାନ ପାଇଥିବା ଅଭିଯୋଗ ହେଉଛି। ୨୦୨୬ କ୍ୟାଲେଣ୍ଡରରେ ଶ୍ରୀମନ୍ଦିର ପ୍ରଶାସନର ଗୁରୁତର ତ୍ରୁଟି ସଭିଁଙ୍କୁ ଚକିତ କରିଛି।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ପ୍ରକାଶିତ ୨୦୨୬ କ୍ୟାଲେଣ୍ଡରରେ ଏଭଳି ତ୍ରୁଟିକୁ ଜଗନ୍ନାଥ ପ୍ରେମୀ ଓ ଶ୍ରୀମନ୍ଦିର ସେବାୟତ ସମାଲୋଚନା କରିଛନ୍ତି। କ୍ୟାଲେଣ୍ଡର ଛପା ହେବା ପୂର୍ବରୁ କାହା ପରାମର୍ଶରେ ଶ୍ରୀମନ୍ଦିର ପ୍ରଶାସନ ଏଭଳି ତ୍ରୁଟିପୂର୍ଣ୍ଣ ଫଟୋ କ୍ୟାଲେଣ୍ଡରରେ ସ୍ଥାନ ଦେଇଛି ତାକୁ ନେଇ ସେବାୟତମାନେ ପ୍ରଶ୍ନ ଉଠାଇଛନ୍ତି।

ତେବେ କ୍ୟାଲେଣ୍ଡର ବିବାଦ ବଢ଼ିବା ପରେ ବନ୍ଦ ହୋଇଛି କ୍ୟାଲେଣ୍ଡର ବିକ୍ରି। ଶ୍ରୀମନ୍ଦିର ପ୍ରଶାସନ ସୂଚନା କେନ୍ଦ୍ରରେ ଆଉ ମିଳୁନି କ୍ୟାଲେଣ୍ଡର। ଘଟଣାକୁ ନେଇ କ୍ଷମା *(ଶେଷ ପୃଷ୍ଠା ଦେଖନ୍ତୁ)*

## ଅମ୍ବିକା ପ୍ରସାଦ ଦାସଙ୍କ ‘ସତ କହିବାକୁ କିଆଁ ଡରିବି’ ସ୍ତମ୍ଭରେ

## ଏଇଧରଣର ଲୋକଙ୍କ ତାଲିକା ବେଶ୍ ଲମ୍ବା...

### ନୀତି ବାଣୀ

**ଓଁ ଯାଂ ମେଧାଂ ଦେବାଗଣଃ ପିତରଶ୍ଚୋ ପାସତେ
ତୟା ମା ମଧ୍ୟ ମେଧୟା ଅଗ୍ନେ ମେଧାବିନଂ କୁରୁ**

ହେ ମେଧାବାନ୍ ପରାମାତ୍ମା ! ଆମର ଦେବଗଣ, ଋଷିଗଣ ଓ ପିତୃପୁରୁଷ ଯେଉଁ ମେଧା ବୁଦ୍ଧିର ପ୍ରାର୍ଥନା, ଉପାସନା ଓ ଯାଚନା ସବୁବେଳେ କରି ଆସିଛନ୍ତି, ଆପଣ ଆମ ସମସ୍ତଙ୍କୁ ସେହି ମେଧା ବୁଦ୍ଧି ପ୍ରଦାନ କରନ୍ତୁ, ଯଦ୍ୱାରା ଆମର ସମସ୍ତ ଶୁଭକାର୍ଯ୍ୟ ଯଥାବିଧି ସମ୍ପନ୍ନ ହେବ ।

## ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପିୟୁସିସି ଅବଧି ବୃଦ୍ଧି

**ଭୁବନେଶ୍ୱର,୩୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଗାଡ଼ି ଚାଳକଙ୍କୁ ମିଳିଲା ଆଶ୍ୱସ୍ତି। ଆହୁରି ମାସେ ପିୟୁସିସି ଅବଧି ବୃଦ୍ଧି କଲେ ସରକାର। ବୁଧବାର ଏନେଇ ସୂଚନା ଦେଇଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା। ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ପିୟୁସିସି ଅବଧି ବୃଦ୍ଧି କରାଯାଇଛି। ଲୋକଙ୍କ ଅସୁବିଧାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଥିବା କୁହାଯାଉଛି। ଏହା ପରେ ଅର୍ଥାତ୍ ୧ ଏପ୍ରିଲରୁ ପିୟୁସି ସାର୍ଟିଫିକେଟ୍ ନଥିଲେ ଆକ୍ସନ ନେବେ ସରକାର। ମାର୍ଚ୍ଚ ୩୧ ସୁଦ୍ଧା ପ୍ରଦୂଷଣ ପ୍ରମାଣପତ୍ର କରାଇନେବାକୁ କହିଲେ ପରିବହନ ମନ୍ତ୍ରୀ । ଅନ୍ୟପକ୍ଷରେ ମନ୍ତ୍ରୀ କହିଛନ୍ତି, ଅନିୟମିତତାକୁ ଦେଖି ୪୨ଟି ଟେଷ୍ଟିଂ ସେଣ୍ଟରର ଲାଇସେନ୍ସ ରଦ୍ଦ ହୋଇଛି। ଅଧିକରୁ ଅଧିକ ଟେଷ୍ଟିଂ ସେଣ୍ଟର ଖୋଲିବାକୁ ଆହ୍ୱାନ କରୁଛୁ। ଯେଉଁମାନେ ଟେଷ୍ଟିଂ ସେଣ୍ଟର ପାଇଁ ଆବେଦନ କରିବେ ସେମାନଙ୍କୁ ଅଗ୍ରାଧିକାର ଦେବୁ।




ସୂଚନାଯୋଗ୍ୟ ଯେ, ପୂର୍ବରୁ ଫେବ୍ରୁଆରୀ ପହିଲା ଯାଏଁ ଗାଡ଼ିର ବୈଧ କାଗଜପତ୍ର କରାଇନେବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅବଧି ଭିତରେ ଆର୍‌ସି, ଫିଟନେସ୍, ପିୟୁସି, ବୀମା ଆଦି କରାଇନେବାକୁ କୁହାଯାଇଥିଲା। ବର୍ତ୍ତମାନ ଏହି ସମୟକୁ ଆହୁରି ମାସେ ପାଇଁ ବୃଦ୍ଧି କରାଯାଇଛି। ଫେବ୍ରୁଆରୀ ପୂର୍ବରୁ ଜାନୁଆରୀରୁ ଲାଗୁ ପାଇଁ ନିଷ୍ପତ୍ତି ହୋଇଥିଲା। ତେବେ ବର୍ତ୍ତମାନ ଗାଡ଼ିର ପ୍ରଦୂଷଣ ଯାଞ୍ଚ ପାଇଁ ଜନସାଧାରଣଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି ବାଣିଜ୍ୟ ଓ ପରିବହନ ମନ୍ତ୍ରୀଙ୍କ ନିର୍ଦ୍ଦେଶରେ ଅବଧି ବୃଦ୍ଧି କରାଯାଇଛି। ଏହି ଅବଧି ମଧ୍ୟରେ ମୋଟର ଯାନ ଆଇନ ଅନୁଯାୟୀ, ବୈଧ ପ୍ରଦୂଷଣ ପ୍ରମାଣ ପତ୍ର ନଥିବା ଗାଡି ପ୍ରଦୂଷଣ ଯାଞ୍ଚ କରାଇନେବାକୁ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି। ଅବଧିକୁ ବୃଦ୍ଧି କରାଯାଇଥିବାରୁ ଜନସାଧାରଣ ବିବ୍ରତ ନ ହୋଇ ସୁବିଧାରେ ଯାଞ୍ଚ କରାଇବେ ବୋଲି ଆଶା କରାଯାଉଛି।

## ଅପହୃତା ଦୁଇ ନାବାଳିକା ଉଦ୍ଧାର

**ରାଜନଗର,୩୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକ ତାଳଚୁଆ ସାମୁଦ୍ରିକ ଥାନା ଅଂଚଳର ଦୁଇଜଣ ଅପହୃତା ନାବାଳିକା ଛାତ୍ରୀ ଅପହରଣ ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ଉଭୟଙ୍କୁ ସାମୁଦ୍ରିକ ଥାନା ପୋଲିସ ଉଦ୍ଧାର କରିଛି । ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରା ଉଚରା କରୁଛି । ରଙ୍ଗଣୀ ପଚାଂୟତର ଜଣେ ଦଶମ ଶ୍ରେଣୀ ଛାତ୍ରୀକୁ ପଟ୍ଟାପାରିଆ ଗ୍ରାମର ଜ୍ୟୋତି ଦଳାଇ ଅପହରଣ କରି ତାଙ୍କ ଘରକୁ ନେଇଯାଇଥିବା ନେଇ ନାବାଳିକାର ପିତା ଅଭିଯୋଗ କରିଥିଲେ । ପୋଲିସ ଏହି ଅଧାରରେ ଚଢାଉ କରି ସଂପୃକ୍ତ ଛାତ୍ରୀକୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହିତ ଯୁବକକୁ ଥାନାରେ ଅଟକ ରଖିଛି । ସେହିପରି ଏହି ଥାନା ଅନ୍ତର୍ଗତ କୃଷ୍ଣନଗର ପଚାଂୟତ ଅନ୍ତର୍ଗତ ଜନୈକା ନାବାଳିକା କଲେଜ ଛାତ୍ରୀକୁ ଶୈଳେନ୍ଦ୍ରନଗର ଗ୍ରାମର ରାଧାକାନ୍ତ ପରିଡା ଅପହରଣ କରିଥିବା ନେଇ ୨୫ତାରିଖରେ ଛାତ୍ରୀର ପିତା ଅଭିଯୋଗ କରିଥିଲେ । ପୋଲିସ ରାଜ୍ୟ ବାହାରକୁ ଚାଲିଯାଇଥିବା ସଂପୃକ୍ତ ନାବାଳିକା *(ଶେଷ ପୃଷ୍ଠା ଦେଖନ୍ତୁ)*

## ଦାୟିତ୍ୱ ନେଲେ ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୩୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟର ମୁଖ୍ୟ ଶାସନ ସଚିବ ହେଲେ ଅନୁ ଗର୍ଗ। ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ପାଖରୁ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଓଡ଼ିଶାର ପ୍ରଥମ ମହିଳା ମୁଖ୍ୟ ଶାସନ ସଚିବ ହେଉଛନ୍ତି ଅନୁ ଗର୍ଗ। ସେ ୧୯୯୧ ବ୍ୟାଚର ଆଇଏଏସ ଅଫିସର। ଡିସେମ୍ବର ୩୧ ତାରିଖରେ ମନୋଜ ଆହୁଜାଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ତାଙ୍କ ସ୍ଥାନରେ ସେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ଅନୁ ଗର୍ଗ ରାଜ୍ୟ ଉନ୍ନୟନ କମିଶନର ଭାବେ କାର୍ଯ୍ୟ କରୁଥିଲେ।



୧୯୯୩ରେ ପ୍ରଥମେ ସେ ଝାରସୁଗୁଡ଼ାର ଉପ-ଜିଲ୍ଲାପାଳ ଭାବେ ନିଯୁକ୍ତି ପାଇଥିଲେ। ଏହା ପରେ କଳାହାଣ୍ଡି ଜିଲ୍ଲାର ଉପ ଜିଲ୍ଲାପାଳ ଏବଂ ପରେ କଳାହାଣ୍ଡି ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଭାବେ ଦାୟିତ୍ୱ ତୁଲାଇ ଥିଲେ। ବରଗଡ଼ ଓ ସମ୍ବଲପୁରର ଜିଲ୍ଲାପାଳ ରହିସାରିଛନ୍ତି ଅନୁ। ଏହାଛଡ଼ା ଦିଲ୍ଲୀରେ ଓଡ଼ିଶା ଡେପୁଟି ଆବାସିକ କମିଶନର ରହିଥିଲେ। ୨୦୦୦-୨୦୦୨ ଯାଏ ଆଇସିଡିଏସ୍ ନିର୍ଦ୍ଦେଶକ ରହିଛନ୍ତି। ୨୦୦୨ରୁ ୨୦୦୩ ପର୍ଯ୍ୟନ୍ତ ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ୨୦୦୫ରେ କେନ୍ଦ୍ର ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଭାବେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ମାଞ୍ଜା ସୂତା ଲାଗି ୨ ଗୁରୁତର

**ଫୁଲନଖରା,୩୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ବୟାଳିଶମୌଜା ଥାନା ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତ ସ୍ଥିତ ଶ୍ରୀରାମ ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଯାଇଛି। ବାଇକ ଯୋଗେ ପିଉସୀ ଓ ପୁତୁରା ଯାଉଥିବା ବେଳେ ମାଞ୍ଜା ଗୁଡ଼ି ସୂତା ବେକରେ ଲାଗି ଗୁଡ଼ାଇ ହୋଇଯାଇଥିଲା। ଏଥିରେ ବାଇକ ଚାଳକ ଦେବୀ କଲ୍ୟାଣ ଆଚାର୍ଯ୍ୟ (୩୦) ଗୁରୁତର ଭାବେ ଆହତ ହୋଇଥିବା ବେଳେ ପିଉସୀ ଆଶାଲତା ଆଚାର୍ଯ୍ୟ ସାମାନ୍ୟ ଆହତ ହୋଇଥିଲେ। ପ୍ରଥମେ ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଭୟଙ୍କୁ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ଆଶାଲତାଙ୍କ ପ୍ରାଥମିକ ଚିକିତ୍ସା ପରେ ଛାଡି ଦିଆଯାଇଥିବା ବେଳେ ଦେବୀକଲ୍ୟାଣଙ୍କ ରକ୍ତସ୍ରାବ ନ କମିବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଶେଷ ଖବର ଅନୁଯାୟୀ ଦେବୀକଲ୍ୟାଣଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର



ରହିଛି। ଖବରପାଇ ସ୍ଥାନୀୟ ପୋଲିସ ଦୁର୍ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ତେବେ ଘଟଣା ପରେ ବୟାଳିଶମୌଜା ଥାନା ତରଫରୁ ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ଗୁଡ଼ି ମଞ୍ଜା ସୂତା ସହିତ ନଟେଇ ଜବତ କରାଯାଇଛି। ଅନ୍ୟପଟେ ଗୁଡି ଉଡାଉଥିବା କିଛି ବାଳକଙ୍କଠାରୁ ମଧ୍ୟ ଗୁଡି ଓ ସୂତା ଜବତ କରାଯାଇ ରାସ୍ତା କଡରେ ଗୁଡି ନଉଡ଼େଇବାକୁ ସଚେତନ କରାଯାଇଛି।

## ଦୀର୍ଘ ପ୍ରତାରଣାରୁ ମୁକ୍ତି ନେଇ ସମ୍ଭାବନା ଆଣିବ କି ୨୦୨୬ !

**କେନ୍ଦ୍ରାପଡ଼ା,୩୧।୧୨: ଏକ୍ସପ୍ରେସ୍ ନ୍ୟୁଜ୍**

ବିଦାୟ ନେଇଛି ୨୦୨୫ ମସିହା। ତମାମ ବିଶ୍ୱବାସୀ ନୂତନ ବର୍ଷ ୨୦୨୬ରେ ପଦାର୍ପଣ କରିଛନ୍ତି। ନୂତନ ଆଶା ଓ ସମ୍ଭାବନା ନେଇ ଆଗକୁ ବଢିବାର ସଂକଳ୍ପ ନେଇଛନ୍ତି । କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କ ମଧ୍ୟରେ ବି ଅନୁରୂପ ଆଶା ଓ ସମ୍ଭାବନା ଦେଖାଦେଇଛି। ସରକାରଙ୍କ ଚିର ଅବହେଳାରୁ ଏ ଜିଲ୍ଲା ମୁକ୍ତି ପାଇବ ବୋଲି ପ୍ରତୀକ୍ଷା ରହିଛି। ଏହା ସତ୍ୟ ଯେ, ନୂଆ ବର୍ଷ ଆସିଲେ କେନ୍ଦ୍ରାପଡ଼ା ଜିଲ୍ଲାବାସୀଙ୍କ ମନରେ ଅନେକ ସ୍ୱପ୍ନ ଉଙ୍କିମାରେ। ଜିଲ୍ଲାବାସୀଙ୍କ ଜୀବନ ଜୀବିକାର ମୁଖ୍ୟ ମାଧ୍ୟମ କୃଷିର ବିକାଶ ହେବ, ଜଳ ପରିଚାଳନା, କ୍ରମବର୍ଦ୍ଧିଷ୍ଣୁ ବେରୋଜଗାରୀ ଦୂର ପାଇଁ ଶିଳ୍ପାନୁଷ୍ଠାନ ପ୍ରତିଷ୍ଠା ହେବ, ଜିଲ୍ଲାରେ ଥିବା ପର୍ଯ୍ୟାପ୍ତ ପର୍ଯ୍ୟଟନ ସୁଯୋଗର ଉପଯୋଗ ହେବ, ଜିଲ୍ଲାର ଭେଣ୍ଡିଆ ଯୁବକ ରାଜ୍ୟ କି ଦେଶ ବାହାରକୁ ଦାଦନ ଖଟିବାକୁ ନଯାଇ ଜିଲ୍ଲାରେ କାମଧନ୍ଦା ପାଇବେ, ପାଇକାରୀ ହାରରେ ବେକାରୀ ଯୁବକ ସହଜ ରୋଜଗାର ମୋହରେ ଅପରାଧ ଦୁନିଆରେ ପାଦ ଖସାଇବେନି, ଜିଲ୍ଲାରେ ଅନ୍ତତଃ ମେଡ଼ିକାଲ କଲେଜ ତଥା ସୁପର ସ୍ପେଶାଲିଷ୍ଟ ହସ୍ପିଟାଲଟିଏ ପ୍ରତିଷ୍ଠା ହେବ, ଗରିବ ଲୋକଟିଏ ଉନ୍ନତ ଜରୁରୀ ଚିକିତ୍ସା ନପାଇ ମୃତ୍ୟୁ ମୁଖରେ ପଡ଼ିବନି, ରାଜ୍ୟର ସର୍ବ ବୃହତ୍ ବେସରକାରୀ କଲେଜ ଭାବେ କେନ୍ଦ୍ରାପଡ଼ା କଲେଜକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ମିଳିବ, ଜିଲ୍ଲାର ମେଧାବୀ ପିଲା ସାଗ ପଖାଳ ଖାଇ ଉଚ୍ଚତର ଶିକ୍ଷା ଓ ଗବେଷଣାର ସୁଯୋଗ ପାଇବେ ଆଦି କେତେ କ'ଣ ସ୍ୱପ୍ନରେ ଜିଲ୍ଲାବାସୀ ନୂଆବର୍ଷ ଆସିଲେ ବିଭୋର ହୋଇ ଉଠନ୍ତି। କିନ୍ତୁ ନାହିଁ ନାହିଁରେ ମାସ ପରେ ମାସ ବିତି ଚାଲେ ବର୍ଷ ସରି ଯାଏ, ଆଉ ସ୍ୱପ୍ନ ବି ମରିଯାଏ। ବିଦାୟୀ ୨୦୨୫ ବି ଅନୁରୂପ ଭାବେ କେବଳ ସେହି ନାହିଁ ନାହିଁରେ ଶେଷ ହୋଇଛି। ହେଲେ ରାଜ୍ୟରେ ଦୀର୍ଘ ୨୪ବର୍ଷର ନିରଙ୍କୁଶ ଶାସନର ଅବସାନ ଘଟି ନୂତନ ସରକାର ପ୍ରତିଷ୍ଠା ହୋଇବାର ଦେଢ ବର୍ଷ ପରେ ବି କ୍ରମାଗତ ସରକାରୀ ଉଦାସୀନତାରୁ ମୁକ୍ତି ପାଇ ଏହି ଜିଲ୍ଲା ବିକାଶର ନୂତନ ସୂର୍ଯ୍ୟୋଦୟ ଆଡ଼କୁ ଅଗ୍ରସର ହେବା ନେଇ କୌଣସି ସମ୍ଭାବନା ସୃଷ୍ଟି ହୋଇନାହିଁ। *(ଶେଷ ପୃଷ୍ଠା ଦେଖନ୍ତୁ)*

DADLS-73

ନବ ବର୍ଷ-୨୦୨୬ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା



ନବ ବର୍ଷ-୨୦୨୬ ଅବସରରେ ମୁଁ ସମସ୍ତ ରାଜ୍ୟବାସୀଙ୍କୁ ହାର୍ଦ୍ଦିକ ଓ ଶୁଭେଚ୍ଛା ଜଣାଉଛି । ନୂତନ ବର୍ଷ ରାଜ୍ୟବାସୀଙ୍କ ଜୀବନରେ ହସ, ଖୁସି, ଶାନ୍ତି ଓ ସମୃଦ୍ଧି ଭରିଦେଉ, ଏତିକି କାମନା । ରାଜ୍ୟକୁ ଦେଶର ଏକ ଶ୍ରେଷ୍ଠ ରାଜ୍ୟରେ ପରିଣତ କରିବା ପାଇଁ ସମସ୍ତେ ନିଜ ନିଜ ସ୍ତରରେ ନିଷ୍ଠାପର ପ୍ରୟାସ ଜାରି ରଖିବାକୁ ମୁଁ ଆହ୍ୱାନ ଜଣାଉଛି ।

(ହରି ବାବୁ କମ୍ଭମପାଟି)

ଇଂରାଜୀ ନୂଆବର୍ଷ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା



ନୂଆବର୍ଷ ୨୦୨୬ ଉପଲକ୍ଷେ ମୁଁ ରାଜ୍ୟବାସୀ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦରୁ ସମସ୍ତଙ୍କ ଜୀବନ ସୁଖମୟ ହେଉ । ୨୦୨୬ ବର୍ଷ ଓଡ଼ିଶା ପାଇଁ ଶାନ୍ତି, ପ୍ରଗତି ଓ ସମୃଦ୍ଧିର ବର୍ଷ ହେଉ । ଆସନ୍ତୁ, ଏକ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମେ ସମସ୍ତେ ସଂକଳ୍ପବଦ୍ଧ ହୋଇ କାମ କରିବା ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-

# ବାଲି ଘାଟ ରାସ୍ତାକୁ ନେଇ ଦୁଇ ଗୋଷ୍ଠି ମୁହାଁମୁହିଁ

**ଧର୍ମଶାଳା: ଏକ୍ସପ୍ରେସ ନ୍ୟୁଜ୍**

ଯାଜପୁର ଜିଲ୍ଲା ଧର୍ମଶାଳା ତହସିଲ ଅନ୍ତର୍ଗତ କାଏମା ନୁଆସାହି ନିକଟରେ କେଲୁଅ ନଦୀର କାଏମା ନୂଆସାହି ନିକଟ ଘାଟରୁ ବାଲି ଚ଼ାଲାଣ ପାଇଁ କରାଯାଇଥିବା ରାସ୍ତାକୁ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଜେସିବି ଲଗାଇ ଖୋଳି ଦେଇଥିଲେ । ଏହି ସମୟରେ ଖବର ପାଇ ବାଲି ଚ଼ାଲାଣକାରୀମାନେ ସେଠାରେ ପହଁଚ଼ି ଗଣ୍ଡଗୋଳ କରିବା ସହ ଜେସିବିକୁ ଟେକା ପଥର ମାଡ କରିଥିଲେ । ଫଳରେ ସେଠାରେ ଦୁଇ ଗୋଷ୍ଠି ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା । ସୂଚ଼ନା ଅନୁଯାୟୀ ଏହି ବାଲି ଘାଟ ଲିଜ ନଥିବା ସତ୍ତ୍ୱେ ଏଠାରୁ ବାରମ୍ବାର ବାଲି ଲୁଟ୍ ହେଉଛି ଏବଂ ମାର୍ଚ୍ଚ ମାସ ୬ତାରିଖ ଦିନ ଭୋର ସମୟରେ ଏକ ବାଲି ବୋଝେଇ ଟ୍ରାକ୍ଟର ଯାଉଥିବା ବେଳେ ବନ୍ଧ ରାସ୍ତା ଉପରେ ଆସୁଥିବା ବାଇକ୍ ସହ ଧକ୍କା ଦେଇଥିଲା । ଏହି ଧକ୍କାରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ଏହି ଘଟଣାକୁ ନେଇ ପରିବାରକୁ କ୍ଷତି ପୂରଣ ସହ ଏଠାରେ ଚ଼ାଲୁ ଥିବା ବେଆଇନ ବାଲି ଘାଟକୁ ସମ୍ପୂର୍ଣ୍ଣ ଭାବେ ବନ୍ଦ କରିବାକୁ ଉତ୍ୟକ୍ତ ଲୋକେ ଦାବି କରି ନଦୀ ବନ୍ଧ ରାସ୍ତା ଉପରେ ଟାୟାର ଜାଳି ଅବରରୋଧ କରିଥିଲେ । ଖବର ପାଇ ପୋଲିସ ଓ ବିଧାୟକଙ୍କ ସମର୍ଥକମାନେ ସେଠାରେ ପହଁଚ଼ି ବୁଝାସୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା । ସେହି ସମୟରେ ଏହି ଘାଟକୁ ଯିବା ପାଇଁ ହୋଇଥିବା ରାସ୍ତାଟିକୁ ମଧ୍ୟ ଖୋଳି ଦିଆଯାଇ ବାଲି ଉଠାଣ ବନ୍ଦ କରି ଦିଆ ଯାଇଥିଲା । ହେଲେ କିଛି ଦିନ ବ୍ୟବଧାନ ପରେ ବାଲି ଚ଼ାଲାଣକାରୀମାନେ ଏହି ରାସ୍ତାଟିକୁ ପୁନଃ ନିର୍ମାଣ କରି ପ୍ରତ୍ୟେକ ଦିନ ବାଲି ଚ଼ାଲାଣ କରୁଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଯାହାକୁ ନେଇ ଉଭୟ ଗୋଷ୍ଠି ମୁହାଁମୁହିଁ ହୋଇ ଥିଲେ । ତେବେ ଏନେଇ ଥାନାରେ ଅଭିଯୋଗ ହୋଇନଥିବା ବେଳେ ଉଭୟ ଗୋଷ୍ଠି ମଧ୍ୟରେ ଆପୋଷ ସମାଧାନ ହୋଇଥିବା ଜଣାଯାଇଛି ।

# ପାଣି ପମ୍ପ ଫାଟି ୩ ଆହତ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଏହି ଜିଲ୍ଲାର ପଞ୍ଚୁଟିକ୍ରି ପଞ୍ଚାୟତରେ ଏକ ପାଣି ପମ୍ପ ମରାମତି କରୁଥିବା ବେଳେ ୩ଜଣ ଆହତ ହୋଇ କଟକ ସ୍ଥାନାନ୍ତିରିତ ହୋଇଛନ୍ତି । ପ୍ରାପ୍ତ ଖବରରୁ ଜଣାଯାଇଛି ପଞ୍ଚୁଟିକ୍ରି ପଞ୍ଚାୟତ ବାଲିଘାଇ ଠାରେ ଏକ ପାଣି ପମ୍ପ ମରାମତି କରିବା ପରେ ଷ୍ଟାର୍ଟ କରାଯାଇଥିଲା । ଏହାକୁ ଷ୍ଟାର୍ଟ କରିବା ପରେ ଏହା ଫାଟି ଯାଇଥିଲା ଫଳରେ ପାଣି ପମ୍ପର ସବୁର ଯନ୍ତ୍ରାଂଶ ଖଣ୍ଡ ବିଖଣ୍ଡିତ ହୋଇ ସବୁ ଦିଗକୁ ଛିଟକି ପଡିଥିଲା । ଏହି ଆଘାତରେ ପାଣି ପମ୍ପ ମିସ୍ତ୍ରି ବିମଳ ମଣ୍ଡଳଙ୍କ ଡାହାଣ ହାତ ଭାଙ୍ଗି ଯାଇଥିବା ବେଳେ ତାଙ୍କ ଛାତିରେ ଆଘାତ ଲାଗିଛି । ସେହିପରି ବାଲିଘାଇର ପପୁଲ ସାହୁଙ୍କ ଡାହଣ ଗୋଡ ସଂପୂର୍ଣ୍ଣ ଭାଙ୍ଗି ଯାଇଛି ଏବଂ ସେଠାରେ ଉପସ୍ଥିତ ଥିବା ଅନ୍ୟ ଜଣେ ଲୋକଙ୍କ ଛାତି ଏବଂ ହାତରେ ଆଘାତ ଲାଗିଛି । ଘଟଣାସ୍ଥଳରୁ ସ୍ଥାନୀୟ ଲୋକେ ୩ଜଣ ଆହତଙ୍କୁ ପ୍ରଥମେ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରେ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

# ଅଗ୍ନିକାଣ୍ଡରେ ଧାନ କଳେଇ ଭସ୍ମୀଭୂତ



**ଖଣ୍ଡପଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ଖଣ୍ଡପଡ଼ା ବ୍ଲକର ରୟତିଢୋଲମରା ପଞ୍ଚାୟତ ଅଧୀନ କୃଷଚ଼ନ୍ଦ୍ରପୁରପାଟଣା ଗ୍ରାମର ଚ଼ାଷୀ କାଳନ୍ଦୀ ସ୍ୱାଇଁଙ୍କର ୪୦୦ରୁ ଉର୍ଦ୍ଧ୍ୱ ଧାନ କଳେଇ ସୋମବାର ରାତିରେ ଅଗ୍ନିକାଣ୍ଡରେ ଭସ୍ମୀଭୂତ ହୋଇଥିବା ଜଣାଯାଇଛି । ଜମିରୁ ଧାନ ଅମଳ କରିବା ପରେ କାଳିନ୍ଦୀ ନିକଟସ୍ଥ ନେଳି ପୋଖରୀ ହୁଡ଼ାରେ ଧାନ କଳେଇ ଗୁଡିକ ବେଙ୍ଗଳା ପକାଇବା ନିମନ୍ତେ ଗଦା ମାରି ରଖିଥିଲେ । କେହି ଅସାମାଜିକ ବ୍ୟକ୍ତି ପ୍ରତିଶୋଧ ପରାୟଣ ହୋଇ ଧାନ କଳେଇ ଗଦାରେ ନିଆଁ ଲଗାଇ ଦେଇଥିବାରୁ ସମସ୍ତ କଳେଇ ପୋଡି ପାଉଁଶ ହୋଇଯାଇଥିବା ଅନୁମାନ କରାଯାଉଛି । ଖବରପାଇ ଗଣିଆ ଅଗ୍ନିଶମ କର୍ମଚ଼ାରୀମାନେ ବିଳମ୍ବିତ ରାତିରେ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କଲା ବେଳକୁ ସବୁ କିଛି ଜଳିପୋଡି ନଷ୍ଟ ହୋଇଯାଇଥିଲା । ଅଗ୍ନିକାଣ୍ଡ ଜନିତ କ୍ଷୟକ୍ଷତିର ପରିମାଣ ୬୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଜଣାପଡିଛି । ଅଗ୍ନିକାଣ୍ଡରେ ବର୍ଷକର ଖାଦ୍ୟ ହରାଇଥିବା ଉକ୍ତ ଚ଼ାଷୀ ପରିବାରକୁ କ୍ଷତିପୂରଣ ବାବଦରେ ଆନୁସଙ୍ଗିକ ସହାୟତା ରାଶି ଯୋଗାଇଦେବା ନିମନ୍ତେ ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଜୁଆଆଡ୍ଡାରେ ଚ଼ଢାଉ, ୩ ଗିରଫ

**ଭଦ୍ରକ: ଏକ୍ସପ୍ରେସ ନ୍ୟୁଜ୍**

ଏହି ଜିଲ୍ଲାର ଧାମନଗର ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ନିକଟରେ କିଛି ଦିନ ହେବ ଜୁଆଡିମାନେ ଅହରହ ଜୁଆ ଖେଳୁଥିବାର ଅଭିଯୋଗ ହୋଇଆସୁଥିଲା । ଏପରିକି ସୋମବାର ଧାମନଗର ଠାରେ ଜନ ଶୁଣାଣିରେ ଭଦ୍ରକ ଆରକ୍ଷୀ ଅଧିକ୍ଷକ ମନୋଜ କୁମାର ରାଉତଙ୍କୁ ସ୍ଥାନୀୟ ଲୋକମାନେ ଆସି ଅଭିଯୋଗ କରିଥିଲେ । ତେବେ ଏସପିଙ୍କ ନିର୍ଦ୍ଦେଶ କ୍ରମେ ଧୁଶୁରି ଥାନାର ଏସଆଇ ବାସୁଦେବ ଓରାମ ଓ ଅନ୍ୟ ଥାନା କର୍ମଚ଼ାରୀମାନେ ମଙ୍ଗଳପୁର ଅଞ୍ଚଳରେ ଜୁଆଆଡ୍ଡା ଉପରେ ଚ଼ଡଉ କରି ଜୁଆ ସାମଗ୍ରି, ନଗଦ ଟଙ୍କା ଜବତ କରିବା ସହ ଜୁଆ ଖେଳ କରୁଥିବା ସରପୁର ଗ୍ରାମର ଗାନ୍ଧୀ ଜେନା, କୁରୁଆ (ଗୋବିନ୍ଦପୁର)ର ଦୀପକ ମଲିକ ଓ ରଘୁନାଥ ମଲିକକୁ ଘଟଣାସ୍ଥଳରୁ ଗିରଫ କରିବା ସହ ସେମାନଙ୍କ ବିରୋଧରେ କେଶ ନମ୍ବର ୫୯୦/୨୫ରେ ଏକ ମାମଲା ରୁଜୁ କରାଯାଇଥିବା ଥାନା ଅଧିକାରୀ ଅଜୟ ସୁଦର୍ଶନ ବାଗେ କହିଛନ୍ତି ।

# ଭିନ୍ନ ଧର୍ମୀଙ୍କୁ ଶ୍ମଶାନ ମନା

**ପାଟଣା: ଏକ୍ସପ୍ରେସ ନ୍ୟୁଜ୍**

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଡୁମୁରିଆ ପଞ୍ଚାୟତ ବାଇଦବଜାରେ ଡିସେମ୍ବର ୧୬ ତାରିଖ ରାତି ୧୨ଟାରେ ଟିବି ରୋଗରେ ଆକ୍ରାନ୍ତ ହୋଇଥିବା ତଥା ଭିନ୍ନ ଧର୍ମ ଗ୍ରହଣ କରିଥିବା ମକୁରୁ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିଲା । ସେ ଭିନ୍ନ ଧର୍ମର ହୋଇଥିବାରୁ ସେତେବେଳ ଗାଁ ଶ୍ମଶାନରେ ଶେଷକୃତ୍ୟ କରିବାକୁ ତାଙ୍କ ଭାଇ ମିଚ଼ିରାୟଙ୍କୁ ବାରଣ କରାଯାଇଥିଲା । ଏହାପରେ ମୃତ୍ୟୁର ୩୫ଘଣ୍ଟା ପରେ ଡିସେମ୍ବର ୧୮ରେ ପୋଲିସ ଓ ପ୍ରଶାସନଙ୍କ ଉପସ୍ଥିତିରେ ନିଜ ଜମିରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ମକୁରୁଙ୍କ ମୃତ୍ୟୁର ୧୫ଦିନ ପରେ ମଙ୍ଗଳବାର ଅପରାହ୍ନରେ ମକୁରୁଙ୍କ ସମାଧି ନିର୍ମାଣକୁ ନେଇ ଉତ୍ତେଜନା ଓ ବିବାଦ ପୁନର୍ବାର ପ୍ରକାଶ ପାଇଥିଲା ।

ବୁଧବାର ପାଟଣା ତହସିଲଦାର ଅଶ୍ୱିନୀ କୁମାର ନାଏକଙ୍କ ଅଧକ୍ଷତାରେ ଅନାଥ ଆଶ୍ରମ ନିକଟରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଘଟଗାଁ ଥାନା ଅଧିକାରୀ ଶୁଭ୍ରାଂଶୁ କୁମାର ଜେନା, ଏସ୍‌ଆଇ ଅନୁପ କୁମାର ଲୁଗୁନ, ୱାର୍ଡମେମ୍ବର ବାବୁଲି ମୁଣ୍ଡାଙ୍କ ଉପସ୍ଥିତିରେ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ନିଷ୍ପତ୍ତି ହୋଇଥିଲା ଯେ, ମିଚ଼ରାୟ ନିଜ ଜମିରେ ମକରୁଙ୍କ ସମାଧି ନିର୍ମାଣ କରିବେ ତେବେ ତାଙ୍କ ଗାଁ ଶ୍ମଶାନରୁ ମାଟି ନେବେ । ସୂଚ଼ନା ଯେ, ମକୁରୁ ଓ ତାଙ୍କ ବଡ଼ ଭାଇ ମିଚ଼ରାୟ ୧ବର୍ଷ ପୂର୍ବେ ଅନ୍ୟ ଧର୍ମ ଗ୍ରହଣ କରିଥିବାରୁ ହିନ୍ଦୁମାନେ ନିଜ ସମାଧିସ୍ଥଳରେ ମୃତଦେହ ପୋତିବାକୁ ବିରୋଧ କରିଥିଲେ ।

# ଧାନ କିଣାରେ ଅନିୟମିତତା: ରାସ୍ତାରେ ଚାଷୀ

**ବୌଦ୍ଧ: ଏକ୍ସପ୍ରେସ ନ୍ୟୁଜ୍**

ସୋସାଇଟି ପକ୍ଷରୁ ଜରି ଅଖାରେ ଧାନ ନେବାକୁ ମନା କରାଯିବାରୁ ଏହାର ପ୍ରତିବାଦରେ ଚ଼ାଷୀ ରାସ୍ତାରୋକୋ କରିଛନ୍ତି । ସୂଚ଼ନା ମୁତାବକ ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକରେ ଗତ ୨୩ ତାରିଖଠାରୁ ପ୍ରଶାସନ ପକ୍ଷରୁ ଧାନ କିଣା ଶୁଭାରମ୍ଭ ହୋଇଛି । କିନ୍ତୁ ଆଜି ବାଣୀଭୁସନପୁର ସୋସାଇଟିରେ ଧାନକିଣା ଆରମ୍ଭ ହୋଇଥିଲା । ଟୋକନ ପାଇଥିବା ଚ଼ାଷୀମାନେ ଜରି ଅଖାରେ ଧାନ ଆଣିଥିଲେ । କିନ୍ତୁ ସୋସାଇଟି ପକ୍ଷରୁ ଜରି ଅଖାରେ ଧାନ ନ ନେବାକୁ ମନା କରିଥିଲେ । ଫଳରେ ଚ଼ାଷୀମାନେ ଚ଼ାରିଛକ – କୁସଙ୍ଗ ପୂର୍ତ୍ତ ରାସ୍ତା କରଞ୍ଜ କଟାଠାରେ ଅବରୋଧ କରିଛନ୍ତି । ଏଠରେ ପ୍ରଶ୍ନ ଉଠୁଛି ପୂର୍ବରୁ ପ୍ରଶାସନ ପକ୍ଷରୁ ଚ଼ାଷୀଙ୍କୁ କୌଣସି ସୂଚ଼ନା ଦିଆଯାଇ ନ ଥିଲା । ଯାହାକୁ ନେଇ ଚ଼ାଷୀ ମହଲରେ ଅସନ୍ତୋଷ ଦେଖାଦେଇଛି । ଘଟଣାସ୍ଥଳରେ ପୁରୁଣା କଟକ ପୋଲିସ ଓ ଅଧିକାରୀମାନେ ଉପସ୍ଥିତ ଅଛନ୍ତି । କିନ୍ତୁ ଚ଼ାଷୀଙ୍କ ଅନୁରୋଧ ଯେହେତୁ ଧାନ ସବୁ ଜରି ଅଖାଗୁଡ଼ିକରେ ଭର୍ତ୍ତି କରାଯାଇଛି । ଏଥର ନିଆଯାଉ ବୋଲି ଦାବିରେ ଅଡ଼ି ବସିଛନ୍ତି । ତୁରନ୍ତ ଜିଲାପାଳ ଦୃଷ୍ଟି ଦେବାକୁ ଚ଼ାଷୀ ମହଲରେ ଦାବି ହେଉଛି ।








































































# ଆଦିବାସୀ ପଡାରେ ମୌଳିକ ସୁବିଧା ଅପହଞ୍ଚ



**୩୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କେନ୍ଦ୍ର ଓ ରାଜ୍ୟ ସରକାର ଆଦିବାସୀ ସଂପ୍ରଦାୟ ଲୋକମାନଙ୍କ ପାଇଁ ଯୋଜନା ଉପରେ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ କଟକ ଜିଲ୍ଲା ମାହାଙ୍ଗା ବ୍ଲକରେ ଆଦିବାସୀ ବସ୍ତି ପାଇଁ ସରକାରଙ୍କ ଚରମ ଅବହେଳା ଯୋଗୁ ସେମାନଙ୍କ ପାଇଁ ମୌଳିକ ସୁବିଧା ଅପହଞ୍ଚ ହୋଇପଡିଛି ।

ପ୍ରକାଶ ଥାଉ କି ମାହାଙ୍ଗା ବ୍ଲକ କୁହୁଣ୍ଡା ପଞ୍ଚାୟତ କୁମୁଡା ହାଟ ନିକଟ ପଡିଆରେ ଆଜକୁ ୫୦ ବର୍ଷରୁ ଉର୍ଦ୍ଧ ହେବ ୨୫ ପରିବାରର ୧୨୦ରୁ ଉର୍ଦ୍ଧ୍ୱ ଲୋକ ରହି ଆସୁଛନ୍ତି । ହେଲେ ଏହି ଆଦିବାସୀ ବସ୍ତିର ବହୁ ଲୋକଙ୍କର ନା ଅଛି ଆଧାର, ନା ଅଛି ଭୋଟର ପରିଚୟ ପତ୍ର, ନା ମିଳିଛି ଭତା କି ଆବାସ ଯୋଜନା, ନା ଅଛି ରାସନ କାର୍ଡ । କେବଳ ସେତିକି ନୁହେଁ ଏହି ବସ୍ତିକୁ ଯାତାୟତ ନିମନ୍ତେ ଖଣ୍ଡେ ଭଲ ରାସ୍ତା ବି ନାହିଁ । ପାନୀୟଜଳ କଥା ନ କହିଲେ ଭଲ । ଗୋଟିଏ ନଳକୂପ ଉପରେ ବସ୍ତିର ସମସ୍ତ ଲୋକ ନିର୍ଭର କରିଥାନ୍ତି । ଖରାଦିନେ ଏହି ନଳକୂପର ପାଣି କମ ବାହାରୁ ଥିବାରୁ ପାଣି ଆଣିବା ପାଇଁ ବିରୂପା ନଦୀକୁ ଯିବାକୁ ପଡ଼େ । ଏଠାରେ ଭୂତଳ ପାଇପ ସଂଯୋଗୀକରଣ କରାଯାଇଥିବାବେଳେ ସେମାନଙ୍କୁ ଭୂତଳ ଜଳରୁ ବଞ୍ଚିତ କରାଯାଇଛି । ଏହି ବସ୍ତିର ବୃଦ୍ଧ, ବିଧବା ଲୋକଙ୍କ ପାଇଁ ପ୍ରଶାସନ ପକ୍ଷରୁ ଭତାଟିଏ ମିଳିବା ତାଙ୍କ ପାଇଁ ହୋଇଛି ସାତସପନ । ଏମାନେ ଭୂମିହୀନ ହୋଇଥିଲେ ମଧ୍ୟ ସେମାନଙ୍କ ନିମନ୍ତେ ଜାଗା ମିଶନରେ ଜାଗା ଖଣ୍ଡିଏ ବି ମିଳି ନାହିଁ । ସେମାନେ ଗୋଚର ଜମିରେ ଭଙ୍ଗା କୁଡିଆରେ ଜୀବନ ବିତାଉଛନ୍ତି । ପିଲାମାନଙ୍କ ପାଠ ପଢିବା ନିମନ୍ତେ ଏକ କିମିରୁ ଉର୍ଦ୍ଧ ମୂଳବସନ୍ତ ପଞ୍ଚାୟତ ହଂସଦିଆ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରକୁ ଏମାନଙ୍କୁ ଯିବାକୁ ପଡ଼େ । ଅଙ୍ଗନବାଡ଼ି କେନ୍ଦ୍ର ଦୂରରେ ରହିଥିବା ହେତୁ କୁନି କୁନି ପିଲାମାନଙ୍କ ପାଇଁ ଦୁର୍ଘଟଣା ଆଶଙ୍କା ଥିବାରୁ ସେମାନେ ପାଠ ପଢିବାକୁ ଅସୁବିଧାର ସମ୍ମୁଖିନ ହୁଅନ୍ତି । ବସ୍ତିରେ ସମସ୍ତଙ୍କର ଭଙ୍ଗା ଚାଳ ଛପର ଘରକୁ ଉପରେ ପଲିଥିନ ବାନ୍ଧି ଜୀବନ ବିତାଉଥିବା ବେଳେ ବାତ୍ୟା ଓ ବନ୍ୟା ସମୟରେ ଏମାନଙ୍କର ଦୁଃଖ ଆଖିରେ ନ ଦେଖିଲେ ବିଶ୍ୱାସ କରିହେବ ନାହିଁ । ଯେମିତି କି ଆବାସ ଯୋଜନା ଏହି ଆଦିବାସୀମାନଙ୍କ ପାଇଁ ସତେ ଯେମିତି ସାତସପନ ହୋଇ ପଡିଛି । ନିର୍ବାଚନ ଆସିଲେ ଭୋଟର ସଂଶୋଧନ ଓ ପଞ୍ଜୀକରଣ କାର୍ଯ୍ୟ କରୁଥିବାବେଳେ ସରକାରୀ ବାବୁମାନେ କିପରି ପଞ୍ଜୀକରଣ କରନ୍ତି ତାଙ୍କ ନାମ ୨୦ବର୍ଷରୁ ଉର୍ଦ୍ଧ ବୟସ ହୋଇଥିଲେ ମଧ୍ୟ ସେମାନଙ୍କର ଭୋଟର ପରିଚୟ ଓ ଆଧାର ନ ହେବା ଘଟଣାକୁ ନେଇ ଉଠିଛି ବଡ ପ୍ରଶ୍ନ । ଯାହାଫଳରେ ସେମାନେ ରାସନ କାର୍ଡ ଓ ବ୍ୟାଙ୍କ ଖାତା ପାଇବାରୁ ବଞ୍ଚିତ ହେଉଛନ୍ତି । ଛାତ୍ରଛାତ୍ରୀଙ୍କ ନିମନ୍ତେ ଆପାର ଆଇଡି କରାଯାଉଥିବାବେଳେ ବହୁ ଛାତ୍ରଛାତ୍ରୀଙ୍କ ଆଧାର କରାଯାଇନଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି । ସେହିପରି କୁମୁଡା ହାଟରେ ଥିବା କେଳା ବସ୍ତିର ପରିବାର ଏବଂ କଲ୍ୟାଣପୁର ବିଦ୍ୟାଳୟ ପଛ ପଟରେ ରହୁଥିବା ବହୁ ଆସିବାସୀ ପରିବାର ମୌଳିକ ସୁବିଓାରୁ ବଞ୍ଚିତ ହେଉଛନ୍ତି । ତେଣୁ ଗରିବ ଆଦିବାସୀ ପଡାର ବୃହତ ସ୍ୱାର୍ଥ ଦୃଷ୍ଟିରୁ ମୁଖ୍ୟମନ୍ତ୍ରୀ, ମାହାଙ୍ଗା ବିଧାୟକ, ଜିଲ୍ଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେଇ କୁହୁଣ୍ଡା ମଣି ପଡିଆ, କଲ୍ୟାଣପୁର ବିଦ୍ୟାଳୟ ପଛ ପଟ ଏବଂ କୁମୁଡା ହାଟ କେଳା ବସ୍ତିର ଆଦିବାସୀ ପଡାକୁ ମୌଳିକ ସୁବିଧା ଯୋଗାଇ ଦେବାକୁ ସାଧାରଣରେ ଦାବୀ ହୋଇଛି ।

## ଆଜିର ରାଶିଫଳ

| ତାରିଖ | ଗୁରୁବାର–ତ୍ରୟୋଦଶୀ |
|---|---|
| ୧.୧.୨୦୨୫ | ନକ୍ଷତ୍ର– ରୋହିଣୀ, ବୃଷଚନ୍ଦ୍ର |

| | |
|---|---|
| ମେଷ | ପଦଚ୍ୟୁତି ଘଟିବ । |
| ବୃଷ | ବ୍ୟବସାୟରେ ଆୟ ବୃଦ୍ଧି ପାଇବ । |
| ମିଥୁନ | ପୂର୍ବକଥାକୁ ନେଇ ମନସ୍ତାପ କରିବେ । |
| କର୍କଟ | କର୍ମକ୍ଷେତ୍ରରେ ସଫଳତା ପାଇବେ । |
| ସିଂହ | ସମ୍ମାନ ବୃଦ୍ଧି ପାଇବ । |
| କନ୍ୟା | ଦାନଧର୍ମରେ ମନ ବଳାଇବେ । |
| ତୁଳା | ଚୋରୀ ଭୟ ରହିଛି । |
| ବିଛା | ଶତ୍ରୁରେ ବିଜୟଲାଭ କରିବେ । |
| ଧନୁ | ନୂତନ ଚୁକ୍ତିପତ୍ର ସ୍ୱାକ୍ଷର କରିବେ । |
| ମକର | କାର୍ଯ୍ୟନାଶ ହେବ । |
| କୁମ୍ଭ | ଦେହ ଅସୁସ୍ଥ ହେବ । |
| ମୀନ | ଧନଲାଭ ହେବ । |

## ଧଳାଜହର ଜବତ, ଜଣେ ଗିରଫ

**ଖୋର୍ଦ୍ଧା, ୩୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବରୁଣେଇ ସାମନ୍ତରାପୁର ରୋଡ୍ ଥିବା ଏକ କଲ୍ୟାଣମଣ୍ଡପ ନିକଟରୁ ପୁଲିସ ଏକ ଧଳାଜହର ବେପାରୀକୁ ଗିରଫ କରିଛି । ତା' ଠାରୁ ୧୦ଗ୍ରାମ ଓଜନର ଧଳାଜହର ଜବତ କରିଛି । ଗିରଫ ଜଣକ ହେଲେ ବେଗୁନିଆ ମାଣିବନ୍ଧର ସୁଶାନ୍ତ କୁମାର ପାଇକରାୟ ଓରଫ୍ କାଲୁ (୩୬) ।

ପୁଲିସ ସୂଚନା ଅନୁସାରେ, ଆଜି ସୁଶାନ୍ତ ବ୍ରାଉନସୁଗର ନେଇ ବରୁଣେଇ ସାମନ୍ତରାପୁର ରୋଡ୍‌ରେ ଥିବା ଏକ କଲ୍ୟାଣମଣ୍ଡପ ନିକଟରେ କାହାକୁ ଅପେକ୍ଷା କରିଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା । ତାକୁ ଧରିବାକୁ ଏସପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଏସଡିପିଓ ନିହାର ରଞ୍ଜନ ପ୍ରଧାନ ଓ ଥାନା ଅଧିକାରୀ ଉମେଶ ସାହୁଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା । ଏସଆଇ ଅଶୋକ ମହାନ୍ତିଙ୍କ ନେତୃତ୍ୱରେ ଉକ୍ତ ଟିମ୍ ସେଠାରେ ଚଢଉ କରି ସୁଶାନ୍ତକୁ ଗିରଫ କରିଥିଲେ । ତାଠାରୁ ଧଳାଜହର ଜବତ କରିଥିଲେ । ଏସଆଇ ମହାନ୍ତିଙ୍କ ଅଭିଯୋଗ କ୍ରମେ ଶିଶ୍ୱାଞ୍ଚଳ ପୁଲିସ ୩୧୩/୨୦୨୫ରେ ଏନଡିପିଏସ୍ ଆଇନ୍ ଧାରା ୨୧(ବି) ଅଧିନରେ ଏକ ମାମଲା ରୁଜୁ କରି ସୁଶାନ୍ତକୁ ଗିରଫ ପରେ କୋର୍ଟ ଚାଲାଣ କରିଛି । ମାମଲାର ତଦନ୍ତ କାର୍ଯ୍ୟ ଏସ୍‌ଆଇ ସ୍ୱାଗତିକା ଦାସ କରୁଥିବାବେଳେ ଏହି ଚଢାଉରେ ଏସ୍.ଆଇ. ଅଶୋକ ମହାନ୍ତିଙ୍କ ସମେତ ଏଏସ୍‌ଆଇ ଭଗବାନ ସ୍ୱାଇଁ, ହାବିଲଦାର ବି.କେ. ପ୍ରତାପ ସିଂହ, କନଷ୍ଟେବଲ ପ୍ରଦୀପ କୁମାର ହରିଚନ୍ଦନ, କନଷ୍ଟେବଲ ଗୋପୀନାଥ ମଙ୍ଗରାଜ ଏବଂ ଓଏପିଏଫ୍/୩୭ ବିଜୟ କହଁର ପ୍ରମୁଖ ସାମିଲ ହୋଇଥିଲେ ।

## ପୋଖରୀରେ ବୁଡ଼ି ଯୁବକ ମୃତ

**କଳିଙ୍ଗନଗର, ୩୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ଯାଜପୁର ଜିଲ୍ଲା ଟମକା ଥାନା ଅଞ୍ଚଳର ବାଙ୍ଗରକୋଟା ଗ୍ରାମ ନିକଟରେ ଥିବା ପୋଖରୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଥିବା ଘଟଣା ସମଗ୍ର ଅଞ୍ଚଳରେ ଶୋକର ଛାୟା ପକାଇଛି । ଏନେଇ ଟମକା ଥାନାରେ ଅସ୍ୱାଭାବିକ ମୃତ୍ୟୁ ମାମଲା ନଂ–୧୦/୨୫ ରୁଜୁ କରାଯାଇଛି । ପୋଲିସ ସୂଚନା ଅନୁସାରେ, ଅଭିଯୋଗକାରୀ କେନ୍ଦୁଝର ଜିଲ୍ଲା ଘସିପୁରା ଥାନା ରେକୁଟିଆ ଗ୍ରାମର ଆନନ୍ଦ ଦେହୁରୀ ତାଙ୍କ ଲିଖିତ ଅଭିଯୋଗରେ ଜଣାଇଛନ୍ତି ଯେ ତାଙ୍କ ପୁଅ ଲକ୍ଷ୍ମଣ ଦେହୁରୀ (୨୯) ଗତ ୨୯.୧୨.୨୦୨୫ ତାରିଖରେ ବାଙ୍ଗରକୋଟା ଗ୍ରାମକୁ ମଜୁରୀ କାମ କରିବାକୁ ଯାଇଥିଲେ । ମଜୁରୀ କାମ ସାରି ଫେରୁଥିବା ବେଳେ ବାଙ୍ଗରକୋଟା ଗୋଠ ଛକରେ ଜଳଖିଆ ଖାଇ, ଛକ ପାଖରେ ଥିବା ପୋଖରୀରେ ହାତ ଧୋଇବାକୁ ଯାଇଥିଲେ । ସେଠାରେ ଅସାବଧାନତାବଶତଃ ତାଙ୍କ ପାଦ ଖସିଯାଇ ପୋଖରୀ ପାଣିରେ ପଡ଼ିଗଲେ । ପହଁରା ଜାଣିନଥିବାରୁ ସେ ପାଣିରେ ବୁଡ଼ିଯାଇଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ଲକ୍ଷ୍ମଣ ପାଣିରୁ ବାହାରକୁ ନ ଆସିବାରୁ ଘସିପୁରା ଦମକଳ କେନ୍ଦ୍ରକୁ ଖବର ଦିଆଯାଇଥିଲା । ଦମକଳ ବାହିନୀ ଦ୍ୱାରା ଖୋଜାଖୋଜି କରାଯାଇଥିଲେ ମଧ୍ୟ ସେହିଦିନ ଟଙ୍କାର ଖୋଜ ଖବର ମିଳିନଥିଲା । ଆଜି ସକାଳୁ ପୁନଃ ଦମକଳ ବାହିନୀ ଖୋଜାଖୋଜି କରି ପୋଖରୀ ଭିତରୁ ଲକ୍ଷ୍ମଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି ।

ଏହି ଘଟଣାକୁ ଆଧାର କରି ପୋଲିସ ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଘଟଣା ପରେ ମୃତକଙ୍କ ପରିବାରରେ ଶୋକ ପରିବେଶ ସୃଷ୍ଟି ହୋଇଛି ।

## ଜବରଦଖଲକାରୀଙ୍କ କବ୍‌ଜାରେ ସରକାରୀ ଜମି

**ବଲାଙ୍ଗୀର, ୩୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲା ଲୋଇସିଂହା ତହସିଲ ଅଞ୍ଚଳର ଅନେକ ସରକାରୀ ଜମି ଜବରଦଖଲକାରୀଙ୍କ କବ୍‌ଜାରେ ରହିଛ । ହେଲେ ଲୋଇସିଂହା ବ୍ଲକ୍ ପ୍ରଶାସନ ପକ୍ଷରୁ ଏକ ବିଚିତ୍ର ନୀତି ଦେଖିବାକୁ ମିଳିଛି । ଏହି ବ୍ଲକ୍ ହୀରାପୁର ପଞ୍ଚାୟତ ଅଧୀନ ମାଣ୍ଡିଆପଦର ଗ୍ରାମ ବରପାଲିପଡ଼ାରେ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ ସର୍ବସାଧାରଣରେ ବ୍ୟବହୃତ କଂକ୍ରିଟ ରାସ୍ତାକୁ ଚିହ୍ନଟ କରାଯାଇଛି । ଏହି ରାସ୍ତା ମଝିରେ ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ପାଇଁ ପିଲର ଗାତ ଖୋଳାଯାଇଛି । ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।

ସୂଚନା ଅନୁଯାୟୀ, ପ୍ରାୟ ୩ ବର୍ଷ ହେବ ବରପାଲିପଡ଼ା ଅଞ୍ଚଳର ଶିଶୁଙ୍କୁ ଶିକ୍ଷା ପ୍ରଦାନ ପାଇଁ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ଏକ ଅଙ୍ଗନବାଡି କେନ୍ଦ୍ର ଖୋଲାଯାଇଛି । ହେଲେ ଅଦ୍ୟାବଧି କେନ୍ଦ୍ରର ନିଜସ୍ୱ କୋଠାନାହିଁ । କେନ୍ଦ୍ରର କର୍ମୀ ନିଜ ଘରେ ସ୍ଥାନୀୟ ୧୧ ଜଣ ଶିଶୁଙ୍କୁ ଶିକ୍ଷା ପ୍ରଦାନ କରୁଛନ୍ତି । ବ୍ଲକ୍ ପ୍ରଶାସନ ପକ୍ଷରୁ ଏକ ଅଙ୍ଗନଓ୍ୱାଡି କେନ୍ଦ୍ର ନିର୍ମାଣ ପାଇଁ ଅନୁଦାନ ଅର୍ଥ ମଞ୍ଜୁର ହୋଇଛ । ଗ୍ରାମରେ ନିର୍ମାଣାଧୀନ ଥିବା ପାର୍କ ନିକଟରେ କେନ୍ଦ୍ର ନିର୍ମାଣ ପାଇଁ ଜାଗା ଚିହ୍ନଟ ହୋଇ ନିର୍ମାଣ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ହେଲେ ସେଠାରେ କେନ୍ଦ୍ର ନିର୍ମାଣ ନ କରି ବରପାଲିପଡ଼ା ଅଞ୍ଚଳରେ ପ୍ରଶାସନ ପକ୍ଷରୁ ପୁଣି ଜାଗା ଚିହ୍ନଟ କରାଯାଇଛି । ବରପାଲିପଡ଼ାର କଇଁରୁ ସାହୁଙ୍କ ଘର ନିକଟସ୍ଥ ବୁଲାଣି ରାସ୍ତାରେ ଫାଙ୍କା ଥିବା ଏକ ଜାଗା ଚିହ୍ନଟ ହୋଇଛି । କେନ୍ଦ୍ର ନିର୍ମାଣ ପାଇଁ କଂକ୍ରିଟ୍ ରାସ୍ତାର ୫ କଦମ ରାସ୍ତା ଉପରକୁ ଜାଗା ଚିହ୍ନଟ ହୋଇଛିଛ ଜାଗା ଚିହ୍ନଟ ପରେ କାମ ପାଇଥିବା ଠିକାଦାର କେନ୍ଦ୍ର ନିର୍ମାଣ ପାଇଁ ପିଲର ଗାତ ଖୋଳିଛନ୍ତି । ୯ଟି ଗାତ ମଧ୍ୟରୁ ୩ଟି ପିଲର ଗାତ କଂକ୍ରିଟ ରାସ୍ତା ଉପରେ ଖୋଳାଯାଇଛି । ଏହାଦ୍ୱାରା ଉକ୍ତ ରାସ୍ତାରେ ଯାନାବାହନ ଚଳାଚଳ ସମ୍ଭବ ହୋଇପାରୁନାହିଁ । ୨୬ ନମ୍ବର ଜାତୀୟ ରାଜପଥରୁ ବରପାଲିପଡ଼ା କଂକ୍ରିଟ୍ ରାସ୍ତା ଦେଇ ସଂଯୋଗ ଥିବା ମାଣ୍ଡିଆପଦର ଆର୍‌ଡି ରାସ୍ତାରେ ଲୋକେ ଯିବାଆସିବା କରୁଥିଲେଛ ୨ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେଲା ଏହି ବସ୍ତିରେ ଲୋକେ ବସବାସ କରୁଛନ୍ତି । ବ୍ଲକ୍ ପ୍ରଶାସନ ପକ୍ଷରୁ ଉକ୍ତ ରାସ୍ତାରେ ଲକ୍ଷାଧିକ ଟଙ୍କାବ୍ୟୟରେ ଅନେକଥର ରାସ୍ତା କଂକ୍ରିଟ୍ ହୋଇସାରିଛି । ଅଙ୍ଗନବାଡି କେନ୍ଦ୍ର ହେଲେ ରାସ୍ତା ବନ୍ଦ ହେବା ସମ୍ଭାବନା ଦେଖାଦେଇଛି । ଏଣୁ ସରକାରଙ୍କ ଲକ୍ଷାଧିକ ଟଙ୍କା ପାଣିରେ ପଡିଯିବ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଉକ୍ତ ଅଞ୍ଚଳରେ ଅନେକ ସରକାରୀ ଜମି ରହିଛି । ସେହି ସ୍ଥାନରେ ଚିହ୍ନଟ ନ କରି ପ୍ରଶାସନ ପକ୍ଷରୁ ରାସ୍ତାର ବୁଲାଣିଠାରେ ଅଧା କଂକ୍ରିଟ୍ ରାସ୍ତାକୁ ମାଡି ଅଙ୍ଗନବାଡି କେନ୍ଦ୍ର ନିର୍ମାଣ ମସୁଧା କରିବା ଦୁର୍ଭାଗ୍ୟର ବିଷୟ ବୋଲି ଓ୍ୱାର୍ଡସଭ୍ୟ କଇଁରୁ ସାହୁ, କାନ୍ଦରୀ ସାହୁ, ସଜନୀ ବେହେରା, ଅଭାଗିନୀ ସାହୁ ଓ କିଶୋରୀ କୁଅଁର ପ୍ରମୁଖ କହିଛନ୍ତି । ଏନେଇ ବିଡିଓ ଅକ୍ଷୟ ପାଣି ଉକ୍ତ କହିଛନ୍ତି, ବରପାଲିପଡ଼ାର ଶିଶୁଙ୍କ ସୁବିଧା ପାଇଁ ଉପଜିଲାପାଳଙ୍କ ନିର୍ଦ୍ଦେଶରେ ତହସିଲଦାର ଓ ରାଜସ୍ୱ ନିରୀକ୍ଷକଙ୍କ ଉପସ୍ଥିତରେ ସେହି ସ୍ଥାନକୁ ଚିହ୍ନଟ କରାଯାଇଛି । ରାସ୍ତା ବନ୍ଦ ହେବ ନାହିଁ । ବିକଳ୍ପ ରାସ୍ତା ପାଇଁ ମଧ୍ୟ ଯୋଜନା ହୋଇଥିବା ସେ କହିଛନ୍ତି ।

## କାର୍ ଓଲଟି ନାବାଳକ ମୃତ

**ସୁନ୍ଦରଗଡ଼, ୩୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ସୁନ୍ଦରଗଡ଼–ଏମସିଏଲ ରାସ୍ତା ବନ୍ଧପାଲି ଇବସେତୁ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ଫର୍ଚୁନର୍ କାର୍ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା । କାର୍ ତଳେ ଚାପି ହୋଇ ଜଣକର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ହୋଇଥିଲେ । ମୃତକ ହେଲେ ସମ୍ପନ୍ନ ପାଣିଗ୍ରାହୀ (୧୭) । ତାଙ୍କ ଘର ସୁନ୍ଦରଗଡ଼ ସହର ପତ୍ରାପଡ଼ାରେ । ବିଜୟ ଟକିଜରୋଡ୍‌ରେ ତାଙ୍କର ଏକ ରେଷ୍ଟୁରାଣ୍ଟ ରହିଥିବା ସୂଚନା ମିଳିଛି । ଗୁରୁତରଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ସଦରଥାନା ପୁଲିସ ତୁରନ୍ତ ଉଦ୍ଧାର କରି ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ପଠାଇଥିଲେଛ ସେଠାରୁ ପରିବାର ଲୋକେ ବରଗଡ଼ ବିକାଶ ହସ୍ପିଟାଲକୁ ନେଇଥିବା ସୂଚନା ମିଳିଛି ।

## ୨୦ ଫୁଟ ତଳକୁ ଖସିଲା ସ୍କର୍ପିଓ

**ଭଣ୍ଡାରିପୋଖରୀ, ୩୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମଞ୍ଜୁରୀରୋଡ ଫାଣ୍ଡି ଅନ୍ତର୍ଗତ ଛଞ୍ଚିଣା ରେବ ସେତୁ ଉପରୁ ଗତ ସୋମବାର ବିଳମ୍ବିତ ରାତ୍ରରେ ଏକ ସ୍କର୍ପିଓ ଖସି ପଡିଛି । ସୌଭାଗ୍ୟବଶତଃ ସ୍କର୍ପିଓରେ ଥିବା ୨ ଜଣ ଆରୋହୀ ସୁରକ୍ଷିତ ଥିବା ଜଣାଯାଇଛି । ବିବରଣୀରୁ ପ୍ରକାଶ ଯେ ସୋମବାର ରାତ୍ର ପ୍ରାୟ ଗୋଟାଏ ବେଳେ ସୋଲାପୁର ଗ୍ରାମର



ଦିପକ ଜେନା ଓ ଶରତ ଦାସ ଘରୋଇ କାର୍ଯ୍ୟରେ (ଓଡି ୦୧ଏ ଜେଡ ୫୯୬୫) ନଂ ସ୍କର୍ପିଓ ଯୋଗେ ବନ୍ତ ଯାଉଥିଲେ। ଘନ କୁହୁଡି କାରଣରୁ ଛଡାବର–ନିଳୋକ ପୁର୍ଭ ରାସ୍ତାର ଛଞ୍ଚିଣା ରାସ୍ତାର ସୁରକ୍ଷା ବାଡ ନଥିବା ରେବ ସେତୁ ଉପରୁ ସଂପୃକ୍ତ ସ୍କର୍ପିଓଟି ଭାରସାମ୍ୟ ହରାଇ ତଳକୁ ଖସିପଡିଥିଲା । ସ୍କର୍ପିଓଟି ଭାଙ୍ଗିରଜି ଯାଇଥିଲା। ମାତ୍ର ସୌଭାଗ୍ୟବଶତଃ ୨ ଜଣ ଆରୋହୀ ସୁରକ୍ଷିତ ଉଦ୍ଧାର ହୋଇଥିବା ଜଣାଯାଇଛି । ମଞ୍ଜୁରୀରୋଡ ଫାଣ୍ଡି ପୁଲିସ ସ୍କର୍ପିଓକୁ ଜବତ କରି ଫାଣ୍ଡିକୁ ଆଣିଥିବା ଜଣାଯାଇଛି । ଏହି ବିପଦସଙ୍କୁଳ ରେବ ସେତୁ ଏବେ ଦୁର୍ଘଟଣା ଜୋନ ପାଲଟିଛି । ସେତୁର ସୁରକ୍ଷା ବାଡ ନାହିଁ। ପୁର୍ତ୍ତ ବିଭାଗ ପକ୍ଷରୁ ରାସ୍ତାର ନବୀକରଣ କରାଯାଇଛି । ମାତ୍ର ସେତୁ ଅପେକ୍ଷାକୃତ ଅଣଚଉଡା ଥିବା, ସେତୁ ଆପ୍ରୋଚରେ ବୁଲାଣି ଥିବା, ସେତୁର ସୁରକ୍ଷା ବାଡ ନଥିବା କାରଣରୁ ବାରମ୍ବାର ଦୁର୍ଘଟଣା ଘଟୁଛି । ଗତ ଡିସେମ୍ବର ୧୦ ତାରିଖରେ ଜଣେ ସାଇକେଲ ହାରୋହୀ ଏହି ସେତୁ ଉପରୁ ତଳକୁ ଖସିପଡି ମୃତ୍ୟୁବରଣ କରିଥିଲେ । ଏହି ସେତୁର ନବୀକରଣ ପାଇଁ ବାରମ୍ବାର ଦାବି କରାଯାଇ ଅସୁଥିଲେ ହେଁ କର୍ତ୍ତୃପକ୍ଷଙ୍କ ଉଦାସୀନତା ପାଇଁ ଧନଜୀବନର କାରଣ ପାଲଟିଛି। ଏହାର ପ୍ରତିକାର କରିବାକୁ ସାଧାରଣରେ ଦାବି ହୋଇଛି ।

## ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରଙ୍କ ଧାରଣା ଯୋଗୁଁ ଚିକିତ୍ସାରେ ବ୍ୟାଘାତ

**ପୋଲସରା, ୩୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ବିଭିନ୍ନ ଦାବିକୁ ନେଇ ଓଡିଶା ଡାକ୍ତର ସଙ୍ଘର ରାଜ୍ୟବ୍ୟାପି ୧ ଘଣ୍ଟିଆ କାର୍ଯ୍ୟ ବନ୍ଦ ଆନ୍ଦୋଳନ ପାଇଁ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବାରେ ବ୍ୟାଘାତ ହେଉଥିବା ଦେଖିବାକୁ ମିଳିଛି । କେନ୍ଦ୍ର ଓ ରାଜ୍ୟ ସରକାର ଲୋକଙ୍କ ସ୍ୱାସ୍ଥ୍ୟର ଉନ୍ନତି ଆଣିବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଡାକ୍ତରଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହୋଇ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରୁନଥିବା ଅଭିଯୋଗ କରୁଛନ୍ତି । ଏନେଇ ଓଡ଼ିଶା ମେଡ଼ିକାଲ ସର୍ଭିସ ଆସୋସିଏସନ ପକ୍ଷରୁ ରାଜ୍ୟ ବ୍ୟାପୀ ଆନ୍ଦୋଳନ ଜାରି ହେଉଥିବା ବେଳେ ଗଞ୍ଜାମ ଜିଲ୍ଲା ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ସେହି ଅନୁରୂପ ଭାବେ କାର୍ଯ୍ୟରତ ଡାକ୍ତର କାର୍ଯ୍ୟ ବନ୍ଦ ଡାକ୍ତର ଦେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଯାହା ଗତ ୨୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦୈନିକ ସକାଳ ୧୦ ଘଣ୍ଟା ଠାରୁ ୧୧ ଘଣ୍ଟା ପର୍ଯ୍ୟନ୍ତ ସଂପୂର୍ଣ୍ଣ ଭାବେ ପୋଲସରା ମୁଖ୍ୟ ସ୍ୱାସ୍ଥ୍ୟ କେନ୍ଦ୍ରରେ ବହିର୍ବିଭାଗ ବନ୍ଦ ରହିବ । ଏଥିପାଇଁ ସମସ୍ତ କାର୍ଯ୍ୟରତ ଡାକ୍ତର ରୋଗୀଙ୍କ ପ୍ରମୁଖ ସେବାରୁ ନିଜକୁ ଏକ ଘଣ୍ଟା ନିବୃତ୍ତ ରଖିବା ପାଇଁ ସହଯୋଗ ଲୋଡ଼ିବା ସହିତ ସହଯୋଗ କରିବାକୁ ଅନୁରୋଧ ମଧ୍ୟ କରିଛନ୍ତି । ଉତ୍ତମ ସ୍ୱାସ୍ଥ୍ୟସେବା ପାଇବା ଆଶାରେ ଦୂରଦୂରାନ୍ତରୁ ଆସୁଥିବା ସମସ୍ତ ରୋଗୀ ଓ ରୋଗୀଙ୍କ ସଂପର୍କୀୟମାନେ ବର୍ତ୍ତମାନ ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି । ଖାସ୍ କରି କୌଣସି ନା କୌଣସି ରୋଗକୁ ନେଇ ଖାଲି ପେଟରେ ଆସୁଥିବା ବୃଦ୍ଧବୃଦ୍ଧା ଓ ଛୋଟ ଶିଶୁ ଏବଂ ଗର୍ଭବତୀ ମହିଳା ମାନେ ବେଶୀ ପ୍ରଭାବିତ ହେଉଛନ୍ତି ଡାକ୍ତର ବିନା ପରାମର୍ଶ ନପାଇ । ଏସବୁକୁ ନେଇ ପୋଲସରା ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରବଳ ଗହଳିଚହଳି ପରିଲକ୍ଷିତ ହେଉଥିବା ବେଳେ କାର୍ଯ୍ୟରତ ବିଶେଷଜ୍ଞ ଡାକ୍ତରଙ୍କୁ ନପାଇ ରୋଗୀ ଓ ରୋଗୀଙ୍କ ସଂପର୍କୀୟମାନେ ଜନ ଅସୋନ୍ତୋଷ ପ୍ରକାଶ କରିଥିଲେ । ସରକାର ଗୋଟିଏ ପଟେ ରୋଗୀଙ୍କ ସେବା କରିବା ନେଇ ଡାକ୍ତର ମାନଙ୍କ ଧର୍ମ କହୁଥିବା ବେଳେ ଅନ୍ୟପଟେ ରୋଗୀଙ୍କ ସେବାରେ ନିଜେ ଡାକ୍ତର ରୋଗୀ ହେଉଥିଲେ ମଧ୍ୟ ସେମାନଙ୍କ ସୁରକ୍ଷାକୁ ନେଇ କୌଣସି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଆଜି ପର୍ଯ୍ୟନ୍ତ ନିଆଯାଇ ନଥିବା ଅଭିଯୋଗ ହୋଇଛି । ଡାକ୍ତରଙ୍କ କହିବା ଅନୁସାରେ ସାରା ରାଜ୍ୟରେ ମଞ୍ଜୁରୀ ପ୍ରାପ୍ତ ପଦ ଅପେକ୍ଷା ପାଖାପାଖି ଅଧାରୁ ଅଧିକ ଡାକ୍ତର ପଦବୀ ଖାଲି ପଡ଼ିଛି । ଏହିସବୁ ପଦ ପଦବୀ ପୁରଣ କରିବା ସହିତ ସମୂହ ଡାକ୍ତରଙ୍କ ଡିଏସିପି ପୂରଣ, ଡିପିସି ପୁନର୍ବାର ଗଠନ, ଡାକ୍ତରମାନଙ୍କ କେଡ଼ର ଗଠନ କରିବା ଭଳି ୧୮ ଦଫା ଦାବି ଗୁଡ଼ିକକୁ ନେଇ ବହିର୍ବିଭାଗ ବନ୍ଦ ରଖିବା ନେଇ ଡାକରା ଦେଇଛନ୍ତି । ସରକାର ତୁରନ୍ତ ସ୍ୱାସ୍ଥ୍ୟସେବାର ଗୁରୁତ୍ୱକୁ ବୁଝି ରୋଗୀଙ୍କୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ନିମନ୍ତେ ଉଚିତ ପଦକ୍ଷେପ ନେବାକୁ ସର୍ବସାଧାରଣେ ପୋଲସରାବାସୀ ଦାବି କରିଛନ୍ତି ।

## ପଞ୍ଚାୟତକୁ ପୂରିବ ୯ ବର୍ଷ : କ୍ଲବ ଘରେ ଚାଲିଛି ପଞ୍ଚାୟତ କାର୍ଯ୍ୟାଳୟ

**ମାହାଙ୍ଗା, ୩୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାଜ୍ୟ ସରକାର ଗ୍ରାମାଞ୍ଚଳର ଲୋକମାନଙ୍କ ପାଇଁ ବିଭିନ୍ନ ଯୋଜନାକୁ ଗ୍ରାମ ପଞ୍ଚାୟତ ମାଧ୍ୟମରେ ସହଜରେ ଓ ସୁବିଧାରେ ପହଞ୍ଚାଇବା ପାଇଁ ବିଭିନ୍ନ ଯୋଜନା କରିଛନ୍ତି । ଏପରିକି ପଞ୍ଚାୟତଗୁଡିକୁ ଅଧିକାରୁ ଅଧିକ ଆର୍ଥିକ ସହାୟତା ଯୋଗାଇ ଦେବା ସହ ଏହାର ଭିତ୍ତିଭୂମି ବିକାଶ ପାଇଁ ଯୋଜନା କରାଯାଇଛି । କିନ୍ତୁ ଅନେକ କ୍ଷେତ୍ରରେ ପଞ୍ଚାୟତ ଗୁଡିକର ଭିତିଭୂମି ବିକାଶ ହୋଇ ପାରୁନଥିବାରୁ ସଂପୃକ୍ତ ଅଞ୍ଚଳର ଜନସାଧାରଣମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି ।



ପ୍ରକାଶ ଯେ ଗତ ୨୦୧୭ ମସିହା ଫେବୃୟାରୀ ମାସରେ ରାଜ୍ୟରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଏଥି ପୂର୍ବରୁ ଘୋଷଣା ହୋଇଥିବା ନୂତନ ପଞ୍ଚାୟତଗୁଡିକରେ ମଧ୍ୟ ନିର୍ବାଚନ ହୋଇଥିଲା । ମାହାଙ୍ଗା ବ୍ଲକ୍ ଅଞ୍ଚଳରେ ତିନୋଟି ନୂତନ ପଞ୍ଚାୟତ ଗଠିତ ହୋଇ ୩୪ ପଞ୍ଚାୟତରୁ ଏହା ମୋଟ ୩୭ଟି ପଞ୍ଚାୟତକୁ ବୃଦ୍ଧି ପାଇଥିଲା । ସେଥି ମଧ୍ୟରେ ପଣସପୁର, ଉଷୁମା ଓ ସାହାପୁର ଆଦି ୩ଟି ପଞ୍ଚାୟତ ନୂତନ ଭାବେ ଗଠନ ହେବା ସହ ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ କୁସୁପୁର ପଞ୍ଚାୟତରୁ ଅଲଗା ହୋଇ ପଣସପୁର, ନଡିଆସାହାସପୁର, ସାହାସପୁର, ଅକରପଡା, ସୋରଳ ଆଦି ଗ୍ରାମକୁ ନେଇ ପଣସପୁର ପଞ୍ଚାୟତ ଗଠିତ ହୋଇଅଛି । କିନ୍ତୁ ନଡିଆସାହାସପୁରଠାରେ ପୂର୍ବରୁ କୁସୁପୁର ପଞ୍ଚାୟତ କାର୍ଯ୍ୟାଳୟ ଥିଲା । ଏବେ ନୂତନ ଭାବେ ଗଠିତ ହୋଇଥିବା ପଣସପୁର ପଞ୍ଚାୟତର କାର୍ଯ୍ୟାଳୟ ନଡିଆସାହାସପୁର କାର୍ଯ୍ୟାଳୟରେ ଚାଲୁ ରହିଥିବା ବେଳେ କୁସୁପୁର ପଞ୍ଚାୟତ କାର୍ଯ୍ୟାଳୟ ଅସ୍ଥାୟୀଭାବେ କୁସୁପୁରଠାରେ ଥିବା ମଡର୍ଣ୍ଣ ରିକ୍ରେସନ କ୍ଲବ ଘର ପରିସରରେ ଚାଲୁଅଛି । ସେହିପରି ରାହାଣିଆ ପଞ୍ଚାୟତରୁ ଅଲଗା ହୋଇ ଉଷୁମା, ରଘୁନାଥନଗର, ଧାରପୁର, କଏରପୁର, ସଲରା ଆଦି ଗ୍ରାମକୁ ନେଇ ଉଷୁମା ପଞ୍ଚାୟତ ଗଠିତ ହୋଇଛି । ଏହି ନୂତନ ପଞ୍ଚାୟତର କାର୍ଯ୍ୟ ଅଧାରେ ରହିଅଛି । କିନ୍ତୁ ୧୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇ ଦୁଇ ବର୍ଷରୁ ଉର୍ଦ୍ଧ ଧରି ଅର୍ଥ ପଡି ରହିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହେଉନଥିବା ନେଇ ବଡ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏବେ ଉଷୁମାସ୍ଥିତ ଗୋକର୍ଣ୍ଣେଶ୍ୱର ମନ୍ଦିର ନିକଟରେ ଆମ ଗାଁ ଆମ ବିକାଶ ଗୃହରେ ପଞ୍ଚାୟତ କାର୍ଯ୍ୟ ଚାଲୁଅଛି । ସରକାରଙ୍କ ପକ୍ଷରୁ ଏହି ବ୍ଲକରେ ୩ଟି ନୂତନ ପଞ୍ଚାୟତ ହୋଇଥିଲେ ମଧ୍ୟ ସାହାପୁର ପଞ୍ଚାୟତରେ ଏବେ ପଞ୍ଚାୟତ କାର୍ଯ୍ୟ ଚାଲୁଥିବାବେଳେ ଅନ୍ୟ ଦୁଇଟି ପଞ୍ଚାୟତ ଅଧାଗଡାରେ ରହିଅଛି । ତେବେ ଜନସାଧାରଣଙ୍କ ବୃହତ ସ୍ୱାର୍ଥ ଦୃଷ୍ଟିରୁ ତୁରନ୍ତ କୁସୁପୁର ଠାରେ ଜାଗା ଚିହ୍ନଟ କରାଯାଇ ପଞ୍ଚାୟତ ଗୃହ ନିର୍ମାଣ କରିବା ପାଇଁ ପଞ୍ଚାୟତବାସୀ ଦାବୀ କରିଛନ୍ତି ।

## ପ୍ରାଥମିକ ଶିକ୍ଷାର ଦୟନୀୟ ଚିତ୍ର : ୬ଶ୍ରେଣୀରେ ୯ ଛାତ୍ରଛାତ୍ରୀ

**ଭଦ୍ରକ, ୩୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ମାତ୍ର ୯ଜଣ ଛାତ୍ରଛାତ୍ରୀଙ୍କୁ ନେଇ ଚାଲିଛି ସରକାରୀ ପ୍ରାଥମିକ ବିଦ୍ୟାଳୟ । ଶିଶୁବାଟିକାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏହି ୯ଜଣ ଛାତ୍ରଛାତ୍ରୀଙ୍କୁ ପଢାଉଛନ୍ତି ୨ଜଣ ଶିକ୍ଷକ । ପ୍ରାଥମିକ ଶିକ୍ଷାର ଏହିଭଳି ଏକ ଦୟନୀୟ ଚିତ୍ର ଦେଖିବାକୁ ମିଳିଛି ବନ୍ତ ବ୍ଲକ ତୋଫାବିବି କ୍ଲଷ୍ଟର ଅଧିନସ୍ଥ ପୁରୁଷଣ୍ଡ ପଞ୍ଚାୟତ ଅନ୍ତର୍ଗତ ମୁଣ୍ଡଳୀ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ । ୨୦୦୪ ମସିହାରେ ପ୍ରତିଷ୍ଠିତ ଏହି ପ୍ରାଥମିକ ବିଦ୍ୟାଳୟଟିରେ ବର୍ତ୍ତମାନ ତିଷ୍ଠି ରହିବାକୁ ସଂଗ୍ରାମ କରୁଛି । ସରକାରୀ ନିୟମ ଅନୁସାରେ ଏହା ବନ୍ଦ ହୋଇଯିବା ଅବସ୍ଥାକୁ ମଧ୍ୟ ଆସିଯାଇଛି । ୨୦ ଜଣରୁ କମ ପିଲା ହେଲେ ସ୍କୁଲ ଉଠିଯିବା କଥା ସେପରି ସ୍ଥଳେ ଏହାର ପିଲା ସଂଖ୍ୟା ମାତ୍ର ୯ । ଏହି ୯ ଜଣଙ୍କୁ ପଢାଉଛନ୍ତି ଦୁଇ ଜଣ ଶିକ୍ଷକ । ଖବରରୁ ଜଣାପଡ଼ିଛି ଚଳିତ ଶିକ୍ଷାବର୍ଷରେ ଶିଶୁବାଟିକାରୁ ଦ୍ୱିତୀୟ ଶ୍ରେଣୀ ପର୍ଯ୍ୟନ୍ତ ପିଲା ସଂଖ୍ୟା ଶୂନ ହୋଇଥିବା ବେଳେ ତୃତୀୟରେ ୧, ୪ର୍ଥରେ ୫ ଓ ୫ମ ଶ୍ରେଣୀରେ ପିଲା ସଂଖ୍ୟା ୩ । ଏହିପରି ଶିଶୁବାଟିକାରୁ ୬ଷ୍ଠ ଶ୍ରେଣୀ ପର୍ଯ୍ୟନ୍ତ ୬ଟି ଶ୍ରେଣୀରେ ସମୁଦାୟ ୯ ଜଣ ପିଲା ଅଧ୍ୟୟନ କରୁଛନ୍ତି । ପ୍ରାଥମିକ ଶିକ୍ଷାକୁ ଉନ୍ନତମାନର କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ବିଭିନ୍ନ ପ୍ରକାର ଯୋଜନାମାନ ପ୍ରଣୟନ କରିବା ସହ ସର୍ବଶିକ୍ଷା ଅଭିଯାନ ମାଧ୍ୟମରେ ମାଗଣା ବହି, ପୋଷାକ ଓ ଖାଦ୍ୟ ଯୋଗାଇ ଦେଉଥିବା ସ୍ଥଳେ ପିଲାଙ୍କ ସଂଖ୍ୟା ହ୍ରାସ ପାଇବା ସରକାରଙ୍କ ଦୂର ଦୃଷ୍ଟିର ଅଭାବକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ସରକାରୀ ଶିକ୍ଷା ବ୍ୟବସ୍ଥାର ଦୟନୀୟ ଅବସ୍ଥାକୁ ଦେଖି ସମସ୍ତେ ଘରୋଇ ସ୍କୁଲ ମୁହାଁ ହେବାକୁ ଲାଗିଛନ୍ତି । ବହୁସ୍ଥାନରେ ସରକାରୀ ବିଦ୍ୟାଳୟରେ ନାମ ଲେଖାଇ ଘରୋଇ ବିଦ୍ୟାଳୟରେ ଶିକ୍ଷାଲାଭ କରୁଥିବାର ଦୃଷ୍ଟାନ୍ତ ଦେଖିବାକୁ ମିଳିଛି । ଏଠାରୁ ପ୍ରାୟ ୧କି.ମି. ମିଟର ଦୂରରେ ଦୁଇଟି ବିଦ୍ୟାଳୟ ଯଥା ଆପ୍ତିରା ଓ ରଇଁତରା




ରହିଥିବାରୁ ଏଠାରୁ ପିଲା ଯାଇ ସେଠାରେ ଶିକ୍ଷାଲାଭ କରୁଥିବାରୁ ଏହାର ପିଲାସଂଖ୍ୟା ହ୍ରାସ ପାଉଥିବାର ଜଣାପଡ଼ିଛି । ଏଥିସହ ଆଗରପଡ଼ା ଠାରେ ଶିଶୁମନ୍ଦିର ସହ ଇଂରାଜୀ ମିଡ଼ିୟମ ସ୍କୁଲ ମଧ୍ୟ ଥିବାରୁ ପିଲାସଂଖ୍ୟା ହ୍ରାସ ପାଉଛି । ବିଭିନ୍ନ ବ୍ୟକ୍ତି ବିଶେଷଙ୍କୁ ଯୋଗାଯୋଗ କରିବାରୁ ସେ କହନ୍ତି ପିଲାମାନେ ଘରୋଇ ଶିକ୍ଷାନୁଷ୍ଠାନ ପ୍ରତି ଆକୃଷ୍ଟ ହେବା ଯୋଗୁଁ ଦିନକୁ ଦିନ ସରକାରୀ ବିଦ୍ୟାଳୟରେ ପିଲାସଂଖ୍ୟା ହ୍ରାସ ପାଇବାରେ ଲାଗିଛି । ତତ୍‌ସହିତ ସରକାରୀ ବିଦ୍ୟାଳୟରେ ପାଠପଢା ସହ ଅନ୍ୟାନ୍ୟ ଦାୟିତ୍ୱ ଶିକ୍ଷକମାନଙ୍କୁ ବହନ କରିବାକୁ ପଡୁଥିବାରୁ ଏହି ସମସ୍ୟା ଉପୁଜୁଥିବାର ମଧ୍ୟ ଜଣାପଡ଼ିଛି । ବିଦ୍ୟାଳୟଟିର ୫ଟି ଶ୍ରେଣୀ ପାଇଁ ୩ଟି କୋଠରୀରେ ରହିବା ସହ ଏକ ଅଫିସ ଗୃହ ଓ ରୋଷେଇ ଗୃହ ମଧ୍ୟ ଉପଲବ୍ଧ ଅଛି । କିନ୍ତୁ ବର୍ତ୍ତମାନ ସମୁଦାୟ ୯ ଜଣ ପିଲା ଥିବାରୁ ଦୁଇ ଜଣ ଶିକ୍ଷକ କିପରି ଅଧ୍ୟାପନା କାର୍ଯ୍ୟ ସମ୍ପାଦନ କରୁଥିବେ ତାହା ସହଜରେ ଅନୁମେୟ ।

ପ୍ରାପ୍ତ ସୂଚନା ଅନୁଯାୟୀ ଉକ୍ତ ବିଦ୍ୟାଳୟରେ ନୂତନ ଶିକ୍ଷା ବର୍ଷରେ ପୁରୁଣା ପାଚିକାଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପରେ ପାଚିକା ଚୟନ କରାଯାଇ ନିୟମାନୁସାରେ ନୂଆ ପାଚିକା ନିଯୁକ୍ତି କରାଗଲା କିନ୍ତୁ କିଛି ଅଭିଭାବକ ପାଚିକା ନିଯୁକ୍ତିରେ ଅସନ୍ତୋଷ ବ୍ୟକ୍ତ କରିବା ସହ ସେମାନଙ୍କ ପିଲାଙ୍କୁ ଅନ୍ୟତ୍ର ନାମ ଲେଖାଇଥିବାରୁ ଏହିଭଳି ସମସ୍ୟା ଉପୁଜିଥିବା ଜଣାପଡ଼ିଛି । ପାଠପଢା ଚାଲିବା ସହ ଶିକ୍ଷକମାନଙ୍କୁ ସରକାରଙ୍କ ଦ୍ୱାରା ପ୍ରଦତ୍ତ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଛାତ୍ରଛାତ୍ରୀଙ୍କ ଜାତିଗତ ପ୍ରମାଣ ପତ୍ର ଯୋଗାଡ଼ କରିବା, ମଧ୍ୟାହ୍ନ ଭୋଜନ ଦାୟିତ୍ୱ ସମ୍ପାଦନ କରିବା, ବିଦ୍ୟାଳୟ ମରାମତି ଓ ନିର୍ମାଣ କରିବା, ଛାତ୍ରଛାତ୍ରୀଙ୍କ ଆଧାରକାର୍ଡ଼ ପ୍ରସ୍ତୁତିରେ ସହଯୋଗ କରିବା ପ୍ରଭୃତି ଦାୟିତ୍ୱ ଅର୍ପଣ କରାଯାଉଛି ତେଣୁ ଜଣେ ଶିକ୍ଷକଙ୍କୁ ପାଠପଢା ସହିତ ଏତେ ଗୁଡ଼ାଏ ଦାୟିତ୍ୱ ଦିଆଗଲେ ପାଠପଢା କିପରି ହୋଇପାରିବ ତାହା ସହଜରେ ଅନୁମେୟ । ଏହି ବିଦ୍ୟାଳୟ ଗୃହ ନିର୍ମାଣ ପାଇଁ ଲକ୍ଷାଧିକ ଟଙ୍କା ବ୍ୟୟ କରାଯାଇଛି ଓ ଏଠାରେ ଅବସ୍ଥାପିତ ୨ଜଣ ଶିକ୍ଷକ ମଧ୍ୟ ଦରମା ପ୍ରତିମାସ ପାଉଛନ୍ତି । ମାଗଣା ଖାଦ୍ୟ ପ୍ରଦାନ ପାଇଁ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ଏଥି ନିମନ୍ତେ ଉପୁଜୁଥିବା ସମସ୍ୟାର ସମାଧାନ ବିଭାଗ ଦ୍ୱାରା କରାଯାଉନଥିବାରୁ ବହୁ ବିଦ୍ୟାଳୟରେ ଆବଶ୍ୟକୀୟ ପିଲା ପାଠ ପଢିବା ପାଇଁ ନାହାଁନ୍ତି । ଶିକ୍ଷାର ଉନ୍ନତି ପାଇଁ ସରକାର ଡ଼ିଣ୍ଡିମ ପିଟୁଥିବା ବେଳେ ଆବଶ୍ୟକୀୟ ପିଲାନଥାଇ ବିଦ୍ୟାଳୟ ଖୋଲା ହେବାର ମାନେ କିଛି ନାହିଁ । କେବଳ ଅର୍ଥଶ୍ରାଦ୍ଧ ହେବା ସାର ହେଉଛି । ଭବିଷ୍ୟତରେ ଏହି ବିଦ୍ୟାଳୟରେ ପିଲା ସଂଖ୍ୟା ବୃଦ୍ଧି ପାଇବା କି ହ୍ରାସ ତାହା ଅନ୍ଧାର ଘେରରେ ରହିଛି । ଅନେକ ସ୍ଥାନରେ ବିଦ୍ୟାଳୟ ନଥିବାରୁ ଛୋଟଛୋଟ ପିଲାମାନେ ଚାଲିଚାଲି ଦୂର ବିଦ୍ୟାଳୟକୁ ପଢିବା ପାଇଁ ଯାଉଛନ୍ତି । ମାତ୍ର ସେପରି ସ୍ଥଳେ ପ୍ରାୟ ୧କି.ମି. ମଧ୍ୟରେ ୨ଟି ବିଦ୍ୟାଳୟ ଖୋଲାଯାଇଛି । ତେଣୁ ଚଳନ୍ତି ଶିକ୍ଷା ବ୍ୟବସ୍ଥାକୁ ପ୍ରହସନରେ ପରିଣତ ନକରି ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀମାନଙ୍କ ପକ୍ଷରୁ ଦାବି ହେଉଛି ।

ଦୁର୍ନୀତି ବିକାଶର ବାଧକ– ଏକଥା ସମସ୍ତେ ଜାଣନ୍ତି । ଆପଣ ନିଜେ ଦୁର୍ନୀତିମୁକ୍ତ କି ନୁହଁନ୍ତି ଏକଥା ଥରେ ପରଖି ନିଅନ୍ତୁ । ନିଜକୁ ଏବଂ ନିଜ ଆଚରଣକୁ ସୁଧାରି ନିଅନ୍ତୁ, ଯଦି ଏହା ଅନ୍ୟମାନଙ୍କ ପାଇଁ ଗ୍ରହଣୀୟ ହେଉନାହିଁ । ଆପଣ ନୀତିନିଷ୍ଠ ହେଲେ ଏହାର ପ୍ରଭାବ ଆପଣଙ୍କ ପିଲାମାନଙ୍କ ଉପରେ ନିଶ୍ଚେ ପଡ଼ିବ । ଅନ୍ୟକୁ ଆଙ୍ଗୁଠି ଦେଖାଇବା ପୂର୍ବରୁ ନିଜକୁ ପରଖି ନିଅନ୍ତୁ । ପିଲାମାନେ ଯେ ଆପଣଙ୍କ ଛଳନାକୁ ଭରିପାଆନ୍ତି ଏକଥା ଭାବିବାର ଭୁଲ୍ କରନ୍ତୁ ନାହିଁ । ପରିବେଶ ପ୍ରଦୂଷଣ ଧୀରେଧୀରେ ଅଣାୟତ୍ତ ହେବାକୁ ଲାଗିଛି । ଏଥିପାଇଁ ଆମେ ନିଜେ କ'ଣ କରିପାରିବା ସେ ଦିଗକୁ ଗୁରୁତ୍ୱ ଦିଅନ୍ତୁ । ପାଦଚଲା ଦୂରତା ପାଇଁ ଗାଡ଼ିଘୋଡ଼ାର ବ୍ୟବହାରକୁ ବନ୍ଦ କରନ୍ତୁ ।


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ | ଭୁବନେଶ୍ୱର | ୧ ଜାନୁଆରୀ, ୨୦୨୬ | ଗୁରୁବାର


# ଓଡ଼ିଶା ଏକ୍ସପ୍ରେସ୍

## ଇଂରାଜୀ ନୂଆବର୍ଷର ଅନେକ ଅନେକ ଶୁଭେଚ୍ଛା

୨୦୨୬ ଆପଣଙ୍କ ମନଲାଖି ବର୍ଷ ହେଉ । ସୁସ୍ଥତା ଆଣିଦେଉ– ହସ ଭରିଦେଉ ପ୍ରାଣରେ, ସେ ହସ ଉଚ୍ଛୁଳିଆସୁ ମୁହଁରୁ । ସୁସ୍ଥ ରହିବା ଆଜିର ଦିନରେ ସମସ୍ତଙ୍କ ପାଇଁ ଏକ ବଡ଼ ପ୍ରାପ୍ତି । ସବୁ ଅୟସଆରାମକୁ ହାସଲ କରିବା ପରେ ବି ଆପଣ ଯଦି ସୁସ୍ଥ ନରହିଲେ ତା'ହେଲେ ସବୁ ମାଟି । ହାତରେ ପୁଳାପୁଳା ଟଙ୍କା ଥିଲେ ଯେ ସୁସ୍ଥ ରହିହେବ ଏଭଳି ସମ୍ଭାବନା ବୋଧେ ନାହିଁ । ଖୁସିକୁ ଉପଭୋଗ କରିବା ପାଇଁ ଏକ ସୁସ୍ଥ ଶରୀର ଏବଂ ମନର ଆବଶ୍ୟକତା ରହିଛି, ତେଣୁ ଆପଣଙ୍କ ସୁସ୍ଥତା କାମନା କରୁଛି ।

ଏବର୍ଷ ଏବଂ ଆଗାମୀ ବର୍ଷମାନଙ୍କରେ ଆପଣ ସୁସ୍ଥ ଥାଆନ୍ତୁ, ପ୍ରାଚୁର୍ଯ୍ୟ ଏବଂ ଅୟସଆରାମର ପ୍ରତିଟି ସାଧନକୁ ଅକ୍ତିଆର କରିବା ପାଇଁ ଝାଳନାଳ ହୋଇ ଦୌଡନ୍ତୁ ନାହିଁ । କ୍ଲାନ୍ତି ଆସିବାକୁ ଦିଅନ୍ତୁ ନାହିଁ ଜୀବନରେ । କ୍ଲାନ୍ତ ଖୁସିକୁ ଦୂରେଇ ଦିଏ। ପରିବାର ପାଇଁ କିଛି ସମୟ ସଂଚନ୍ତୁ, ପିଲାଙ୍କ ସହିତ ସମୟ ବିତାଇବା ପାଇଁ ଭୁଲନ୍ତୁ ନାହିଁ ।

ଆମେ ଯାହା ଚାହୁଁ, ଯେଉଁସବୁ ସ୍ୱପ୍ନ ଦେଖୁ ତାହା ସବୁବେଳେ ସାକାର ହୁଏନାହିଁ । ସେଥିପାଇଁ ଭାଙ୍ଗିପଡନ୍ତୁନି । ବିଫଳତା ସଫଳତା ପାଇଁ ବାଟ କଢ଼ାଏ । ଆମକୁ ଅଧିକ ଅଭିଜ୍ଞ କରାଯାଏ ବିଫଳତା। ତେଣୁ ଚେଷ୍ଟା ଜାରି ରଖନ୍ତୁ, ସଫଳତା ନିଶ୍ଚେ ମିଳିଯିବ ।

ଖୁସି ରୁହନ୍ତୁ– ଅନେକ ରୋଗ ଭଲ ହୋଇଯିବ । ଖୁସି ନିଜେ ଆସି ଧରାଦିଏନି, ତାକୁ ଖୋଜିବାକୁ ପଡ଼େ । ଅନେକ ବଡ଼ ବଡ଼ ଆଶା ରଖନ୍ତୁ, କିନ୍ତୁ ଅଳ୍ପରେ ସନ୍ତୁଷ୍ଟ ହେବାକୁ ଚେଷ୍ଟା କରନ୍ତୁ, ଦେଖିବେ ଖୁସି ଆପଣାଛାଏଁ ଧରାଦେବ ।

ହଁ, ବିଗତବର୍ଷମାନଙ୍କରେ ଆପଣଙ୍କ ଜାଣତରେ ଏବଂ ଅଜାଣତରେ ହୋଇଥିବା ତ୍ରୁଟିକୁ ସୁଧାରି ନିଅନ୍ତୁ । ମଣିଷଙ୍କୁ ଆପଣାଇ ନିଅନ୍ତୁ । ଯେଉଁମାନଙ୍କ ସହିତ ଆପଣଙ୍କର ମନାନ୍ତର, ମତାନ୍ତର ଥିଲା ବିଗତବର୍ଷ, ଏବର୍ଷ ସେମାନଙ୍କୁ କୋଳେଇ ନିଅନ୍ତୁ ମନଖୋଲା ହସରେ ।

ଆମ ଭାଷା, ସାହିତ୍ୟକୁ ମନପ୍ରାଣରେ ଭଲ ପାଆନ୍ତୁ । ପିଲାଙ୍କୁ ଇଂରାଜୀ ମାଧ୍ୟମ ସ୍କୁଲରେ ପଢ଼ାନ୍ତୁ ମନାନାହିଁ, କିନ୍ତୁ ସେମାନେ କିଭଳି ନିଜ ଭାଷାକୁ ଚିହ୍ନିବେ, ଭଲ ପାଇବେ ସେ ଦିଗକୁ ଅଣଦେଖା କରନ୍ତୁ ନାହିଁ । ଓଡ଼ିଆ ପତ୍ରପତ୍ରିକା ଘରକୁ ଆଣନ୍ତୁ– କିଣନ୍ତୁ । ଓଡ଼ିଆ ଭାଷାର ପ୍ରଚାର ପ୍ରସାରରେ ଆପଣଙ୍କର ମଧ୍ୟ କିଛି ଅବଦାନ ଏବଂ ଦାୟିତ୍ୱ ରହୁ । ଶାସ୍ତ୍ରୀୟ ମାନ୍ୟତା ବଜାୟ ରହୁ ଚିରଦିନ ପାଇଁ ।

ଦୁର୍ନୀତି ବିକାଶର ବାଧକ– ଏକଥା ସମସ୍ତେ ଜାଣନ୍ତି । ଆପଣ ନିଜେ ଦୁର୍ନୀତିମୁକ୍ତ କି ନୁହଁନ୍ତି ଏକଥା ଥରେ ପରଖି ନିଅନ୍ତୁ । ନିଜକୁ ଏବଂ ନିଜ ଆଚରଣକୁ ସୁଧାରି ନିଅନ୍ତୁ, ଯଦି ଏହା ଅନ୍ୟମାନଙ୍କ ପାଇଁ ଗ୍ରହଣୀୟ ହେଉନାହିଁ ।

ଆପଣ ନୀତିନିଷ୍ଠ ହେଲେ ଏହାର ପ୍ରଭାବ ଆପଣଙ୍କ ପିଲାମାନଙ୍କ ଉପରେ ନିଶ୍ଚେ ପଡ଼ିବ । ଅନ୍ୟକୁ ଆଙ୍ଗୁଠି ଦେଖାଇବା ପୂର୍ବରୁ ନିଜକୁ ପରଖି ନିଅନ୍ତୁ । ପିଲାମାନେ ଯେ ଆପଣଙ୍କ ଛଳନାକୁ ଭରିପାଆନ୍ତି ଏକଥା ଭାବିବାର ଭୁଲ୍ କରନ୍ତୁ ନାହିଁ ।

ପରିବେଶ ପ୍ରଦୂଷଣ ଧୀରେଧୀରେ ଅଣାୟତ୍ତ ହେବାକୁ ଲାଗିଛି । ଏଥିପାଇଁ ଆମେ ନିଜେ କ'ଣ କରିପାରିବା ସେ ଦିଗକୁ ଗୁରୁତ୍ୱ ଦିଅନ୍ତୁ । ପାଦଚଲା ଦୂରତା ପାଇଁ ଗାଡ଼ିଘୋଡ଼ାର ବ୍ୟବହାରକୁ ବନ୍ଦ କରନ୍ତୁ । ଟ୍ରାଫିକ୍ ଜାମ୍ ବଢ଼ାଇବାରେ ଆପଣଙ୍କର ଅବଦାନ ନରହୁ । ଆମେ ନିଜେ ସଚେତନ ହେଲେ ପରିବେଶ ଅନେକ ପ୍ରଦୂଷଣମୁକ୍ତ ହୋଇପାରିବ ।

ଶେଷରେ ଆଉଥରେ ନୂଆବର୍ଷର ଅନେକ ଅନେକ ଶୁଭେଚ୍ଛା ଓ ଶୁଭକାମନା । ସୁସ୍ଥ ଥାଆନ୍ତୁ, ଭଲରେ ଥାଆନ୍ତୁ । ସମସ୍ତେ କିଭଳି ଭଲରେ ରହିବେ ସେକଥା ମଧ୍ୟ ଚିନ୍ତା କରନ୍ତୁ । ବସୁଧୈବକୁଟୁମ୍ବକମ୍ ଏ ବାର୍ତ୍ତାକୁ ସଫଳ କରାନ୍ତୁ ।

# ଏଇଧରଣର ଲୋକଙ୍କ ତାଲିକା ବେଶ୍ ଲମ୍ବା...

## ସତ କହିବାକୁ କିଆଁ ଡରିବି

◆ ଅମ୍ବିକା ପ୍ରସାଦ ଦାସ ◆

**ଅଦୃଶ୍ୟ ଶକ୍ତିଙ୍କ ଏଇ ତିନୋଟି ଚମତ୍କାରିତାର ଅବତାରଣା କଲା ପରେ ଆତ୍ମୀୟଙ୍କୁ ପାଲଟା ପଚାରିଥିଲି- ଏବେ ବୁଝିଲେ ତ? କିଏ ଚଳାଉଛନ୍ତି, କେମିତି ଚଳାଉଛନ୍ତି!!! ତାଙ୍କ ଉପରେ ଭରସା ଓ ବିଶ୍ୱାସ ଦୃଢ ଥିଲେ ଏଇ ଦୁଇଗୋଡ଼ିଆ ମଣିଷଙ୍କ ପାଖରେ ଗୋଡ ଭାଙ୍ଗିବାର ନା ଆବଶ୍ୟକତା ଅଛି ନା ନ୍ୟୂନ ହୋଇ ଆତ୍ମସମ୍ମାନ ସହ ସାଲିସ କରିବାର ଦରକାର ପଡିଛି !!! ବରଂ ନିଜକୁ ଶକ୍ତିଶାଳୀ ମନେକରି ଭଗବତ୍ ଆଶ୍ରିତଙ୍କ ପ୍ରତି ଅଯଥା ଅନ୍ୟାୟ ଅବିଚାର କରି କଷ୍ଟ ଦେଇଥିବା ପଦାଧିକାରୀଙ୍କର ଯେ କେତେବେଳେ ଶକ୍ତିହରଣ ହୋଇଯାଇଛି ତାହା ସେମାନେ ନିଜେ ବି ବୁଝିପାରିନାହାନ୍ତି । ଏଇଧରଣର ଲୋକଙ୍କ ତାଲିକା ବେଶ୍ ଲମ୍ବା, ଯାହାର ଆଲୋଚନା ବାରାନ୍ତରେ...**

ଦୀର୍ଘ ବ୍ୟବଧାନରେ ଆମ ଘରକୁ ଆସିଥିବା ମୋର ଜଣେ ଆତ୍ମୀୟ ସେଦିନ କହିଲେ- ଗୋଟେ କଥା ଅନେକ ଦିନରୁ ପଚାରିବାକୁ ଇଚ୍ଛା ହେଉଥିଲେ ବି ପଚାରିପାରିନି । ଯଦି କିଛି ନଭାବିବ ତେବେ ପଚାରିବି ।

ମୁଁ କହିଲି–ଯଦି ଆପଣଙ୍କ ପ୍ରଶ୍ନର ଉତ୍ତର ମୋ' ପାଖେ ଥିବ ନିଶ୍ଚେ ଦେବି ।

ଆତ୍ମୀୟ ପଚାରିଲେ–ତୁମକୁ ତ ମୁଁ ମନ୍ତ୍ରୀ କରିଡରରେ କି ଯନ୍ତ୍ରୀଙ୍କ ଆଖପାଖରେ ଅଥବା ତଥାକଥିତ ବିତ୍ତଶାଳୀଙ୍କ ଚାରିପାଖେ ଲସରପସର ହେବାର ଦେଖୁନି, କେମିତି ଚଳଉଛ ଏତେ ବଡ ସଂସ୍ଥା? ରହସ୍ୟ କ'ଣ?

ମୁଁ କହିଲି– ସେଇ ରହସ୍ୟମୟ ଭଗବାନ ହିଁ ଏହା ପଛର ରହସ୍ୟ। ଯିଏ ଦେଖାଯାଉନାହାନ୍ତି ଚର୍ମ ଚକ୍ଷୁରେ, ହେଲେ ସେ ହିଁ ଅନ୍ତରାଳେ ରହି ସବୁ କରୁଛନ୍ତି ।

ମୋ ଉତ୍ତର ତାଙ୍କୁ ସେତେଟା ସନ୍ତୁଷ୍ଟ କରିପାରିଲାନି ବୋଧେ। ସେଥିଲାଗି ପୁଣି ପ୍ରଶ୍ନିଳ ଦୃଷ୍ଟିରେ ଚାହିଁଲେ ସେ ।

ମୁଁ କହିଲି– ଗତ ତିନିଦଶନ୍ଧି ଭିତରେ ଗୋଟିଏ ନୁହେଁ ଏମିତି ଅନେକ ଘଟଣା ଘଟିଛି ଯେଉଁଠି ସ୍ପଷ୍ଟ ଅନୁଭବ କରିଛି ଭଗବତ୍ ସତ୍ତାକୁ । ଆପଣ ହୁଏତ ବୁଝିପାରିବେନି । କେବଳ ଏତିକି କହିବି ଆମର ଭାବନାର ସୀମା ଯେଉଁଠି ଶେଷ ହୁଏ, ସେଇଠି ହିଁ କରନ୍ତି ସେ ଚମତ୍କାର।

କେତୋଟି ଅଙ୍ଗେନିଭା ଘଟଣାର ଅବତାରଣା କରିଥିଲି ତାଙ୍କ ଆଗରେ ।

ସରକାରୀ ବ୍ୟବସ୍ଥାରେ ଆମ ସଂସ୍ଥା ଲାଗି କିଛିଟା ସୁଯୋଗ ଥିଲେ ହେଁ ନିର୍ଦ୍ଦିଷ୍ଟ ଅଧିକାରୀ ଉଦ୍ଦେଶ୍ୟମୂଳକ ଭାବେ ଆମକୁ ହରକତ କରୁଥିଲେ । ଆମେ ସବୁ ଜାଣିପାରୁଥିଲେ ବି କିଛି କରିବାର ଶକ୍ତି ନଥିଲା ଆମ ପାଖରେ । ରାଜଧାନୀରେ ଥିବା ଏଇ ଦପ୍ତରରୁ କିପରି ନ୍ୟାୟ ମିଳିବ ସେଥି ନେଇ ଘାଣ୍ଟିଚକଟି ହେଉଥିଲେ ହେଁ ବାଟ ଦିଶୁନଥିଲା । କିନ୍ତୁ ହଠାତ୍ ଦିନେ ବାଟ ଫିଟିଗଲା। ନିର୍ଦ୍ଦିଷ୍ଟ ପଦବୀରେ ଆସୀନ ହେଲେ ଜଣେ ପରିଚିତ ବାବୁ । ସେ ଥିଲେ ସଚ୍ଚୋଟ ସ୍ୱଭାବର । ଆମ ନଥି ଉପରେ ଯେତେବେଳେ ତାଙ୍କ ନଜର୍ ପଡିଲା ସେ ଚକିତ ହେଲେ। ସବୁଥାଇବି ଯାଙ୍କୁ କିଏ ହରକତ କରୁଛି ତା'ର ଖୋଳତାଡ କଲେ ସେ। ଉତ୍କୋଚ ଆଶାରେ ହରକତ କରୁଥିବା ଲୋକଙ୍କର ହେଲା ଅକଲ ଗୁଡୁମ୍ । ବାଧ ହୋଇ ବାଟ ବନ୍ଦ କରିଥିବା ଲୋକେ ବାଟ ଫିଟେଇଲେ । ଆମକୁ ନ୍ୟାୟ ମିଳିଲା। ତେବେ ଏହାର କିଛି ମାସ ପରେ ସେହି ବିଚାରବନ୍ତ ଅଧିକାରୀଙ୍କର ସେଠୁ ହେଲା ଅନ୍ୟତ୍ର ବଦଳି । ଲାଗୁଥିଲା ଯେମିତି ଆମକୁ ନ୍ୟାୟ ଦେବାପାଇଁ ଅଦୃଶ୍ୟ ଶକ୍ତି ତାଙ୍କୁ ସେହି ପଦବୀରେ ବସାଇଥିଲେ ସୀମିତ ସମୟ ପାଇଁ ।

ସଂସ୍ଥା ପରିଚାଳନା ଲାଗି ପୁଞ୍ଜି ଯୋଗାଡ କରିବା, ଠିକ୍ ସମୟରେ ସମସ୍ତଙ୍କ ପ୍ରାପ୍ୟ ପ୍ରଦାନ କରିବା ଆମଭଳି ଲୋକଙ୍କ ପାଇଁ ଯେ କେତେବଡ ଆହ୍ୱାନ ତାହା ଭାଷାରେ ବ୍ୟକ୍ତ କରିହେବନି । ବର୍ଷ, ମାସ ନୁହେଁ ଦିନଟିଏ ପାଇଁ ବି ଚିନ୍ତା କରିବା ମୁସ୍କିଲ୍ ବ୍ୟାପାର । ହେଲେ ଭଗବତ୍ କୃପାରୁ ଠିକ୍ ସମୟରେ ବାଟ ଖୋଲେ । ଯେତିକି ଆବଶ୍ୟକ ସେତିକି ସାଧନ ବକେୟା ପ୍ରାପ୍ୟ ଆକାରରେ କେଉଁଠୁ ନା କେଉଁଠୁ ମିଳିଯାଏ। ତେଣୁ ଭଗବାନଙ୍କ ବ୍ୟତିରେକ କାହାରି ପାଖରେ ହାତ ପାତିବା ବା ଆତ୍ମସମ୍ମାନକୁ ଜଳାଞ୍ଜଳି ଦେଇ କାହାରି ପାଖରେ ନ୍ୟୂନ ହେବା ଲାଗି ଦୁର୍ଯୋଗ ସୃଷ୍ଟି କରିନାହାନ୍ତି ଭଗବାନ ଏଯାଏ ।

୮/୯ ବର୍ଷ ତଳେ ଅନ୍ୟଏକ ଘଟଣା ଘଟିଥିଲା ଆମ ସଂସ୍ଥାକୁ ନେଇ। ଜଣେ ପଦାଧିକାରୀ ଅବିଚାରିତ ଭାବେ ଏପରି ଏକ ନିଷ୍ପତ୍ତି ନେଲେ ଯାହା ସହ୍ୟ କରିବା ଆମପାଇଁ ଥିଲା ଅତ୍ୟନ୍ତ କଷ୍ଟକର । ସେତେବେଳେ ଆଗକୁ ବଢିବାର ରାସ୍ତା ଦେଖାଯାଉନଥିଲା ଆମକୁ । ସେଇ ମୁହୂର୍ତ୍ତରେ ଲାଗୁଥିଲା– ଯେମିତି ସବୁକିଛି ଠପ୍ ହୋଇଯିବ! ହେଲେ ତିନି ସପ୍ତାହ ମଧ୍ୟରେ ହେଲା ଏକ ଚମତ୍କାର। ଦେବଦୂତ ସାଜି ଜଣେ ବରିଷ୍ଠ ଅଧିକାରୀ ଦିନେ ଅତର୍କିତ ଭାବେ ଆସିଲେ ଆମ ଦପ୍ତରକୁ । ଅଫିସ୍, ପ୍ରେସ୍ ସବୁ ବୁଲିଦେଖିଲେ ସେ । ଆମପ୍ରତି ଯେ ନ୍ୟାୟ କରାଯାଇନାହିଁ ତାହା ହୃଦବୋଧ ହୋଇଥିଲା ତାଙ୍କର । ଆମ ତରଫରୁ କୌଣସି ଉଦ୍ୟମ ନଥିଲେ ହେଁ ସେ କିନ୍ତୁ ସକରାତ୍ମକ ବିଚାର କରିଥିଲେ ଆମ ପାଇଁ ସେତେବେଳେ ।

ଅନୁରୂପ ଏକ ଘଟଣା ଘଟିଥିଲା ୧୭ ବର୍ଷ ତଳେ । ସେତେବେଳର ତଥାକଥିତ ଦୁଇ ବୃହତ୍ ଶକ୍ତି (ଜଣେ କ୍ଷମତାଶାଳୀ, ଆଉ ଜଣେ ବିତ୍ତଶାଳୀ)ଙ୍କ ସାହାରାରେ ଜଣେ ବ୍ୟକ୍ତି ଆମର କଷ୍ଟାର୍ଜିତ ସମ୍ପତ୍ତିକୁ କବ୍‌ଜା କରି ନେଇ ରାସ୍ତାରେ ବସାଇବାକୁ ଚାହିଁଲେ । ଏହା ଦେଖି ଯାହାର ହେଲେ ବି ମୁଣ୍ଡ ଘୂରିଯାଇଥା'ନ୍ତା । କିନ୍ତୁ ସେ ଧକ୍କାକୁ ସମ୍ଭାଳିବା ଲାଗି ଯିଏ ଶକ୍ତି ଦେଇଥିଲେ ସେ ଅଦୃଶ୍ୟଶକ୍ତି ଭଗବାନଙ୍କ ଛଡା ଆଉ କେହି ନୁହଁନ୍ତି ।

ଦିଲ୍ଲୀର ଏକ ଗୁରୁତ୍ୱପୂର୍ଣ୍ଣ ସରକାରୀ ଦପ୍ତରରେ କାଗଜପତ୍ର ଦାଖଲ ପୂର୍ବକ ଆବଶ୍ୟକ ସ୍ୱୀକୃତି ପାଇଁ ଆବେଦନର ଶେଷଦିନ ପାଖେଇ ଆସୁଥାଏ । ରାତିଦିନ ଏକ କରି ସବୁ ପ୍ରସ୍ତୁତି ସାରି ଶେଷ ତାରିଖ ବେଳକୁ ମୋତେ ଭୀଷଣ ଜ୍ୱର । ସେପରି ଅବସ୍ଥାରେ ବି ଦିଲ୍ଲୀ ଯିବା ଲାଗି ମନକୁ ଦୃଢ କଲି । ଅଫିସ ସମୟ ସରିବା ପୂର୍ବରୁ କାଗଜପତ୍ର ଦାଖଲ ହୋଇଗଲା। ଶେଷ ମୁହୂର୍ତ୍ତରେ ଦାଖଲ ହୋଇଥିବା ଆମ ଆବେଦନ ଉପରେ ବିଚାର ଲାଗି ବୈଠକକୁ କାଗଜପତ୍ର ଯାଉଛି କି ନାହିଁ ସେଥିନେଇ କିଛି ଖୋଜ୍‌ଖବର ମିଳିଲା ନାହିଁ । ଏମିତିରେ ଗଡ଼ିଗଲା କିଛିଦିନ ।

ଦିଲ୍ଲୀର ସେଇ ସରକାରୀ ଅଫିସକୁ ଦିନେ ଯାଇଥିବା ବେଳେ 'ଗୋପାଳ' ନାମଧାରୀ ଜଣେ ଅଧିକାରୀଙ୍କ ସହ ଆକସ୍ମିକ ଦେଖାହେଲା ମୋର । ସେ ମୋ ଠାରୁ ଆମ ସଂସ୍ଥା ନାଁ ଶୁଣିବା ମାତ୍ରେ କ'ଣ ଭାବିଲେ କେଜାଣି ଆମ ଆବେଦନସମ୍ବଳିତ ନଥିକୁ ଏଜେଣ୍ଡାକୁ ନେଇ ମିଟିଂରେ ଉପସ୍ଥାପନ ଲାଗି ସବୁ ବ୍ୟବସ୍ଥା କରିଦେଲେ। ମାତ୍ର ମୁହୂର୍ତ୍ତକର ଘଟଣା ଇଏ। ନିଜ ଆଖିକୁ ବିଶ୍ୱାସ କରିପାରିନଥିଲି ସେଦିନ । ଚିହ୍ନା ନାହିଁ କି ପରିଚୟ ନାହିଁ, ହେଲେ ଗଦା ଭିତରୁ ଆମ ଆବେଦନ ପତ୍ର କାଢ଼ି ଠିକ୍ ସମୟରେ ଠିକ୍ ସ୍ଥାନରେ ଏହାକୁ ଲଗାଇବାକୁ ସେଦିନ ସେ ଯେପରି ତତ୍ପରତା ଦେଖାଇଲେ ତାକୁ କ'ଣ କେବେ ସ୍ୱାଭାବିକ ପ୍ରକ୍ରିୟା କୁହାଯାଇପାରିବ? କିଛିଦିନ ପରେ ଶୁଣିଲି– ବିଚାର ପରେ ଆମ ଆବେଦନ ଅନୁମୋଦିତ ହୋଇଛି ।

ଅଦୃଶ୍ୟ ଶକ୍ତିଙ୍କ ଏଇ ତିନୋଟି ଚମତ୍କାରିତାର ଅବତାରଣା କଲା ପରେ ଆତ୍ମୀୟଙ୍କୁ ପାଲଟା ପଚାରିଥିଲି– ଏବେ ବୁଝିଲେ ତ? କିଏ ଚଳାଉଛନ୍ତି, କେମିତି ଚଳାଉଛନ୍ତି!!! ତାଙ୍କ ଉପରେ ଭରସା ଓ ବିଶ୍ୱାସ ଦୃଢ ଥିଲେ ଏଇ ଦୁଇଗୋଡ଼ିଆ ମଣିଷଙ୍କ ପାଖରେ ଗୋଡ ଭାଙ୍ଗିବାର ନା ଆବଶ୍ୟକତା ଅଛି ନା ନ୍ୟୂନ ହୋଇ ଆତ୍ମସମ୍ମାନ ସହ ସାଲିସ କରିବାର ଦରକାର ପଡିଛି!!! ବରଂ ନିଜକୁ ଶକ୍ତିଶାଳୀ ମନେକରି ଭଗବତ୍ ଆଶ୍ରିତଙ୍କ ପ୍ରତି ଅଯଥା ଅନ୍ୟାୟ ଅବିଚାର କରି କଷ୍ଟ ଦେଇଥିବା ପଦାଧିକାରୀଙ୍କର ଯେ କେତେବେଳେ ଶକ୍ତିହରଣ ହୋଇଯାଇଛି ତାହା ସେମାନେ ନିଜେ ବି ବୁଝିପାରିନାହାନ୍ତି । ଏଇଧରଣର ଲୋକଙ୍କ ତାଲିକା ବେଶ୍ ଲମ୍ବା, ଯାହାର ଆଲୋଚନା ବାରାନ୍ତରେ...

# ବାଲ୍ୟ ବିବାହ ନିଷିଦ୍ଧ ଆଇନ ଅସହାୟ !

■ ସୌଭାଗ୍ୟ ରଞ୍ଜନ ମହାନ୍ତି ■

ଆମ ଦେଶରେ ବାଲ୍ୟ ବିବାହ ଏକ ପରମ୍ପରା ଭାବେ ରହି ଆସିଥିବାବେଳେ ବ୍ରିଟିଶ ଶାସନ ଅମଳରେ ୧୯୨୯ ମସିହାରେ ଏହାକୁ ନିଷିଦ୍ଧ କରାଯାଇଥିବାବେଳେ ସ୍ୱାଧୀନ ଭାରତରେ ପୁନର୍ବାର ୨୦୦୬ ମସିହାରେ ଏହାକୁ ନିଷିଦ୍ଧ କରାଯିବା ସତ୍ତ୍ୱେ ଦେଶରେ ଏବେ ବି ଏହା ଚିନ୍ତାଜନକ ସ୍ଥିତିରେ ରହିଛି । ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ଝିଅଙ୍କ ବିବାହ ଯୋଗ୍ୟ ବୟସ ୧୮ ଏବଂ ପୁଅଙ୍କ ବିବାହ ଯୋଗ୍ୟ ବୟସ ୨୧ବର୍ଷ ଧାର୍ଯ୍ୟ କରାଯାଇଥିବା ସତ୍ତ୍ୱେ ଦେଶରେ ଏବେ ବି ୨୦ରୁ ୨୪ବର୍ଷ ମଧ୍ୟରେ ପ୍ରତି ୪ଜଣରେ ଜଣେ ଯୁବତୀ ବାଲ୍ୟ ବିବାହ କରୁଥିବା ୟୁନିସେଫ ରିପୋର୍ଟରେ କୁହାଯାଇଛି । ୨୦୨୩ରେ ୟୁନିସେଫ ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦର୍ଶାଉଛି ଯେ, ବିଶ୍ୱରେ ୬୪କୋଟି ବାଳିକା ବାଲ୍ୟ ବିବାହ ଘଟଣା ଘଟିଥିବାବେଳେ ଭାରତରେ କେବଳ ଏହାର ଏକ ତୃତୀୟାଂଶ ବିବାହ ସମ୍ପନ୍ନ ହୋଇଛି। ୨୦୦୬ ମସିହାରେ ବାଲ୍ୟ ବିବାହ ନିଷେଧ ପାଇଁ ପାର୍ଲିଆମେଣ୍ଟରେ ପ୍ରଣୟନ କରାଯାଇଥିବା ଆଇନ ଉଲଂଘନ ପାଇଁ କଠୋର ଦଣ୍ଡବ୍ୟବସ୍ଥା ଥିବା ସତ୍ତ୍ୱେ ଏହାର ପ୍ରଭାବ ଲୋକଙ୍କ ଉପରେ ପଡିଥିବା ମନେହୁଏ ନାହିଁ, ବାଲ୍ୟ ବିବାହକୁ ରୋକିବାରେ ଆଇନର ଅସହାୟ ହୋଇ ପଡିଥିବା କହିଲେ ହୁଏତ ଅତିରଞ୍ଜିତ ହୋଇନପାରେ। ଉଲ୍ଲେଖଯୋଗ୍ୟ ଯେ, ଦେଶରେ ବାଲ୍ୟ ବିବାହର ମୂଳୋତ୍ପାଟନ ପାଇଁ କେନ୍ଦ୍ର ସରକାରଙ୍କ ବାଲ୍ୟ ବିବାହ ମୁକ୍ତ ଭାରତ ଅଭିଯାନର ପ୍ରଥମ ବାର୍ଷିକୀ ଉତ୍ସବ ଚଳିତ ମାସରେ ପାଳିତ ହେବାକୁ ଯାଉଛି। ଆସନ୍ତା ୨୦୩୦ ମସିହା ସୁଦ୍ଧା ଦେଶକୁ ବାଲ୍ୟ ବିବାହ ମୁକ୍ତ ରାଷ୍ଟ୍ର ଘୋଷଣା ପାଇଁ କେନ୍ଦ୍ର ସରକାର ସଂକଳ୍ପ ଘୋଷଣା କରିଥିବା ସତ୍ତ୍ୱେ ଏବେ ଦେଶରେ ବାଲ୍ୟ ବିବାହ ଘଟଣାମାନ ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରୁଛି। ଏହା ନିଃସନ୍ଦେହ ଯେ କେତେକ ସମ୍ପ୍ରଦାୟରେ ସାମାଜିକ ପରମ୍ପରା, ଦାରିଦ୍ର୍ୟ, ଆର୍ଥିକ ଦୂରାବସ୍ଥା, ନାବାଳିକା ଯୌନ ଶୋଷଣ, ଅଶିକ୍ଷା ଲିଙ୍ଗଗତ ଅସମାନତା, ଅଧାରୁ ପାଠଛଡା, ସଚେତନତାର ଅଭାବ ଏବଂ ଆଇନର ଦୁର୍ବଳ କାର୍ଯ୍ୟକାରିତା ଆଦି କାରଣ ଭାବେ ଉଭା ହୋଇଛି। କହିବା ଅଯର୍ଥାତ ହେବ ନାହିଁ ଯେ, ଦେଶରେ ବାଲ୍ୟ ବିବାହ ନିଷେଧ ଆଇନରେ କଠୋର ଦଣ୍ଡବିଧାନ ତଥା ଉଭୟ ଜେଲ ଓ ଜରିମାନା ବ୍ୟବସ୍ଥା ଥିବା ସତ୍ତ୍ୱେ କେବଳ ଆଇନଗତ ସହାୟତାରେ ପରାମର୍ଶରେ ପରିଣତ ହୋଇଛି । ତେବେ ପଶ୍ଚିମବଙ୍ଗ ପରି କେତେକ ରାଜ୍ୟରେ ଶିକ୍ଷା ଓ ନଗଦ ଆର୍ଥୀକ ପ୍ରଦାନ ବିବାହକୁ କେତେକ କ୍ଷେତ୍ରରେ ବିଳମ୍ବିତ କରିଛି ସତ ମାତ୍ର ଯେଉଁଠାରେ ଦୁର୍ବଳ ଶିକ୍ଷା ବ୍ୟବସ୍ଥା ଏବଂ ଯୁବତୀଙ୍କୁ ସମ୍ମାନଜନକ କର୍ମନିଯୁକ୍ତି ଯୋଗାଣର ଅଭାବ ଯୋଗୁ ଏହାର ଫିକା ପଡିଯାଇଥିବା କୁହାଯାଇପାରେ। ଆହୁରି ମଧ୍ୟ ଜୀବନ ଜୀବିକା ବିପର୍ଯ୍ୟାସ୍ତ, କାମଧନ୍ଦା ପାଇଁ ପରିବାର ସ୍ଥାନାନ୍ତର, ଶିକ୍ଷା ବାଧାପ୍ରାପ୍ତ ଆଦି ଯୋଗୁଁ ବାଲ୍ୟ ବିବାହକୁ ଉତ୍ସାହିତ କରିବାରେ ଜଳବାୟୁ ପରିବର୍ତ୍ତନ ଏବେ ଏକ ବଳିଷ୍ଠ ଭାବେ ଉଭା ହୋଇଥିବା କୁହାଯାଇପାରେ। ବିଶେଷ କରି ଜଳବାୟୁ ପରିବର୍ତ୍ତନ ଜନିତ ପ୍ରାକୃତିକ ବିପର୍ଯ୍ୟାୟ, ଅଧାରୁ ପାଠଛାଡ, ଆର୍ଥୀକ ଅସ୍ଥିରତା, ଜୀବନ–ଜୀବିକା ପାଇଁ ସ୍ଥାନାନ୍ତର ଆଦି ବାଲ୍ୟବିବାହକୁ ଉତ୍ସାହିତ କରୁଛି। ବାଳିକାଙ୍କୁ ଯୌନ ଶୋଷଣ ଯୋଗୁଁ ଲୋକ ଲଜ୍ୟା ସହ୍ୟ କରିନପାରି କେତେକ ଜୀବନ ହାରୁଥିବା ବେଳେ ପରିବାରର ସମ୍ମାନ ରକ୍ଷା ପାଇଁ ବୟସ ପୂର୍ବରୁ ଲୁଚାଚୋରାରେ ଅନ୍ୟତ୍ର ବିବାହ କରି ଦିଆଯାଇଛି । ଆମ ରାଜ୍ୟରେ ନାବାଳିକା ଚାଲାଣ ଏବେ ବଢ଼ିବାରେ ଲାଗିଛି । ପିତାମାତାଙ୍କୁ ଆର୍ଥୀକ ପ୍ରଲୋଭନ, ବିବାହ ପ୍ରଲୋଭନ ଦେଖାଇ ନାବାଳିକାମାନଙ୍କୁ ଅନ୍ୟତ୍ର ବିକ୍ରିକିମ୍ବା ବିବାହ କରାଇ ଦେଉଥିବା ଅଭିଯୋଗ ହୁଏ। ଆମ ରାଜ୍ୟରେ ଦାରିଦ୍ର୍ୟ, ଅଶିକ୍ଷା ଏବେ ବାଲ୍ୟ ବିବାହାର ମୁଖ୍ୟ କାରଣ ପାଲଟିଥିବା କହିଲେ ଅତିରଞ୍ଜିତ ହୋଇନପାରେ। ଏହା ନିଃସନ୍ଦେହ ଯେ, ଦାରିଦ୍ର୍ୟ, ଶିକ୍ଷା, କର୍ମନିଯୁକ୍ତି କନ୍ୟା ସୁରକ୍ଷା ସମସ୍ୟାର ସମାଧାନ ନହେବା ପର୍ଯ୍ୟନ୍ତ ବାଲ୍ୟ ବବାହକୁ ରୋକିବା ସମ୍ଭବ ନୁହେଁ, ସେହିପରି ସାମାଜିକ କଟକଣା, କୁସଂସ୍କାର, ବାଲ୍ୟବିବାହରେ ଦାମ୍ପତ୍ୟ ଜୀବନ ଏବଂ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ଆଦି ସମ୍ପର୍କରେ ବ୍ୟାପକ ସଚେତନତା ଏବଂ ଆଇନର କାର୍ଯ୍ୟକାରିତା ଆବଶ୍ୟକ। ଅନ୍ୟଥା ୨୦୩୦ ସୁଦ୍ଧା ବାଲ୍ୟ ବିବାହ ମୁକ୍ତ ଭାରତ ଗଠନ କେବଳ ସ୍ୱପ୍ନରେ ରହିଯିବା ସାର ହେବ।


ଗାଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼
ମୋ. ୭୯୭୮୬୬୬୪୦୩


# ବରଗଡ଼ର ଧନୁଯାତ୍ରା

■ ନାଟ୍ୟ ସାରଥି ଅଭୟ କୁମାର ଦାସ ■

ପରମ୍ପରା କ୍ରମେ ଏହି ଧନୁଯାତ୍ରା ପାଇଁ ବରଗଡ଼କୁ ମଥୁରା ଓ ଅମ୍ବାପାଲିକୁ ଗୋପପୁର ଭାବରେ ପରିକଳ୍ପନା କରାଯାଇଥାଏ । ମହାରାଜ କଂସଙ୍କ କାରାଗାରରେ ବନ୍ଦୀ ହୋଇଥାନ୍ତି ବସୁଦେବ ଓ ଦେବକୀ । କହିହେବ ଶ୍ରୀକୃଷ୍ଣଙ୍କ ଜନ୍ମଠାରୁ କଂସର ମୃତ୍ୟୁ ପର୍ଯ୍ୟନ୍ତ ଘଟଣାବଳୀ ଏହି ବିରାଟ ଉତ୍ସବର ଉପଜୀବ୍ୟ । ମହାରାଜ କଂସ ଆୟୋଜନ କରିଛି ଧନୁଯାତ୍ରା ଏବଂ ନିରୂପଣ କରିଛି ନିଜ ମୃତ୍ୟୁର ସ୍ଥାନ। ଶ୍ରୀକୃଷ୍ଣ, ବଳରାମ ଗୋପରୁ ଆସି ମଥୁରାରେ ପହଞ୍ଚି ଅନେକ କାରନାମା ଦେଖାଇବା ପରେ ହାଜର ହୋଇଛନ୍ତି କଂସର ରାଜ ଦରବାରରେ। ଶ୍ରୀକୃଷ୍ଣଙ୍କର ଦର୍ଶନମାତ୍ରେ ମଞ୍ଚାରୁ ପଡ଼ି ମୋକ୍ଷପ୍ରାପ୍ତି ହୋଇଛି କଂସ। ଏହା ହିଁ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ସଂକ୍ଷିପ୍ତ ରୂପ। ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନଙ୍କ ଦ୍ୱାରା କଂସର ବିନାଶ ଲୀଳାର ନାଟ୍ୟରୂପ, ଧନୁଯାତ୍ରା।

ଧନୁଯାତ୍ରାର ପରିକଳ୍ପନା, ଆୟୋଜନ ଏବଂ ଯାତ୍ରାର ବିବରଣୀ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ପ୍ରଣୀତ ତିବୋଧ ବା ଚଉବିନୋଦ ଗ୍ରନ୍ଥରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି। ଗୋପରେ ଗୋପଲୀଳା ବା ରାସଲୀଳା ଶେଷରେ କଂସର ନିୟନ୍ତ୍ରଣକ୍ରମେ ଶ୍ରୀକୃଷ୍ଣ ବଳରାମ ଅକ୍ରୁରଙ୍କ ସହ ମଥୁରାରେ ପ୍ରବେଶ, କଂସର ମୋହ ଓ ଦେବୀଙ୍କୁ ଆରାଧନା, ମଥୁରା ଦାଣ୍ଡରେ ଶ୍ରୀକୃଷ୍ଣଙ୍କ ଗମନ, ରଜକ ବିନାଶ, ଭାବବତୀ ପୁତ୍ରକୁ ଜୀବଦାନ, ଶ୍ରୀକୃଷ୍ଣଙ୍କୁ କୁବୁଜା ଗନ୍ଧଚନ୍ଦନ ଦେବା, କୁବୁଜାର ସୁନ୍ଦରରୂପ ପ୍ରାପ୍ତି, ତେଜବତୀର ଜୀବଦାନ, ସୁଦାମାର ବରମାଲ୍ୟଦାନ ଓ ବରପ୍ରାପ୍ତି, ପ୍ରିୟବତୀ ଓ ତାର ପୁତ୍ରାଦିର ଜୀବଦାନ, ଶ୍ରୀକୃଷ୍ଣଙ୍କ ଧନୁଭଙ୍ଗ, ରଙ୍ଗସଭାରେ ପ୍ରବେଶ, କୁବଳୟା ହସ୍ତୀ, ଓ ମାହୁନ୍ତର ବିନାଶ, ଚାଣୁର ମୁଷ୍ଟିକ, କୁକୁଟ ପ୍ରମୁଖ ମଲ୍ଲଙ୍କ ବିନାଶ, କଂସର କୃଷ୍ଣଦର୍ଶନ ଓ ମଞ୍ଚାରୁ ପଡ଼ି ମୃତ୍ୟୁ ତଥା ଉଗ୍ରସେନଙ୍କର ରାଜ୍ୟାଭିଷେକ ପ୍ରଭୃତି ଦୃଶ୍ୟ ଗୀତିନାଟ୍ୟ ଅଥବା ଲୋକନାଟ୍ୟ ଶୈଳୀରେ ବରଗଡ଼ ସହରର ବିଭିନ୍ନ ସ୍ଥାନରେ ପ୍ରଦର୍ଶିତ ହୋଇଥାଏ। ରଙ୍ଗମହଲ ବା ରଙ୍ଗସଭାରେ ମଞ୍ଚ ଉପରେ ମଧ୍ୟ ଅନେକ ଦୃଶ୍ୟ ପରିବେଷିତ ହୋଇଥାଏ। ଏଥିରେ ଆକର୍ଷଣୀୟ ଚିଗ୍ରାହୀ ସଂଳାପ ଏବଂ ସଙ୍ଗୀତର ମଧ୍ୟ ପ୍ରୟୋଗ କରାଯାଇଥାଏ। ହଜାର ହଜାର ଲୋକ ପ୍ରତ୍ୟହ ଏହି ଦୃଶ୍ୟାବଳୀକୁ ଆନନ୍ଦର ସହ ଉପଭୋଗ କରିଥାନ୍ତି।

**ରଙ୍ଗମହଲ :** ପ୍ରତ୍ୟହ ଅପରାହ୍ଣରେ ମହାରାଜା କଂସ ନଗର ପରିଭ୍ରମଣ କରି ସନ୍ଧ୍ୟାରେ ସୁସଜ୍ଜିତ ରଙ୍ଗମହଲର ମଣ୍ଡପରେ ବିରାଜମାନ କରିଥାନ୍ତି। ଏଠାରେ ପାତ୍ର ମନ୍ତ୍ରୀଙ୍କ ସହ ମନ୍ତ୍ରଣା ଏବଂ ଚିାକର୍ଷକ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ। ଦେଶର ବିଭିନ୍ନ ଅଞ୍ଚଳ ତଥା ବିଦେଶର ଲୋକକଳା ମଧ୍ୟ ପରିବେଷିତ ହୋଇଥାଏ। ନାଚଗୀତର ମଜା ନିଅନ୍ତି ଦେଖଣାହାରୀ। ଏଥି ନିମନ୍ତେ ଭବ୍ୟ ଆୟୋଜନ ମଧ୍ୟ ହୋଇଥାଏ। ସମଗ୍ର ସହର ରସମୟ ଓ ଚଳଚଞ୍ଚଳ ହୋଇପଡ଼େ। ଜୀରାନଦୀ ଯମୁନାନଦୀରେ ପରିଣତ ହୋଇଥାଏ ଏ ଧନୁଯାତ୍ରାରେ।

**ଧନୁଯାତ୍ରାର ଇତିହାସ :** ଊନବିଂଶ ଶତାବ୍ଦୀର ମଧ୍ୟ ଭାଗରେ ୧୯୪୭–୪୮ରେ ସର୍ବପ୍ରଥମେ ଧନୁଯାତ୍ରା ଶୁଭାରମ୍ଭ ହୋଇଥିଲା। ବୈଷ୍ଣବ ଧର୍ମର ଅଭ୍ୟୁଦୟ ଫଳରେ ବିଭିନ୍ନ ଗ୍ରାମରେ ଭାଗବତ ଟୁଙ୍ଗିମାନ ସ୍ଥାପିତ ହୋଇଥିଲା। ଗ୍ରାମେ ଗ୍ରାମେ ଭାଗବତ ପାରାୟଣ ଓ ନାମଯଜ୍ଞ ଆୟୋଜିତ ହେଉଥିଲା । ଏଥିସହ ରାସଲୀଳା ଓ ରାମଲୀଳା ପ୍ରଭୃତି ଭୂମିକା ଗ୍ରହଣ କରିଥିଲା। ବରଗଡ଼ରେ ଜୀରାନଦୀ କୂଳରେ ଶ୍ରୀରାଧାକୃଷ୍ଣଙ୍କ ଯୁଗଳମୂର୍ତ୍ତି ଏକ ମନ୍ଦିରରେ ପ୍ରତିଷ୍ଠିତ ହୋଇଥିଲା। ଗୌନ୍ତିଆ ରଘୁନାଥ ଦାଶଙ୍କ ପ୍ରଚେଷ୍ଟାରେ ବିଭିନ୍ନ ନାଟକ ପରିବେଷଣ କରାଯାଉଥିଲା। ୧୯୪୪–୪୫ରେ ଅର୍ପିତ ପାଣିଗ୍ରାହୀ ବରଗଡ଼ରେ ଏକ ଥିଏଟର ପ୍ରତିଷ୍ଠା କରିଥିଲେ। କାଳକ୍ରମେ ଧନୁଯାତ୍ରାର ପରିକଳ୍ପନା ସାକାର ରୂପ ନେଲା। ସମ୍ପ୍ରତି ଏହା ବିଶ୍ୱର ବୃହତ୍ତମ ଲୋକନାଟକର ମର୍ଯ୍ୟାଦା ଲାଭ କରିଛି।

**କଂସ ଭୂମିକାରେ କଳାକାର :** ପ୍ରଥମ ଧନୁଯାତ୍ରା ୧୯୪୮ ଡିସେମ୍ବର ୧୨ ତାରିଖରେ ଆରମ୍ଭ ହୋଇ ୧୯୪୮ ଜାନୁଆରୀ ମାସ ୨୬ ତାରିଖରେ ସମାପ୍ତ ହୋଇଥିଲା। ପ୍ରଥମ ବର୍ଷ ଯୁଧିଷ୍ଠିର ଦାଶ ଏବଂ ଦ୍ୱିତୀୟ ବର୍ଷ ରାଧାଶ୍ୟାମ ଦାଶ କଂସ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ପୂର୍ବରୁ ମଧ୍ୟ ଧନୁଯାତ୍ରାର କେତେକ ଦୃଶ୍ୟକୁ ନେଇ ଯାତ୍ରା ହେଉଥିଲା ବୋଲି ଜଣାଯାଏ। ଅମ୍ବାପାଲିରେ ଥିବା ଭଗ୍ନ ଓ ଜରାଜୀର୍ଣ୍ଣ ଧନୁଯାତ୍ରା ମଣ୍ଡପ ଏହାର ସାକ୍ଷୀ ରୂପେ ରହିଛି। ତେବେ ସ୍ୱୟଂ ସମ୍ପୂର୍ଣ୍ଣ ଧନୁଯାତ୍ରା ୧୯୪୮ରେ ହୋଇଥିଲା ଓ ୧୯୯୮ରେ ସୁବର୍ଣ୍ଣ ଜୟନ୍ତୀ ଧନୁଯାତ୍ରା ଆୟୋଜିତ ହୋଇଥିଲା ।

**ଖଳନାୟକ ହିଁ ନାୟକ :** ଧନୁଯାତ୍ରାରେ କଳାକାର ମାନଙ୍କ ଅଭିନୟ ସଂଳାପ ଆଦି ସ୍ୱତଃସ୍ଫୂର୍ତ୍ତ । ଏହା ହିଁ ଧନୁଯାତ୍ରାର ବୈଶିଷ୍ଟ୍ୟ। ଖଳନାୟକ କଂସ ହିଁ ଏହି ଯାତ୍ରାର ମୁଖ୍ୟ ନାୟକ। କଂସର ଅଭିନୟ ଏବଂ ସଂଳାପ ଉଚ୍ଚାରଣରେ ଧନୁଯାତ୍ରାର ସଫଳତା ସମ୍ପର୍କରେ ଆକଳନ କରାଯାଇଥାଏ। ପୌଷ ପୂର୍ଣ୍ଣିମା ତିଥିରେ କଂସବଧ ଦୃଶ୍ୟ ପରିବେଷିତ ହୋଇଥାଏ। ବରଗଡ଼ ସମଗ୍ର ଦେଶରେ ଏକ କୃଷିପ୍ରଧାନ ଜିଲ୍ଲା ଭାବରେ ସ୍ୱୀକୃତି ଲାଭ କରିଛି। କୃଷକମାନେ ଖୋଲାମନରେ ଉଲ୍ଲାସର ସହ ଉପଭୋଗ କରିପାରିବେ ବୋଲି ପୌଷମାସରେ ଧନୁଯାତ୍ରାର ପରିକଳ୍ପନା କରାଯାଇଛି । ଶ୍ରୀକୃଷ୍ଣ ୧୧ ବର୍ଷ ବୟସରେ ଗୋପପୁରରୁ ମଥୁରାକୁ ଆସିଥିଲେ। ତେବେ ସେ ପୌଷମାସରେ ଆସିନଥିଲେ ବୋଲି କେତେକ ପୌରାଣିକ ଆଖ୍ୟାନରୁ ସୂଚୀତ ହୁଏ। ସମ୍ପ୍ରତି ହୃଷିକେଶ ଭୋଇ କଂସ ଭୂମିକାରେ ଅବତୀର୍ଣ୍ଣ ହେଉଛନ୍ତି। ତାଙ୍କ ପୂର୍ବରୁ ଜନୈକ ପୁଲିସ୍ ଅଧିକାରୀ ଗୋପାଳ ସାହୁ ଓରଫ୍ ଏଲି ସାହୁ ମଧ୍ୟ ଏହି ଭୂମିକାରେ ଅଭିନୟ କରି ଦର୍ଶକମାନଙ୍କର ଚିତ୍ତ ହରଣ କରୁଥିଲେ। ହିଲିପାଲି ଗ୍ରାମର ଅପେରା କଳାକାର ଦେବେନ୍ଦ୍ର ବିଶ୍ୱାଳ ମଧ୍ୟ ୨ ବର୍ଷ କଂସ ଭୂମିକାରେ ଅଭିନୟ କରିଥିଲେ।

**ଧନୁଯାତ୍ରାର ଆକର୍ଷଣ :** ଧନୁଯାତ୍ରା ସମୟରେ ବହୁ ଆକର୍ଷଣୀୟ ଦୃଶ୍ୟ ତଥା ଅନୁଭୂତି ଉପଲବ୍ଧ ହୁଏ। ବହୁ ସଂଖ୍ୟକ ଅସ୍ଥାୟୀ ଦୋକାନ, ମୀନାବଜାର, ବିଭିନ୍ନ ପ୍ରକାରର ପ୍ରଦର୍ଶନୀ ଆଦି ଅନୁଷ୍ଠିତ ହୋଇଥାଏ। ଧନୁଯାତ୍ରା ଅଞ୍ଚଳ ଲୋକାରଣ୍ୟ ହୁଏ। ଘରେ ଘରେ ଅତିଥି ମାନଙ୍କର ଭିଡ଼ ଜମେ। ହଜାର ହଜାର କଳାକାର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମ ପରିବେଷଣ କରିଥାନ୍ତି। ମଞ୍ଚ କଳା ଏହି ଯାତ୍ରାର ମନୋରଞ୍ଜନ କାର୍ଯ୍ୟକ୍ରମର ମୂଳାଧାର ହୋଇଥିବାରୁ ଏଥିପ୍ରତି ଯଥେଷ୍ଟ ଗୁରୁତ୍ୱାରୋପ କରାଯାଇଥାଏ। ପୂର୍ବେ ନିରାଡ଼ମ୍ବର ଭାବରେ ପାଳିତ ହେଉଥିଲା ଏହି ଯାତ୍ରା। ସମ୍ପ୍ରତି ଭବ୍ୟ ଆୟୋଜନ ଏବଂ ଆଲୋକସଜ୍ଜା ଆୟୋଜିତ ମନୋରଞ୍ଜନ କାର୍ଯ୍ୟକ୍ରମ ଦର୍ଶକମାନଙ୍କର ଆଖି ଝଲସାଇ ଦେଇଛି।

**ସରକାରୀ କାର୍ଯ୍ୟକ୍ରମ :** ସ୍ଥାନୀୟ କଳାପ୍ରେମୀ ତଥା ଆଧ୍ୟାତ୍ମିକପ୍ରେମୀ ଜନସାଧାରଣଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଧନୁଯାତ୍ରା ସମ୍ପ୍ରତି ପ୍ରାୟତଃ ଏକ ସରକାରୀ କାର୍ଯ୍ୟକ୍ରମର ରୂପ ନେଇଛି। ପୂର୍ବେ ହାଟପଦାରେ ଆୟୋଜିତ ହେଉଥିଲା ମୁକ୍ତାକାଶରେ। ପରେ ଏକ ସୁଦୃଶ୍ୟ ମଣ୍ଡପ ନିର୍ମାଣ କରାଯାଇଥିଲା। ଏ ବର୍ଷ ନିଶାମଣି ପଡ଼ିଆର ନବନିର୍ମିତ ରଙ୍ଗମହଲରେ ଏହି କାର୍ଯ୍ୟକ୍ରମର ପ୍ରମୁଖ ଦୃଶ୍ୟାବଳୀ ପରିବେଷିତ ହେଉଛି। ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଆୟୋଜନର ସକଳ ଦାୟିତ୍ୱ ଗ୍ରହଣ କରିଛି।

**କଂସର ଦର୍ପ :** ଧନୁଯାତ୍ରାରେ କଂସର ଦର୍ପ ଅନେକ। ଏହି ଯାତ୍ରା ସମୟରେ କଂସର ନିର୍ଦ୍ଦେଶନାମାକୁ ସରକାରୀ ତଥା ବେସରକାରୀ ସ୍ତରରେ ପ୍ରତୀକାତ୍ମକ ଭାବରେ ପାଳନ କରାଯାଇଥାଏ। ଏପରିକି ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସରକାରଙ୍କ ଉଚ୍ଚପଦାଧିକାରୀମାନଙ୍କୁ ମଧ୍ୟ ଜୋରିମାନା ଦଣ୍ଡରେ ଦଣ୍ଡିତ କରନ୍ତି । ସେମାନଙ୍କୁ ବିଭିନ୍ନ ଉପଦେଶ ତଥା ଆଦେଶ ପ୍ରଦାନ କରନ୍ତି। ଏହା ଏକ ନିଆରା ପର୍ବ । କଂସଙ୍କ ଆଚରଣର ଚର୍ଚ୍ଚା ହୁଏ ସହରର ପ୍ରତ୍ୟେକ ଅଞ୍ଚଳରେ । ସମଗ୍ର ବରଗଡ଼ ସହରରେ ଉତ୍ସବ ମୁଖର ବାତାବରଣ। ମଥୁରା ପରିକ୍ରମା କାଳରେ ସ୍ଥାନେ ସ୍ଥାନେ କୃଷ୍ଣ ବଳରାମଙ୍କର ଆରାଧନା କରାଯାଇଥାଏ ।

**ପ୍ରତିକୂଳ ପରିସ୍ଥିତି :** ପୂର୍ବେ ଧନୁଯାତ୍ରା ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତି ମଧ୍ୟରେ ଓ କଷ୍ଟସାଧ ପ୍ରକ୍ରିୟାରେ ଆୟୋଜିତ ହେଉଥିଲା। ନାନାବିଧ କାରଣରୁ ୧୯୫୦ରୁ ୧୯୫୬, ୧୯୭୨, ୧୯୮୩ ଏବଂ ୧୯୯୧ରେ ଏହା ଆୟୋଜିତ ହୋଇପାରିନଥିଲା। ଆହୁରି ମଧ୍ୟ ୧୯୬୦ରୁ ୧୯୬୭ ପର୍ଯ୍ୟନ୍ତ ଧନୁଯାତ୍ରା ଆୟୋଜିତ ହୋଇଥିବାର କୌଣସି ପ୍ରମାଣ ନାହିଁ। ପୁନଶ୍ଚ ୧୯୯୦ରେ ୨ଥର ଧନୁଯାତ୍ରା ଆୟୋଜିତ ହୋଇଥିଲା। ୧୯୭୩ରୁ ଏଯାବତ୍ ଧନୁଯାତ୍ରା ୧୧ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। କେବଳ ୧୯୯୩ରେ ପ୍ରବଳ ବର୍ଷା ଯୋଗୁଁ ଧନୁଯାତ୍ରାର ଅବଧି ଦୁଇ ଦିନ ବଢ଼ାଇ ଦିଆଯାଇଥିଲା। ୧୯୯୨ରୁ ଏଯାବତ୍ ପ୍ରତ୍ୟେକ ବର୍ଷ ଧନୁଯାତ୍ରା ଆୟୋଜିତ ହୋଇଆସୁଛି ଏବଂ ଏହି ଧାରା ଅବ୍ୟାହତ ରହିବ ବୋଲି ଆଶା କରାଯାଏ।

**ସାଂସ୍କୃତିକ ଚେତନାର ପର୍ବ :** ସମ୍ପ୍ରତି ବରଗଡ଼ର ଆଖପାଖ ଗ୍ରାମାଞ୍ଚଳ ତଥା ସମ୍ବଲପୁର ଓ ଝାରସୁଗୁଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହେଉଛି ଧନୁଯାତ୍ରା। ବରଗଡ଼ର ଧନୁଯାତ୍ରା ତାର ପୂର୍ବ ଲୋକପ୍ରିୟତା ବଜାୟ ରଖି ଅଧିକ ସୁସଂଗଠିତ ଓ ଆକର୍ଷଣୀୟ ହେବାରେ ଲାଗିଛି । ବରଗଡ଼ର ସାଂସ୍କୃତିକ ପରମ୍ପରାର ଏକ ଅଙ୍ଗରେ ପରିଣତ ହୋଇଛି ଧନୁଯାତ୍ରା। ଧନୁଯାତ୍ରା ସମୟରେ କଳା, ସାହିତ୍ୟ ଓ ସଂସ୍କୃତି ସମ୍ବନ୍ଧିତ ବହୁବିଧ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି ବରଗଡ଼ରେ । ପ୍ରତ୍ୟେକ ବରଗଡ଼ବାସୀ କୌଣସି ନା କୌଣସି ପ୍ରକାରେ ଧନୁଯାତ୍ରାରେ ସାମିଲ ହେବାକୁ ବ୍ୟଗ୍ରତା ପ୍ରକାଶ କରୁଛନ୍ତି। ଏହା ଏକ ସାଂସ୍କୃତିକ ଚେତନା ଜାଗରଣର ପର୍ବ। ଯେଉଁମାନେ ଏହି ମହାନ ପର୍ବର ପରିକଳ୍ପନା କଲେ ଏବଂ ଯେଉଁମାନେ ତାର ଗତିପଥକୁ ଅବ୍ୟାହତ ରଖିବାରେ କାର୍ଯ୍ୟ କରିଆସିଛନ୍ତି ସେମାନେ ସମସ୍ତେ ପ୍ରଶଂସାର ପାତ୍ର।


ଗୋଠରା, ମାହାଙ୍ଗା, କଟକ,
ମୋ. ୯୪୩୭୧୪୨୭୬୭



# ସପ୍ତମ ଋତୁ ପଞ୍ଚମ ସ୍ୱର

ସାହିତ୍ୟ ଆସର

**ସପ୍ତମ ଋତୁ ସାହିତ୍ୟର ଋତୁ । ଏ ଋତୁରେ କୋଇଲି ଗାଏ, ବଉଳ ବାସେ, ମଲ୍ଲୀ ହସେ, କାକର ଝରେ, ବୁଢ଼ିଆଣୀ ଜାଲରେ ତାରକସି ଫୁଲ ଫୁଟେ । ଭଅଁର ଓ ପ୍ରଜାପତିଙ୍କୁ ମତୁଆଲା କରେ ରଜନୀଗନ୍ଧା । ବର୍ଷା ରିମ୍‌ଝିମ୍ ଗାଏ, ପ୍ରକୃତି ଇନ୍ଦ୍ରଧନୁ ଆଙ୍କେ । ପଞ୍ଚମ ତାନରେ ସବୁବେଳେ ଗାଏ କୋଇଲି.......**

## ପାଉଁଜିପିନ୍ଧା ସେଇ ଝିଅଟି

● ରାଘବ ଚନ୍ଦ୍ର ମହାନ୍ତି

କିନ୍ତୁ ପଛରୁ ସେହି ଝିଅର ପାଉଁଜି ଶବ୍ଦ ଶୁଣିଲିନି କି ଛକରେ ତା' ବାପାର ଜଳଖିଆ ଦୋକାନ ଖୋଲାଥିବା ଦେଖିଲିନି । ତା' ପରଦିନ ମଧ୍ୟ ସେଇଆ ହେଲା । ଏପରି ୭/୮ଦିନ ହେବାରୁ ମୁଁ ବାଧ୍ୟ ହୋଇ ଛକରେ ଜଣେ ପାନଦୋକାନୀଙ୍କୁ ଜଳଖିଆ ଦୋକାନ କାହିଁକି ବନ୍ଦ ଅଛି ବୋଲି ପଚାରିଲି?

ତାଙ୍କ କଥାରୁ ଜାଣିଲି ଝିଅଟିର ଗୋଡ ଭାଙ୍ଗିଯାଇଛି, ତେଣୁ ସେ ହସ୍ପିଟାଲ୍‌ରେ ଚିକିତ୍ସିତ ହେଉଛି । ତା' ବାପା ତା' ପାଖରେ ଅଛନ୍ତି । ତେଣୁ ମୁଁ ଫଳମୂଳ ଧରି ହସ୍‌ପିଟାଲରେ ତାକୁ ଦେଖିବାକୁ ପହଞ୍ଚିଲି । ମୋତେ ଦେଖି ସେ ଖୁସି ହୋଇଗଲା ।

ତା'ର ବାପା କହିଲେ, ଜାଣିଲ ବାବୁ ଯେଉଁଦିନ ତା'ର ଗୋଡ଼ଭାଙ୍ଗିଲା ସେଦିନ ଅଯଥାରେ ରାସ୍ତାରେ ଗୋଡ଼ ଛନ୍ଦି ହୋଇଯିବାରୁ ପଡ଼ିଗଲା । ତା'ପରେ ଏପରି ଦଶା । ଆଜିକାଲି ସେ ବହୁତ ଅନ୍ୟମନସ୍କ ରହୁଛି । ଆଜି, ସେ ଟିକେ ହସିଲା ନଚେତ ଏଇ ୭ଦିନ ହେବ କେବଳ ଗୁମ୍‌ମାରି ରହୁଥିଲା ।

ମୁଁ ତାଙ୍କ କଥାରୁ ଜାଣିପାରିଲି, ଝିଅଟି ଅନ୍ୟମନସ୍କ ରହିବାର କାରଣ କ'ଣ? ସେଠାରେ କିଛି ସମୟ ରହି ତା'ପରେ ମୁଁ ଫେରିଆସିଲି ।

ହସ୍‌ପିଟାଲରୁ ଫେରିବା ଦିନଠାରୁ ମୋର ମର୍ଣ୍ଣିଂୱାକ୍ ଯିବା ବନ୍ଦ ହୋଇଯାଇଥାଏ । କାହିଁକି କେଜାଣି ମୋର ଆଉ ଆଗ୍ରହ ଆସୁନଥାଏ ମର୍ଣ୍ଣିଂୱାକ କରିବାକୁ !



ଯାହାଫଳରେ ମୋର ଦେହ ଆସ୍ତେ ଆସ୍ତେ ଖରାପ ହେଲା । ଶେଷରେ ଡାକ୍ତରଙ୍କ ସହ ପରାମର୍ଶ କରିବାରୁ ଡାକ୍ତର କହିଲେ ଆପଣ ମର୍ଣ୍ଣିଂୱାକ୍ ବନ୍ଦ କରିଦେବାରୁ ଦେହ ଆପଣଙ୍କର ଖରାପ ହୋଇଛି । ମର୍ଣ୍ଣିଂୱାକ୍ କରନ୍ତୁ । ଚିନ୍ତା ବିଶେଷ କରନ୍ତୁ ନାହିଁ । ମୁଁ ତେଣୁ ମର୍ଣ୍ଣିଂୱାକ୍ ଆରମ୍ଭ କରିଦେଲି ।

ବହୁଦିନ ପରେ ହଠାତ୍ ଦିନେ ମର୍ଣ୍ଣିଂୱାକ୍‌ରୁ ଫେରୁଥାଏ । ଛକ ନିକଟରେ ପଛରୁ ପୁଣି ସେହି ପାଉଁଜି ଶବ୍ଦ ଶୁଣି ରହିଗଲି । ଅପେକ୍ଷା କରି ଦେଖିଲି ସେହି ଝିଅ ଠୁକୁରୁ ଠୁକୁରୁ ହୋଇ ଛୋଟେଇ ଛୋଟେଇ ଆସୁଛି । ଝିଅଟି ପାଖେଇ ଆସିବାରୁ ତାକୁ ପଚାରିଲି, କ'ଣ ତୋର ଗୋଡ଼ ଭଲ ହୋଇଗଲା?

ଉତ୍ତର ଦେଇ ଝିଅଟି କହିଲା, କେତେ ଆଉ ଘରେ ବସିବି । ଆପଣଙ୍କୁ ବହୁତ ଦିନ ହେବ ଦେଖିପାରିନି । ତେଣୁ ସମସ୍ତଙ୍କ ବାରଣ ସତ୍ତ୍ୱେ ମୁଁ ଚାଲିବା ଆରମ୍ଭ କରିଛି । ଏଥର ମୁଁ ଆଉ ଅନ୍ୟମନସ୍କ ହେବିନି । ଠିକ୍ ଏହି ସମୟରେ ଘରୁ ବାହାରିବି । କେବଳ ଆପଣଙ୍କୁ ଦେଖିବା ପାଇଁ ।

ମନ ମୋର ଖୁସି ହୋଇଗଲା । ଯାହାହଉ ଏଥର ପୁଣି ସେହି ପାଉଁଜି ଶବ୍ଦ ଶୁଣିପାରିବି ।

*ଖୋର୍ଦ୍ଧା,*
*ମୋ. ୯୮୬୧୪୬୪୨୭୬*

## ସାହିତ୍ୟର ଭାଗ୍ୟଫଳ

### କଥା ଏତିକି

● ସୁନୀଲ ବୋଷ



**ଲେ**ଖାଲେଖି କରୁଥିବା ଲୋକଙ୍କ ପାଇଁ ଏ ବର୍ଷଟି ଶୁଭଫଳ ଦେବ । ସେମାନଙ୍କ ମନଲାଖି ହେବ ୨୦୨୬ ।

ଲେଖିବା ପାଇଁ ଯଥେଷ୍ଟ ପ୍ଲଟ୍ ମିଳିବ, ତେଣୁ କଲମ ଚଳଚଞ୍ଚଳ ରହିବ । ମୂଲ୍ୟବୋଧର ଅବକ୍ଷୟ, ରୁଚିର ସଙ୍କଟ, ଦରଦର ଅଭାବ, ଉଗ୍ର ଆଧୁନିକତା, ମଡର୍ଣ୍ଣ ଜୀବନଶୈଳୀ, ଫାଷ୍ଟଫୁଡ୍ ପ୍ରେମ ଆଉ ଉତ୍କଟ ମୋବାଇଲ୍ ନିଶାର ଅଧିକ ପ୍ରଭାବ ରହିବ ସ୍ରଷ୍ଟାଙ୍କ ସର୍ଜନାରେ।

ହଁ, ପୁରସ୍କାର ଚୟନରେ ଆଗଭଳି ଅସ୍ୱଚ୍ଛତା ରହିବନି ବୋଲି ଗଣନା କହୁଛି । ଧୁଆଁଳିଆ ପରିବେଶ କଟିଯିବ । ସ୍ୱଚ୍ଛତା ଏବଂ ନିରପେକ୍ଷତା କାୟାବିସ୍ତାର କରିବ ।

ବିଗତ ଦିନମାନଙ୍କରେ ଯେଉଁଭଳି କଦର୍ଯ୍ୟ ଖବର ସବୁ ଚର୍ଚ୍ଚାକୁ ଆସିଥିଲା ସେସବୁ ଶୁଣି ଯୋଗ୍ୟ ସାଧକମାନେ ପୁରସ୍କାର ପାଇଁ ଭୟ କରୁଥିଲେ। ଆଲୋଚନା ହେଉଥିଲା– ଯୋଗ୍ୟଲୋକ ପୁରସ୍କାର ପାଆନ୍ତି ନାହିଁ। ତେଣୁ ଅଯୋଗ୍ୟ ତାଲିକାରେ ରହିବାକୁ ଅନେକେ ପସନ୍ଦ କରୁନଥିଲେ ।

ପୁରସ୍କାର ଯୋଗ୍ୟ ଲୋକ ପାଆନ୍ତି ନାହିଁ– ଏଭଳି ଆଲୋଚନା ତୀବ୍ରତର ହେବା କାରଣରୁ ପୁରସ୍କାର ପାଇଁ ଠେଲାପେଲା ଯେ ଆଗକୁ କମିବ ଏ ଆଶା ମଧ୍ୟ ରହିଛି। ପୁରସ୍କାର ଫିକ୍ସିଂକୁ ନେଇ ଯେଉଁ ସମ୍ଭାବନା ଏବଂ ଆଶଙ୍କା ଦେଖାଦେଉଥିଲା ତାହା ଅପସରି ଯିବ ।

ଏ ବର୍ଷ ସାହିତ୍ୟ ଶୃଙ୍ଖଳମୁକ୍ତ ହେବ । କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ କବ୍‌ଜାରେ ରହିବନି ସାହିତ୍ୟ । ନିଜ ନିଜ ଭିତରେ ଟେକାଟେକି ହେବାର ପ୍ରବଣତା ଅନେକଟା କମିବ ବୋଲି ଗଣନାରୁ ଜଣାଯାଏ ।

ଚୟନକର୍ତ୍ତାଙ୍କଠାରେ ତେଲିଆ ମୁଣ୍ଡରେ ତେଲ ବୋଳିବାର ଆଚରଣ ଦୂର ହେବ । ତେଲିଆ ମୁଣ୍ଡିଆମାନେ ଆଉ ସେମାନଙ୍କ ମୁଣ୍ଡରେ ତେଲ ବୋଳିବାକୁ ବାରଣ କରିବେ ବୋଲି ଆଶା କରାଯାଏ ।

ଆମ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବା ପରେ ପାଠକଙ୍କ ଦ୍ୱାରା ଅଧିକ ଆଦୃତ ହେବ ବୋଲି ଆଶା ଖୁବ୍ ସ୍ପଷ୍ଟ । ଭାଷାକୁ ନେଇ ଲୋକେ ସ୍ୱାଭିମାନୀ ହେବେ ବୋଲି ଅନୁମାନ କରାଯାଏ । ସରକାରଙ୍କ ତରଫରୁ ମଧ୍ୟ ଭାଷାର ସୁରକ୍ଷା ଏବଂ ପ୍ରଚାରପ୍ରସାର ପାଇଁ ତତ୍ପରତା ବୃଦ୍ଧି ପାଇବ । ଯୋଗ୍ୟ ଲୋକଙ୍କୁ ଖୋଜି ବାହାର କରିବା ଦିଗ ଉପରେ ସରକାର ଅଧିକ ଯତ୍ନବାନ ହେବେ । ସବୁସବୁ ମିଶି ସାହିତ୍ୟ ରାଶିର ଲୋକଙ୍କ ପାଇଁ ବର୍ଷଟି ଆଶାଦାୟୀ ହେବ ବୋଲି ଆଶା। ଧିମେଇ ଯାଇଥିବା ସେମାନଙ୍କ କଲମ ଚଳଚଞ୍ଚଳ ହେବ । ମରିଯାଇଥିବା ମନ ପୁଣି ନୂଆ ଆଶାରେ ସତେଜ ହୋଇଉଠିବ । ହେଲେ ଏକାଡେମୀ ପୁରସ୍କାର କେବେ ଝାମେଲା ମୁକ୍ତ ହେବ ଏବଂ ବିଗତ ଦିନମାନଙ୍କର ପୁରସ୍କାର ସାଧକମାନଙ୍କୁ କେବେ ଦିଆଯିବ ଏକଥା ଗଣନାରୁ ଜଣାଯାଉନି । ଗଣନା ଏଇଠି ଫେଲ୍ ମାରିଛି ।

## ନୂଆବର୍ଷ, ଗୋଟେ ନିଷିଦ୍ଧ ଇଲାକା

● ବେବୀଲତା ଶତପଥୀ

ଚାରିଆଡେ ଆଲୁଅର
ଛାଇ ଛାଇକା ଜହ୍ନରାତି
ସଜଫୁଟା ଫୁଲ ତୋଡ଼ାର ଶୁଭେଚ୍ଛା
ଛକାପଞ୍ଝା କବାଡିଖେଳର ଆତସବାଜି
କ'ଣ ନା ବରଷକ ପରେ ଆସୁଚି
ଭାରି ସନ୍ତର୍ପଣରେ ରାଜକୀୟ ଠାଣିରେ
ସେ ଆସୁଛି
ସେ ଆଉ କେହି ନୁହେଁ
ନୂଆବର୍ଷ ନୂଆଉର୍ଜା ନେଇ ଆସୁଚି ମ ।

ନୂଆବର୍ଷ ଡିଣ୍ଡିମ ପିଟିବ
ଚେତନାର ଚୌହଦିରେ
ପ୍ରତିକ୍ଷଣରେ ପ୍ରତିମୁହୂର୍ତ୍ତରେ
ମନର ମହୁଆ ନିଶାରେ
ପାପୁଲିଏ ପ୍ରେମ କବିତାରେ
ସେଇ ସମୟ ସେଇ ଭାବନା
ସେଇ ଆସକ୍ତି
ରାତିର ଅବଶିଷ୍ଟ ଆୟୁଷ
ନିଶ୍ଚୟ ଖୋଲିବ ଜିତେନ୍ଦ୍ରିୟର
ଅବୋଧ ପଂକ୍ତି ।

ସମ୍ଭାବନାର ପାଦ ଥାପି ସେ ଆସିବ
ସଂଜୀବନୀର ମନ୍ତ୍ର ପଢି
ଆଞ୍ଜୁଳାଏ ଭରସାରେ
ସମ୍ପର୍କ ର ମହଲ ତୋଳି
ସୁଖ ଶାନ୍ତି ଆଉ କଣ ଯେ
ସେ ଆସୁ
ଅସରା ଅସରା ଖୁସି ନେଇ
ହାତ ହଲେଇ ଧୀରେଧୀରେ
ଅପସରି ଦେଇ
କ୍ୟାଲେଣ୍ଡର ର ଶେଷ ପୃଷ୍ଠା
ନୂଆବର୍ଷ ନ ହେଉ, ଗୋଟେ ନିଷିଦ୍ଧ ଇଲାକା...

*ପଦ୍ମାଲୋକ, କେ–୪,*
*କଳିଙ୍ଗ ବିହାର, ଭୁବନେଶ୍ୱର,*
*ମୋ. ୬୩୭୨୯୯୯୫୯୦*

## ନୂଆବର୍ଷ ନେଇଆସୁ...

● ଲକ୍ଷ୍ମୀପ୍ରିୟା ପୃଷ୍ଟି

କୁହୁଡ଼ିର ଧୂଆଁ ଚିରି ଏ ସକାଳ ଲାଗେ କାହିଁ ଏତେ ଶୁଭମୟ
କାଳିମାର ରାତି ଡେଇଁ କନକ କିରଣ ଛୁଏଁ ପୁଣ୍ୟ କା ଆଳୟ
କୁସୁମର ଅର୍ଘ୍ୟ ଦାନେ ଉଲ୍ଲସିତ ଏ ପବନ ମତୁଆଲା ଭାରି
କେଜାଣି କା ତରୁଣ ଭାବନା ତଳେ ତା ରାଜୁତି କରୁଥାଏ ଘେରି ।

ନୂଆବର୍ଷ ନୂଆ ନୁହେଁ ନୂଆ ଏକ ଚକମକ୍ ସ୍ୱପ୍ନର ଆଭାସ
କାଲେଣ୍ଡର ପୃଷ୍ଠାପରେ ସଙ୍କେତ ସେ ନୂଆ ଏକ ଆଶାର ଆକାଶ
ନୂଆବର୍ଷ ବୁଝେନାହିଁ କାହା ମନ ଈର୍ଷା, ଘୃଣା, କ୍ରୋଧ ଅବା ଦ୍ୱେଷ
ଶୀତର ଚାଦର ନାଇ ଆସେ ସିଏ ବାଣ୍ଟିବାକୁ ପ୍ରୀତିର ସନ୍ଦେଶ ।

ମାଟିର ସିଲଟ ପରେ ଲେଖେ ସମ୍ଭାବ୍ୟ ସୁଖକୁ କାକର କାଳିରେ
କିଏ ବୁଝେ କିଏ ବା ଅବୁଝା ସାଜେ ମାତିଥାଏ ଅନ୍ଧାରି ପଣରେ
ଗୋଲାପ ସ୍ତବକ ତଳେ ଛପିଥାଏ କାହିଁ ଗୋଟେ ଆତତାୟୀ ଆଖି
ଶୋଷିବାକୁ ଚଳଚଳ ରକ୍ତ କାର ଯେତେ ସବୁ ବିଶ୍ୱାସ ଉପେକ୍ଷି ।

ନୂଆ ସୂର୍ଯ୍ୟ ନେଇ ଆସୁ ଅଜସ୍ର ବିଶ୍ୱାସର ସଫେଦ ହୃଦୟ
କୁହୁଡ଼ିର ଧୂଆଁ ଚିରି ଏ ସକାଳ ସାଜୁଥାଉ ସଦା ଶୁଭମୟ ।

ମୋ. ୭୩୭୭୩୧୮୭୮୯

## ପ୍ରତିଶ୍ରୁତି

● ପ୍ରଶାନ୍ତ କୁମାର ନାୟକ

କଥା ଦେଇଥିଲ ଆଖିରେ କେବେ ମୋ
ଲୁହ ଟୋପେ ଦେବ ନାହିଁ,
ଲୁଚିଲୁଚି ଆଜି କାନ୍ଦୁଛି ଏକା ମୁଁ
ଦେଖିବାକୁ କେହି ନାହିଁ ।

ଆଖିରେ ଲୁହ ମୋ ଦେଖିବନି କହି
ନିତି ଦେଉଥିଲ ବୁଝେଇ ,
ବୋହିଯାଏ ଆଜି ଶ୍ରାବଣର ଧାରା
କାନ୍ଦେ ମୁଁ ଲୁଚେଇ ଲୁଚେଇ ।

କଥାଦେଇ ତୁମେ କାହିଁକି କେଜାଣି
ସେ କଥାତ ରଖିଲ ନାହିଁ,
କହିଥିଲ ପରା ଆଖିରେ କେବେ ମୋ
ଲୁହ ଟୋପେ ଦେବ ନାହିଁ ।

ଏଇ ଜୀବନତ କିଛିଦିନ ପାଇଁ
ଆଜି ଅଛି କାଲି ନାହିଁ,
କାହାକୁ ଯଦି ତୁମେ ହସେଇ ନପାର
ଲୁହ କେବେ ଦେବ ନାହିଁ ।

ୟୁନିଟ୍–୫, ଭୁବନେଶ୍ୱର
ମୋ.– ୮୨୪୯୬୫୦୪୧୪

## ଶୀତରାତିରେ ତୁମେ ମନେପଡ଼

● ନିରଞ୍ଜନ ସାହୁ

ଏ ଶୀତରାତିରେ ତୁମେ ମନେପଡ଼
ନିଦ ଭାଙ୍ଗିଗଲା ପରେ
ତୁମରି ଅଭାବ ଅନୁଭବ କରେ
ଶୀତରେ ଯଦିଓ ଥରେ ।

ତୁମେ କେଉଁପରି ଶୀତ କାଟୁଥିବ
ତାହା ମୋତେ ଜଣାନାହିଁ
ମୁଁ କିନ୍ତୁ ତୁମକୁ ମୋ ଶୟନ କକ୍ଷେ
ମନେମନେ ଥାଏ ଚାହିଁ
ମାତ୍ର ନିରୁପାୟ ଭାବରେ ରହଇ
ମୋହରି ମନଟା ମରେ ।

ତୁମକୁ ନେଇକି ଶୀତ କଟାଇବା
ମୋ ଭାଗ୍ୟରେ ନାହିଁ ଲେଖା
ଇଛାକରି ମଧ୍ୟ ଡେଇଁ ପାରେନା ମୁଁ
କର୍ତ୍ତବ୍ୟ ଲକ୍ଷ୍ମଣ ରେଖା
ବାଧହୋଇ ମୁହିଁ ପଡ଼ି ରହିଥାଏ
ଏଠିକାର ଭଡ଼ାଘରେ ।

ଶୀତରାତିର ଏ ଲମ୍ବା ରାତି ଆଣେ
ମନରେ ମିଳନ ଆଶା
ଆଶା କରିକରି ଦିନ କଟିଯାଏ
ନିଜେ ବୁଝି ନିଜ ଭାଷା
ଅବଶୋଷ ନେଇ ସମୟ କଟଇ
ମନରେ ବେଦନା ଭରେ ।

ତୁମେ ବି ମୋ ପରି ଶୀତ କାଟୁଥିବ
ବିଛଣା ଉପରେ ପଡ଼ି
ମୋ ଅନୁପସ୍ଥିତି ଅନୁଭବ କରି
ଭାବନା ଭିତରେ ଜଡ଼ି
କ'ଣ କରିହେବ ବୁଝିପାରେନା ମୁଁ
ଶୀତରେ ବି ଲୁହ ଝରେ ।

ନିହଲ ପ୍ରସାଦ, ଗଁଦିଆ ପାଟଣା,
ଢେଙ୍କାନାଳ
ମୋ, : ୯୯୩୮୭୪୧୫୮୩

## ଭଲଅଛନ୍ତି ବାପା

● ପ୍ରିୟ ରଞ୍ଜନ ପଟ୍ଟନାୟକ



**ବା**ବୁ କେମିତି ଅଛନ୍ତି?

ଭଲ ଅଛନ୍ତି... ଅନିକେତଠୁ ଶୁଣି କ୍ଷୀରବାଲା ଫେରିଗଲା ।

ବାବୁ ସୁସ୍ଥ ଅଛନ୍ତି ତ?

ହଁ ସଂପୂର୍ଣ୍ଣ ସୁସ୍ଥ...ଅନିକେତଠୁ ଶୁଣି ପେପରବାଲା ଫେରିଗଲା ।

ପୁଅରେ, ବାପା କେମିତି ଅଛନ୍ତି?

ହଁ ମଉସା ଭଲ ଅଛନ୍ତି... ଅନିକେତଠୁ ଶୁଣି ବାଇକ ଷ୍ଟାର୍ଟ କରି ଫେରିଗଲେ ପଡ଼ୋଶୀ ନିଧି ମଉସା ।

ଗେଟ୍ ପାଖରୁ ଫେରି ସୀମା ଉପରେ ରାଗିଗଲା ଅନିକେତ । ବାପା ଯେ ଅସୁସ୍ଥ, ଏକଥା ସମସ୍ତଙ୍କୁ ଡେଙ୍ଗୁରା ବାଡ଼େଇ କହିବା କ'ଣ ଜରୁରୀ? ଅନିକେତର କଥାରେ ଆଶ୍ଚର୍ଯ୍ୟ ପ୍ରକାଶ କଲା ସୀମା । 'ମତେ ନୁହଁ ବାପାଙ୍କୁ କୁହ ।' ସୀମାଠୁ ରୋକଠୋକ୍ କଥା ଶୁଣି କ୍ରୋଧ ବଢ଼ିଗଲା ଅନିକେତର । ଖଟରୁ ଉଠିପାରୁନଥିବା ଜଣେ ବୟସ୍କ ରୋଗୀଙ୍କ ପାଇଁ ତମ ମନରେ...ସେ ତୁମର ଶ୍ୱଶୁର... ଆପଣାର... କହିଲାବେଳକୁ ଅନିକେତର ସ୍ୱର ଥରିଉଠୁଥିଲା । ବୁଝିସାରିଥିଲା ସୀମା । କାହାର ସହାନୁଭୂତିକୁ ଆଶା କରୁନଥିବା ଅନିକେତକୁ ସେ ଭଲଭାବେ ଜାଣିଛି ପ୍ରଥମ ଦେଖାରୁ... କଲେଜ ସମୟରୁ । ଅନିକେତର ବାପା କଲେଜର ପ୍ରିନ୍ସିପାଲ ଥିବା ସମୟରେ ସବୁ କ୍ଷେତ୍ରରେ ଅନିକେତ ପାଇଁ ସବୁପ୍ରକାର ସାହାଯ୍ୟ–ସହାନୁଭୂତି ଅଜାଡ଼ି ହୋଇ ପଡୁଥିଲା । ହେଲେ ଅନିକେତକୁ ସେସବୁ କଣ୍ଟା ପରି ଫୋଡ଼ି ହୋଇ ଭାରି କଷ୍ଟ ଦେଉଥିଲା । ସେ ଯେ କେବଳ ଗୋଟେ ମାଧ୍ୟମ ପ୍ରିନ୍ସିପାଲଙ୍କ ନଜରରେ ଆସିବା ପାଇଁ ଏକଥା ସେ ଭଲଭାବେ ଜାଣିପାରିଥିଲା । ସୀମା ଯେତେ ବୁଝାଇଲେ ବି ଅନିକେତ ସେ କଲେଜ ଛାଡ଼ିବାକୁ ଜିଦ୍ ଧରିଥିଲା । ତେବେ ସୀମା ଛାଡ଼ିବାକୁ ରାଜି ନହେବାରୁ ଅଗତ୍ୟା ଅନିକେତ ନିଷ୍ପତ୍ତି ବଦଳେଇଥିଲା । ପ୍ରିନ୍ସିପାଲଙ୍କ ପୁଅ ଭାବରେ ଅନିକେତ ବହୁ କଷ୍ଟ ପାଉଥିଲା ବେଳେ ପ୍ରିନ୍ସିପାଲଙ୍କ ଭାବି ବୋହୂ ହିସାବରେ ସୀମା କିନ୍ତୁ ଅନେକ ସୁଖ ପାଉଥିଲା । ଆଭିଜାତ୍ୟ ଆଉ ସମ୍ମାନର ସ୍ପର୍ଶରେ ତା' ସ୍ୱପ୍ନ ଯେ ବାସ୍ତବରେ ପରିଣତ ହୋଇପାରିବ ଏ ବିଶ୍ୱାସରେ ସୀମା ବିଶ୍ୱାସୀ ଥିଲା। ଆଉ ତା' ବିଶ୍ୱାସ ବାସ୍ତବ ରୂପ ନେଇଥିଲା।

ଏଥର ଅନିକେତର ପାଖକୁ ଆସି ହାତକୁ ଧରି କହିବାକୁ ଲାଗିଲା, 'ମୁଁ ସେସବୁ ଜାଣେ । ହେଲେ ତମେ ଟିକେ ମୋତେ ବୁଝିବା ଦରକାର। ଏତେଦିନ ଗୋଟିଏ ଛାତତଳେ ରହିବା ପରେ ତମେ କେମିତି ଭାବିପାରୁଛ ବାପାଙ୍କ ଅସୁସ୍ଥତା ଖବର ମୁଁ ବୁଲି ବୁଲି'.... କଥାରେ ବାଧା ଦେଇ ହାତକୁ ଛିଞ୍ଚାଡ଼ି ଘର ବାହାରକୁ ବାହାରିଗଲା ଅନିକେତ । ଅନିକେତର ରାଗ ତମ ତମ ବ୍ୟବହାର ଯଦିଓ ନୂଆ ନୁହେଁ ତେବେ ଆଜିର ବ୍ୟବହାର କିଛି ଭୟ ସଂଚାର କରିବାକୁ ଆରମ୍ଭ କଲା ସୀମାର ମନରେ । ଅନିକେତଙ୍କୁ ଆଉ ଆତ୍ମୀୟତାର ଭାଷାରେ ବାନ୍ଧି ହୁଏନା । ସଂଘର୍ଷରେ ବିଶ୍ୱାସୀ ଅନିକେତ କିପରି ବୁଝିପାରୁନାହାନ୍ତି ଯେ ଅନେକ ଅଲୋଡ଼ାପଣ ଆଉ ଅପସନ୍ଦ ଗୁଣକୁ ବି ଜୀବନରେ ସାମିଲ କରି ଜୀଇଁବାକୁ ପଡ଼େ ବୋଲି! ତେବେ ଯାଇ ଜୀବନ ସୁନ୍ଦର ଆଉ ସଂପୂର୍ଣ୍ଣ ଲାଗେ । ନିଜ ବିଚାରରେ ଏମିତି ଏକପାଖିଆ ଜୀବନ କେମିତି ବଂଚିବେ ଭାବି ଭାବି ରୋଷେଇ ଘର ଆଡ଼େ ମୁହାଁଇଲା ସୀମା ।

ଜାଣି ଜାଣି ଗହଳିଆ ସରୁ ରାସ୍ତାରେ ଆଗେଇଲା ଅନିକେତ । ଲୋକମାନଙ୍କ ହାଉଜାଉ ଭିଡ଼ରେ ସେ ହଜିଯିବାକୁ ଚାହେଁ । ଭିଡ଼ର ସୁଅରେ ସେ ଭାସିଯିବାକୁ ଚାହେଁ । ଦୂରକୁ । ଅନେକ ଦୂରକୁ। ସୀମାଠାରୁ ବହୁତ ଦୂରକୁ । ସୀମାର ସୀମା ବାହାରକୁ । ଅନେକ ଦେହ ଘସାଘସି ପାଦ ଚଢ଼ାଚଢ଼ି ଏଇ ରାସ୍ତା ପ୍ରତି ଦିନେ ଥିଲା ତା'ର ଅନେକ ଆଲର୍ଜି । ଅନିକେତର ଅଲକ୍ଷ୍ୟରେ ସମୟ ବୋଧେ ଘୁରିଯାଇଛି । ସୀମା ବଦଳି ଯାଇଛି । ତା'ର କଥା, ବ୍ୟବହାରରେ କେମିତି ଗୋଟେ ସ୍ୱାର୍ଥପରତାର ଗନ୍ଧ ଆସୁଛି । ପାଦକୁ ଆହୁରି ଜୋର କଲା ସେ । ଏଇ ଭିଡ଼ରେ ଯାଇ ଯାଇ ସେ ପହଁଚିଯିବାକୁ ଚାହେଁ ପୃଥିବୀର ଶେଷ ପ୍ରାନ୍ତରକୁ ।

ଥକି ଗଲାଣି ସେ । ଥକି ଯିବା ପରାଜୟର ଅନ୍ୟ ନାମ ନା ବିଜୟ ନିମିତ୍ତ ଶେଷ ଯୁଦ୍ଧ! ଉପରକୁ ଚାହିଁଲା ସେ । ଆକାଶ ନୁହେଁ ସୂର୍ଯ୍ୟ ଜଳୁଥିଲେ । ସେ କ'ଣ କରିବ? ଫେରିଯିବ ନିଜ ଜୀବନକୁ ବଞ୍ଚେଇ ଘରକୁ ନା ଚାଲିବ ପୁଣି ଥରେ...। ଅଟକ ପାଦକୁ ଆଗକୁ ବଢ଼େଇବା ପୂର୍ବରୁ ରୁମାଲରେ ନିଜ ମୁହଁକୁ ଅର୍ଦ୍ଧେକ ଢାଙ୍କିନେଲା । କେହି ଆଉ ଚିହ୍ନିପାରିବାର କ୍ଷୁ ନାହିଁ । କାହାର ବେଦନା କି ସମବେଦନା ଛୁଇଁପାରିବନି ତାକୁ । ଏବେ ସେ ଅସହାୟ ନୁହେଁ । ଏ କ'ଣ ବେଶ୍ ଚିହ୍ନାଚିହ୍ନା ବାସ୍ନାଟେ ଘୁରିବୁଲୁଛି ତା' ନାକ ପାଖରେ । ତା' ହୃଦସ୍ପନ୍ଦନ ବଢ଼ିବାକୁ ଲାଗିଲା । ଏ ବାସ୍ନା ସହିତ ସେ ଖୁବ୍ ପରିଚିତ । ରୁମାଲ କାଢ଼ିଦେଲା । ବାସ୍ନା ହଜିଗଲା। ରୁମାଲକୁ ପୁନର୍ବାର ନାକ ପାଖକୁ ନିଅନ୍ତେ ସେ ଡରିଗଲା । ବାପାଙ୍କ ଦେହର ବାସ୍ନା! ଯୋଉ ବାସ୍ନାକୁ ଶୁଂଘି ସେ ସହଜରେ ଚିହ୍ନିପାରେ ବାପାଙ୍କ ଗଞ୍ଜିକୁ । ଏଇ ବାସ୍ନା ତ ଗାମୁଛାରେ ନେସି ହୋଇ ରହିଥାଏ, ଯେତେ ଧୋଇଲେ ବି ବାସ୍ନା ଯାଏନି । କେବେ କେବେ ବାପାଙ୍କ ଅନୁପସ୍ଥିତିର ସୁଯୋଗ ନେଇ ସେ ଗାମୁଛାକୁ ଧରି ମନଭରି ଶୁଂଘିଛି । ଏକ ଅପୂର୍ବ ମାଦକତା, ଆତ୍ମୀୟତା... ଅନ୍ୟମନସ୍କ କରୁଥିବା ସେଇ ବାସ୍ନାକୁ ନିଜ ଦେହରେ ବୋଳିହେବାକୁ ଇଚ୍ଛା କରିଥିଲେ ବି ପାରିନି । ସେଇ ବାସ୍ନାକୁ ମନଭରି ପିଇଯିବାର ଶୋଷ ମେଣ୍ଟେନି କେବେ । ସବୁ ଦେହ ବାସେ ନା କେବଳ ବାପାଙ୍କ ଦେହ! ତା' ନିଜକୁ ସେ ଅନେକଥର ଶୁଂଘିଛି କାହିଁ କେବେ ତ କିଛି ବାସ୍ନା ପାଇନି? ବଜାରରୁ ଫେରି ସେ ଯେତେବେଳେ ତାର ସାର୍ଟ ଓହ୍ଲେଇ ଗଞ୍ଜି କାଢ଼ିଦିଏ, ସେତେବେଳେ ତ ସୀମା ତା' ପାଖ ମାଡ଼େନି । ତମେ ଭାରି ଝାଳୁଆ କହି ନାକକୁ ଏମିତି ଟେକିଦିଏ ଯେ, ଅନିକେତ ଭୁଲିଯାଏ ଝାଳ ଛଡ଼ା ଆଉ କିଛି ତା' ପାଖେ ଥିବ ବୋଲି । ଥରୁଟିଏ ନିଜ ଝାଳୁଆ ଗଞ୍ଜିକୁ ଶୁଂଘି ଅନିକେତ ବୁଝିପାରିଛି ସୀମା ଯଥାର୍ଥ କଥା କହୁଛି।

ରୁମାଲକୁ ଏଥର ଭଲଭାବେ ଦେଖିଲା ଅନିକେତ । ବିଦ୍ୟୁତର ଚମକଟେ ଖେଳିଗଲା ଦେହରେ । ଏ ତ ତା' ରୁମାଲ । କାହିଁ କେବେ ସୀମା ଦେଇଥିଲା । ରୁମାଲ ଦେଲେ କାଳେ ସମ୍ପର୍କ କଟିଯାଏ ବୋଲି ଦଶଟଙ୍କା ବି ଆଦାୟ କରିଥିଲା ସୀମା । ଏଇ ରୁମାଲକୁ ପାଖରୁ କେବେ ବି ଅନ୍ତର କରିନି ସେ । ବିବାହ ପୂର୍ବର ଏଇ ଭଲପାଇବାର ସନ୍ତକଟିକୁ ଚିହ୍ନିବାରେ ତାର ଭୁଲହେବନି । ହେଲେ ଏବେ ଯେମିତି ସବୁ ଭୁଲଭାଲ୍ ହେଇଯାଉଛି । ସୀମା ପ୍ରତି ଭରିଆସିଥିବା ଘୃଣା କ୍ଷଣକରେ ଉଭେଇଗଲା। ବାପା ଆଉ ସୀମାର ମୁହଁ ନାଚିଗଲା ତା ଆଖିରେ । ସେ ଦେଖୁଛି ରାସ୍ତାସାରା ଖାଲି ବାପା ଆଉ ସୀମା... ସୀମା ଆଉ ବାପା । ଓଃ... ସେ ପାଗଳ ହେଇଯିବ । ତାକୁ ଫେରିବାକୁ ହେବ... ବାପାଙ୍କ ପାଖକୁ....ସୀମା ପାଖକୁ।

ଅନ୍ୟମନସ୍କତାରେ ସେ ଫେରୁଥିଲା ଘରକୁ ।

ପହଁଚି ସିଧା ରୋଷେଇ ଘରକୁ ମୁହାଁଇଲା ଅନିକେତ। ସୀମାଠୁ ବୁଝିନେବ ରୁମାଲ–ବାସ୍ନାର ଅବୁଝା ରହସ୍ୟକୁ । ସୀମାକୁ ଦେଖି ପକେଟରୁ ରୁମାଲ କାଢୁକାଢୁ ପାଖ ଘରୁ ବାପାଙ୍କ କାଶ ଶୁଣି ଦୌଡ଼ିଲା ବାପାଙ୍କ ପାଖକୁ । ହାତ ଦେଖେଇ ଇସାରାରେ କହୁଥିଲେ ବାପା । 'ହଁ ଏମିତି କଣ ଟିକେ କାଶ ହେଇଗଲା । ତୁ ଚିନ୍ତା କରନା । ମୁଁ ଶୀଘ୍ର ଭଲ ହେଇଯିବି ।' ଇସାରାକୁ ଭଲଭାବେ ପଢ଼ି ପାରୁଥିଲା ଅନିକେତ । କ'ଣ କହିବ ବୋଲି ଭାବିଲାବେଳକୁ ବାପାଙ୍କ ପାଇଁ ଔଷଧ ଆଉ ପାଣିଗ୍ଲାସ ଧରି ସୀମା ହାଜର । ସୀମାର ଆଖି ସାଥେ ଆଖି ମିଶେଇବାକୁ ଚେଷ୍ଟା କଲା ସେ ହେଲେ ସୀମା ବାପାଙ୍କ ସେବାରେ ଲାଗି ପଡ଼ିଲା । ଅନିକେତ ଫେରିଆସିଲା ବାପାଙ୍କ ପାଖରୁ । ବାପାଙ୍କୁ ବୁଝେଇ ଅନ୍ୟମନସ୍କ କରାଇ ସୀମା ଔଷଧ ଦେଉଥିଲା । ସୀମା କମ୍ ସ୍ତ୍ରୀ ବେଶୀ ମା'ଟିଏ ନିଶ୍ଚୟ ।

ଭାବନାରେ ଭାବନାରେ କେବଳ ସୀମା ଆଉ ବାପା ହିଁ ଘାରିଚାଲୁଥିଲେ ଅନିକେତକୁ ସେ ରାତିତମାମ୍ । ରାତିଅଧରେ ଅନିକେତ ରୁମାଲକୁ ଶୁଂଘିଲା। ସେଇ ବାସ୍ନା । କଡ଼ ଲେଉଟାଇଲା ସୀମା । ରୁମାଲକୁ ରଖିଦେଇ ପୁଣି ଶୋଇବାକୁ ଆରମ୍ଭ କଲା ସେ । ସୀମାକୁ ସେ କହିବନି । କାଳେ ସୀମାର ସ୍ପର୍ଶରେ ବାସ୍ନା ହଜିଯିବ । ତା'ର କେବଳ ଅଧିକାର ଅଛି ସେ ବାସ୍ନାକୁ ଉପଭୋଗ କରିବାର । ସୀମା କଣ ଜାଣିବ ସେ ବାସ୍ନାର ମୂଲ୍ୟ? ପୁଣି ଆଖିବୁଜି ଭାବିଚାଲିଲା ସେ ବାସ୍ନାର ଅନୁଭବକୁ । କେତେବେଳେ ନିଦ ଧିର ପାଦରେ ଆସି ଜାବୁଡ଼ି ଧରିଲା ଅନିକେତକୁ ।

ପରଦିନ ସକାଳ କିନ୍ତୁ ସୁନ୍ଦର ନଥିଲା । ଆକାଶରେ ପ୍ରଚୁର ମେଘ ଜମାଟ ବାନ୍ଧିସାରିଥିଲେ । ଏଇ ବର୍ଷିବ ବର୍ଷିବର ଭୟ ଅଣ୍ଡାପବନ ହେଇ ଛୁଇଁ ଯାଉଥିଲା ମାଟିକୁ, ଗଛକୁ, ହସ୍ପିଟାଲର ନିର୍ଦ୍ଦୟ କାନ୍ଥସବୁକୁ । ହେଲେ ଅନିକେତ ଆଉ ସୀମା ପାଇଁ ଏସବୁ କିଛି ବି ମୂଲ୍ୟ ରଖୁନଥିଲା । ଅନିକେତର ସବୁ ସଂପର୍କର ପର ଖସି ଖସି ଯାଉଛି। ସେ ହରେଇବସୁଛି ବଞ୍ଚିବାର କ୍ଷମତାସବୁକୁ। ସୀମା ବି କାନ୍ଦିଚାଲିଛି । ବାପା ଆଉ ନାହାନ୍ତି ବୋଲି ସେ କେମିତି ଗ୍ରହଣ କରିବ? କେତେ ସହଜରେ ଡାକ୍ତର ପରାଜୟକୁ ବରଣ କରିନେଲେ! ସେ କେତେ ନେହୁରା ନ ହେଇଛି । ହେଲେ ନେହୁରା ସବୁ ବୁମେରାଂ ହୋଇ ତା'ର ଧୈର୍ଯ୍ୟକୁ ଖଣ୍ଡ ଖଣ୍ଡ କରି ଭାଙ୍ଗିଚାଲିଛି ।

କ୍ରିୟାକର୍ମ ସାରି ଗାଁରୁ ଫେରିଲେ ଅନିକେତ ଆଉ ସୀମା । ଘର ଭିତରକୁ ପାଦ ଦେଉ ଦେଉ ଅଟକିଗଲା ଅନିକେତ । ସେ ନୁହେଁ ବାପାଙ୍କ ପରେପରେ ସୀମା ହିଁ ଘରର ମୁରବୀ । ଅନିକେତର ଇସାରାରେ ସୀମା ପାଦ ପକେଇ ଘରର ତାଲା ଖୋଲି ଭିତରକୁ ପଶିଗଲା । ଭିଜିଆସୁଥିବା ଆଖି ଦୁଇଟିକୁ ତତ୍‌କ୍ଷଣାତ୍ ରୁମାଲରେ ପୋଛିନେଲା ସେ । ହଠାତ୍ ଜୀବନ ସଂଚରିଗଲା ତା ଦେହସାରା । ରୁମାଲରୁ ଭାସିଆସୁଥିବା ବାପାଙ୍କ ଦେହର ବାସ୍ନାକୁ ମନଭରି ପିଇଚାଲିଲା ।

x x x

ଶୀଘ୍ର ଅଫିସରୁ ଫେରିବାକୁ କହିଛି ସୀମା । ବାପା ଯିବା ପରେ କେବଳ ସୀମା ହିଁ ତାର ସବୁକିଛି । ଘଣ୍ଟାକୁ ଦେଖିଲା ଅନିକେତ । ତିନିଟା ପନ୍ଦର ମାତ୍ର । ପାଞ୍ଚଟା ପୂର୍ବରୁ ଅଫିସ୍ ଛାଡ଼ିବା ମନା । ହେଲେ ୟା ଭିତରେ ସୀମାର ଦଶଟା ମିସ୍‌ଡ କଲ୍ । ଅନିକେତ ପାଣି ପିଇ ଆଉଥରେ ମନେପକାଇବାକୁ ଲାଗିଲା, କାହିଁକି ଶୀଘ୍ର ଫେରିବାକୁ ସୀମା ଜିଦ୍ କରିଛି । ମନେମନେ ଟିକେ ହସିଲା ଅନିକେତ । ବେଳେବେଳେ ସୀମାର ବୟସ କମିଯାଏ । ଭାରି ପିଲାଳିଆମିପଣରେ ଜିଦ୍ କରେ । ତା' ପିଲାଳିଆମିପଣ ଅନିକେତକୁ ଭାରି ଭଲ ଲାଗେ ।

ଲାଜ ଜଡ଼ସଡ଼ ମୁହଁରେ ସୀମା ଅନିକେତ କାନରେ ଚୁପିଚୁପି କହିବାକୁ ଲାଗିଲା । ଖୁସିର ବଡ଼ ଜୁଆରଟେ ପିଟି ହେଇଗଲା ଅନିକେତର ଛାତିରେ । ଅତି ସତର୍କତାରେ ସେ ଅନିମାର ପେଟକୁ ଛୁଇଁଲା । ଲାଜରେ ଭିଜା ଅନିମା ଦୁଇହାତରେ ତୋଳିଧରିଲା ଅନିକେତର ସୁନ୍ଦର ମୁହଁକୁ । ଚିନ୍ତା କରନି, ବାପା ଭଲ ଅଛନ୍ତି... କହି ଲାଜୁଆ ମୁହଁକୁ ଲୁଚେଇଦେଲା ଖୁସିର ଢେଉ ପିଟୁଥିବା ଅନିକେତର ଛାତିରେ । ଚିହ୍ନାଚିହ୍ନା ଆପଣାର ବାସ୍ନାଟେ ଘୁରି ବୁଲୁଥିଲା ତା' ଚାରିପାଖରେ ।

*ମଙ୍ଗଳା ନଗର, ଖୋର୍ଦ୍ଧା*
*ମୋ– ୯୮୫୩୨୦୯୮୫୨*

୬

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ
ଭୁବନେଶ୍ୱର ୧ ଜାନୁଆରୀ ୨୦୨୬ । ଗୁରୁବାର

## ବିଭିନ୍ନ ସମସ୍ୟା ନେଇ ସାମ୍ବାଦିକଙ୍କ ସହ ଜିଲ୍ଲାପାଳଙ୍କ ଆଲୋଚନା

**କେନ୍ଦ୍ରାପଡ଼ା,୩୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ମଙ୍ଗଳବାର ଅପରାହ୍ନରେ ସ୍ଥାନୀୟ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର ଆୟର ସମସ୍ତ ଛାପା ଏବଂ ବୈଦ୍ୟୁତିକ ଗଣମାଧ୍ୟମ ପ୍ରତିନିଧିଙ୍କ ସହିତ ଆଲୋଚନା କରିଛନ୍ତି। ଜିଲ୍ଲାରେ ଜିଲ୍ଲାଠାରୁ ବ୍ଲକ ପର୍ଯ୍ୟନ୍ତ ଓସ୍ୱାସ ଫାଇଲ କାର୍ଯ୍ୟ, ନଭେମ୍ବର ମାସରୁ ଆରମ୍ଭ ହୋଇଥିବା ରାଜସ୍ୱ ଜନଅଭିଯୋଗ ଶୁଣାଣି ଶିବିର ଏହା ଛଡା ପ୍ରତ୍ୟେକ ସୋମବାର ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ପୂର୍ବରୁ ପୂର୍ବ ଅଭିଯୋଗ ଶୁଣାଣି ଶିବିରରେ ଆସିଥିବା ଅଭିଯୋଗ ଗୁଡିକର ସମୀକ୍ଷା ସହ ୧ ତାରିଖରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ୭୦ଟି ନୂତନ ବେଡ଼ର ଆରମ୍ଭ କରାଯାଉଥିବା ଜିଲ୍ଲାପାଳ କହିଛନ୍ତି। ଏହାଛଡା ଏମଏସଏମଇ ପାର୍କ ନିର୍ମାଣ ହେବ ବୋଲି ଜିଲ୍ଲାପାଳ କହିଛନ୍ତି। ଏତତ ବ୍ୟତୀତ ସାମ୍ବାଦିକମାନେ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ରାସ୍ତା, ଜଳସେଚନ, ପାନୀୟ ଜଳ, ଟ୍ରାଫିକ ସମସ୍ୟା, ଭୂତଳ ଜଳ, ରାସ୍ତା ପ୍ରଶସ୍ତିକରଣ, ବେଆଇନ ପାର୍କିଂ, ଦାଦନ ସମସ୍ୟା, ସମେତ ସାମ୍ବାଦିକଙ୍କ ନିମନ୍ତେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ଗୃହ ଯୋଗେଇଦେବା ଇତ୍ୟାଦି ବିଷୟରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏହି ସାକ୍ଷାତକାର କାର୍ଯ୍ୟକ୍ରମରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଫକିର ମୋହନ ମାଝୀ ଉପସ୍ଥିତ ଥିଲେ ।

## ପହିଲାରେ ପାଳିତ ହେବ ବିଶ୍ୱଶାନ୍ତି ପ୍ରାର୍ଥନା

**କେନ୍ଦ୍ରାପଡ଼ା,୩୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଦିବ୍ୟଜୀବନ ସଂଘ କେନ୍ଦ୍ରାପଡା ଶାଖା ଗରାପୁରସ୍ଥିତ ଶିବାନନ୍ଦ ଆଶ୍ରମର ପ୍ରତିଷ୍ଠାତ୍ରୀ ଶ୍ରୀମା ସ୍ୱାମୀ ଦିବ୍ୟସ୍ୱରୂପାନନ୍ଦ ସରସ୍ୱତୀ ବିଶ୍ୱଶାନ୍ତି ପ୍ରାର୍ଥନା ଦିବସ ପାଳନ ପାଇଁ ସମଗ୍ର ବିଶ୍ୱବାସୀଙ୍କୁ ନିବେଦନ କରିଛନ୍ତି। ସାରା ବିଶ୍ୱରେ ସମସ୍ତ ଦିବସ ପାଳନ ହେଉଥିବା ବେଳେ ପ୍ରାର୍ଥନା ଦିବସ କିନ୍ତୁ ପାଳନ ହେଉନାହିଁ। ଏହାକୁ ବିଚାର କରି ଆଶ୍ରମର ଶ୍ରୀମା ଜାନୁଆରୀମାସର ପ୍ରଥମ ଦିନକୁ ପ୍ରାର୍ଥନା ଦିବସ ରୂପେ ପାଳନ କରିବାକୁ ସମସ୍ତଙ୍କୁ ନିବେଦନ କରିଛନ୍ତି। ଯିଏ ଯେଉଁଠି ଥାଉନା କାହିଁକି ସେଠାରେ ନିଜର ଇଷ୍ଟ ଦେବତାଙ୍କୁ ବିଶ୍ୱର ଶାନ୍ତି ନିମନ୍ତେ ପ୍ରାର୍ଥନା କରିବାକୁ ଶ୍ରୀମା ଅନୁରୋଧ କରିଛନ୍ତି। ସମାଜରେ ଆତଙ୍କରାଜ ବଢି ଚାଲିଛି। ହିଂସା,ଇର୍ଷା କର୍କଟ ରୋଗ ଭଳି ବୃଦ୍ଧି ହେବାରେ ଲାଗିଛି। ପରସ୍ପର ସ୍ନେହ ଓ ସହାନୁଭୂତି କମି କମି ଚାଲିଛି। ମଣିଷ ପଣିଆ ଆମ ଭିତରୁ ଲୋପ ହୋଇଯାଇଛି। ଦୈବୀ, ଦୁର୍ବିପାକ କେତେ ଯେ କ୍ଷୟକ୍ଷତି କରି ଧନ ଜୀବନ ନଷ୍ଟ କରୁଛି। ସବୁ ବେଳେ ଚାରିଆଡେ ହା ହା କାର। ମଣିଷ ଆଜି ଅନିଶ୍ଚିତତା ଭିତରେ ଗତି କରୁଛି। ରୋଗ, ବ୍ୟାଧି, ମାନସିକ ଯନ୍ତ୍ରଣା, ପାରିବାରିକ ସମସ୍ୟା କେତେ କ'ଣ ସବୁ ଜୀବନରେ ଘଟିଯାଉଛି। ଏହାର ନିରାକରଣ ଏକମାତ୍ର ପ୍ରାର୍ଥନା। ସବୁ ସମସ୍ୟାର ସମାଧାନ କେବଳ ପ୍ରାର୍ଥନା। ସବୁଦିନେ ବିଶ୍ୱଶାନ୍ତି ପାଇଁ ପ୍ରାର୍ଥନା କରିବା ଆମର କର୍ତ୍ତବ୍ୟ। କିନ୍ତୁ ଗୋଟିଏ ଦିନ ଏକ ସମୟରେ ସମସ୍ତେ ମିଳିତ ହୋଇ ପ୍ରାର୍ଥନା କରିବା ବିଶ୍ୱରେ ସତ୍ୟ ଶାନ୍ତି ପ୍ରତିଷ୍ଠା ହେଉ। ସବୁ ବିପଦରୁ ରକ୍ଷା ପାଇଁ ପ୍ରାର୍ଥନା ହେଉଛି ଆମର ଅମୋଘ କବଚ। ଦୁଇ ହାତ ଯୋଡା ପ୍ରାର୍ଥନାରତ ହାତ ମହାଶକ୍ତିଶାଳୀ ପରମାଣୁ ବୋମାକୁ ମଧ୍ୟ ନିଷ୍କ୍ରିୟ କରିଦେଇ ପାରେ। ଆସ ଆମେ ସମସ୍ତେ ଜାନୁଆରୀମାସ ପହିଲାରେ ଏକ ନିର୍ଦ୍ଦିଷ୍ଟ ସମୟରେ ପ୍ରାର୍ଥନା କରିବା ଓ ଜୀବନରେ ଖୁସି ଭରିବା। ସକଳେ ହୋଇ ଏକ ମୁଖ ଡାକିବା ନାରାୟଣ ରଖ ବୋଲି ଶ୍ରୀମା କହିଛନ୍ତି।

## ପୁସ୍ତକମେଳାରେ ଅନୁଷ୍ଠିତ ହେବ ଯୁବ ଓ କିଶୋର ସ୍ପନ୍ଦନ

**କେନ୍ଦ୍ରାପଡ଼ା,୩୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା ଜାନୁୟାରୀ ୬ ତାରିଖଠାରୁ ଆରମ୍ଭ ହେବାକୁ ଯାଉଥିବା ୨୩ତମ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକମେଳାର ପ୍ରସ୍ତୁତି ବୈଠକ ସହ ଏହାର ଆୟୋଜକ କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜରସ୍ (କେମ୍)ଏକ ବର୍ଷାନ୍ତ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ମୋବାଇଲ୍ ଓ ଡିଜିଟାଲ୍ ମାଧ୍ୟମର ବହୁଳ ବ୍ୟବହାର ପୁସ୍ତକପଠନରୁ କିଶୋର ଓ ଯୁବବର୍ଗଙ୍କୁ ବିରତ ରଖୁଥିବାରୁ ଏହି ବୈଠକରେ ଆଲୋଚିତ ହୋଇଥିଲା। ବହିର ଦୁନିଆ ସହ ସେମାନଙ୍କୁ ନିକଟତର କରିବା ପାଇଁ ଏଥର ଆୟୋଜକ କେମ୍ ପକ୍ଷରୁ ଦୁଇଟି ଅଭିନବ କାର୍ଯ୍ୟକ୍ରମ ଯୁବସ୍ପନ୍ଦନ ଓ କିଶୋର ସ୍ପନ୍ଦନ ଏହି ମେଳାରେ ସଂଯୋଜିତ କରାଯାଇଛି। ଯେଉଁଥିରେ କଳା, ବୌଦ୍ଧିକ ଓ ସାଂସ୍କୃତିକ ପ୍ରତିଭା ପ୍ରଦର୍ଶନର ଅବକାଶ ସହିତ ଯୁବ କିଶୋର ବର୍ଗଙ୍କ ନିମନ୍ତେ ଏକ ସାଂସ୍କୃତିକ ସୃଜନ ଉତ୍ସବର ପରିବେଶ ସୃଷ୍ଟି କରାଯିବ ବୋଲି କେମ୍‌ର ସଭାପତି ଅକ୍ଷୟ ପାଣି ଓ ମହମ୍ମଦ୍ ଜାହିଦ୍ ଖାନ୍ ପ୍ରକାଶ କରିଛନ୍ତି। ଯୁବ ସ୍ପନ୍ଦନର କାର୍ଯ୍ୟକ୍ରମ ସଂଯୋଜିକା ଅମରିନ୍ ସାହଦତ୍ ଓ କିଶୋର ସ୍ପନ୍ଦନର କାର୍ଯ୍ୟକ୍ରମ ସଂଯୋଜନା ରଞ୍ଜନ କୁମାର ବିଶ୍ୱାଳଙ୍କ ପରିଚାଳନାରେ ଏହି ତ୍ରିଦିବସବ୍ୟାପୀ ନୂତନ କାର୍ଯ୍ୟକ୍ରମ କରାଯିବ ବୋଲି କେମ୍‌ର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ପ୍ରକାଶ କରିଛନ୍ତି। ଏହା ବ୍ୟତୀତ ଆଡ଼ଭୋକେଟ୍ ମହମ୍ମଦ୍ ମୁସ୍ତାକ୍ ସଂଗ୍ରହଳୟ ପକ୍ଷରୁ ପୁରାତନ ମୁଦ୍ରା, ଗାନ୍ଧୀ ଓ ନେହେରୁଙ୍କ ସମ୍ପର୍କିତ ଦସ୍ତାବିଜ୍ ତଥା କେନ୍ଦ୍ରାପଡ଼ା ଜିଲ୍ଲାରୁ ପ୍ରକାଶିତ ଦୁଷ୍ପ୍ରାପ୍ୟ ପୁରାତନ ପତ୍ରପତ୍ରିକାର ପ୍ରଦର୍ଶନ କରାଯିବ। ଏହି ବନ୍ଧୁମିଳନ ଓ ପ୍ରସ୍ତୁତି ବୈଠକରେ ଉପସଭାପତି ସରୋଜକାନ୍ତ ସାହୁ, ସହ ସମ୍ପାଦକ ପ୍ରତାପ ସ୍ୱାଇଁ, ହିମାଂଶୁ ଦାସ, ସୋମ୍ୟରଞ୍ଜନ ପଟ୍ଟନାୟକ, ଶାନ୍ତନୁ ମଲ୍ଲିକ୍, ଅଧ୍ୟାପକ ଡ଼ ଗିରିଜାକାନ୍ତ ଦାସ, ଡ଼ ଆଶୁତୋଷ ରାଉତ, କବି ଶୁଭ୍ରାଂଶୁ ଦାସ, ମୁଖ୍ୟ ସଂଯୋଜକ ବଂଶୀଧର ମହାନ୍ତି, ବରିଷ୍ଠ ସଭ୍ୟା କବି ନବଜ୍ୟୋତି ରାୟ ଓ ଡ଼ ଯତିନ୍ଦ୍ର କୁମାର ରାଉତ ଏବଂ କେମ୍‌ର ଅନ୍ୟ ସଦସ୍ୟସଦସ୍ୟାମାନେ ଉପସ୍ଥିତ ରହି କବିତା ପାଠ ଓ ସ୍ୱଅନୁଭୂତି ପ୍ରକାଶ କରିଥିଲେ।

## କସ୍ତୁରୀ କଳା ନିକେତନର ବାର୍ଷିକୋତ୍ସବ

**ପଟ୍ଟାମୁଣ୍ଡାଇ,୩୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଯୁଗ ଯୁଗ ଧରି ଐତିହ୍ୟ କଳା ସାହିତ୍ୟ ସଂସ୍କୃତି ଏବେ ବି କେନ୍ଦ୍ରାପଡା ଜିଲା ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଶୋଭାପାଉଛି। ଐତିହାସିକ, ରାଜନୈତିକ, ସାଂସ୍କୃତିକ ଏବଂ ଆଧାତ୍ମିକ ଆନ୍ଦୋଳନ ମାଧ୍ୟମରେ ରାଜ୍ୟର ଚିତ୍ରକଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟକଳା, ସଙ୍ଗୀତ ଓ ନୃତ୍ୟ ଏକ ନୂତନ ପରିଚୟ ପାଇଛି। ଏହି ମାଟିର ବହୁ କଳାକାର ସାହିତ୍ୟିକ ଓ ନାଟ୍ୟକାର ପ୍ରତିଷ୍ଠା ଲାଭ କରି ପଟ୍ଟାମୁଣ୍ଡାଇ ପାଇଁ ଗୌରବ ଆଣିଛନ୍ତି। କଳାର ଏହି ଜୀବନ୍ତ ପରମ୍ପରାକୁ ନେଇ କସ୍ତୁରୀ କଳା ନିକେତନର କଳା ଓ କଳାକାରର ଭୂମିଭାବେ ପରିଚିତ ହୋଇପାରିଛି ବୋଲି ମଙ୍ଗଳବାର ପଟ୍ଟାମୁଣ୍ଡାଇ ଅଞ୍ଚଳର ନୃତ୍ୟ ସଂଗୀତ ଅନୁଷ୍ଠାନ କସ୍ତୁରୀ କଳା ନିକେତନର ୩୩ତମ ବାର୍ଷିକର ଦ୍ୱିତୀୟ ସନ୍ଧ୍ୟା ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି।

କସ୍ତୁରୀ କଳା ନିକେତନ ସଭାପତି ଶିକ୍ଷାବିତ ସୁରେଶ ଜେନାଙ୍କ ପୌରହିତ୍ୟରେ ଆୟୋଜିତ ବର୍ଣ୍ଣାଢ୍ୟ ଉତ୍ସବରେ ମୁଖ୍ୟଅତିଥି ବିଧାୟକ ସାହୁ କହିଲେ ସମଗ୍ର ବିଶ୍ୱରେ କଳା, ସାହିତ୍ୟ ଓ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ କଳାତୀର୍ଥ ପଟ୍ଟାମୁଣ୍ଡାଇର ବଳିଷ୍ଠ ଅବଦାନ ରହିଛି। କଳାକାରମାନେ ହେଉଛନ୍ତି ସୃଜନଶୀଳତାର ପୂଜକ। ମାଟି କଣ୍ଢେଇ ବିକ୍ରି କରୁଥିବା ଜଣେ ସାମାନ୍ୟ ଶିଳ୍ପୀ ବି କଳାକୁ ଜୀବନ୍ତ ରୂପ ଦେଇଥାଏ। କଳାକୁ ସୃଷ୍ଟିକରେ ଓ ତାହାକୁ ଭଲପାଏ। ଚିତ୍ରକଳା, ସ୍ଥାପତ୍ୟକଳା, ତାରକସି, ପିତଳ ଓ ଟେରାକୋଟା କାମ, ମାଟି କଣ୍ଢେଇ ଭଳି କଳାକୃତିରେ ଆମ ଅଞ୍ଚଳର କାରିଗରି ଓ ହସ୍ତକଳା ପ୍ରତିଫଳିତ ହୋଇଥାଏ। ଏଥିରେ ଆମ କାରିଗରଙ୍କ ପରିକଳ୍ପନା ଓ ସୃଜନଶୀଳତାର ଝଲକ ଦେଖିବାକୁ ମିଳିଥାଏ। ଓଡ଼ିଶା ଏକ କଳାର ରାଜ୍ୟ ହୋଇଥିବା ବେଳେ ଯୁଗ ଯୁଗ ଧରି ପଟ୍ଟାମୁଣ୍ଡାଇ ନିଜର ଉତ୍କୃଷ୍ଟ କଳାକୁ ବିଶ୍ୱ ଦରବାରରେ ପ୍ରଦର୍ଶିତ କରିଆସିଛି। ସଂସ୍କୃତିପୁରୁଷ ଦିବଂଗତ ଦିବାକର ବିଶ୍ୱାଳ ମାନସ ସନ୍ତାନ କସ୍ତୁରୀ କଳା ନିକେତନ କାଳାକାର ମାନେ କଳା ଏବଂ ସଂସ୍କୃତିର ପରମ୍ପରାକୁ ଆଉପାଦେ ଆଗକୁ ନେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବାରୁ ଏହା ଆମ ଅଞ୍ଚଳପାଇଁ ଗୌରବର ବିଷୟ ବୋଲି ସେ କହିଥିଲେ।

## ବରଗଡ଼କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି

# ୧୩ କୋଟି ଟଙ୍କା ବ୍ୟୟ ଅଟକଳରେ ହେବ ଧନୁଯାତ୍ରା ମହୋତ୍ସବ

**ମଥୁରାନଗରୀ,୩୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ବରଗଡ଼ ଧନୁଯାତ୍ରା ମହୋତ୍ସବ ସବୁଠାରୁ ଅନନ୍ୟ ଓ ନିଆରା। କେବଳ ବରଗଡ଼, ପଶ୍ଚିମ ଓଡ଼ିଶା, ଓଡ଼ିଶା କିମ୍ବା ଭାରତ ନୁହେଁ, ଦେଶ ବାହାର ଲୋକେ ବରଗଡ଼ ଧନୁଯାତ୍ରା ମହୋତ୍ସବକୁ ଉପଭୋଗ କରିବା ପାଇଁ ଏଠାକୁ ଧାଇଁଆସନ୍ତି। ବରଗଡ଼ ଧନୁଯାତ୍ରା ମହୋତ୍ସବ ସାମାଜିକ ଜୀବନରେ ଆଧାତ୍ମିକତାର ନିଦର୍ଶନ ବୋଲି ମଙ୍ଗଳବାର ରାଜ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କଂସ ଦରବାରରେ ମତପ୍ରକାଶ କରିଛନ୍ତି। କେବଳ ସଂସ୍କୃତି ନୁହେଁ, ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ଧନୁଯାତ୍ରା ମହୋତ୍ସବର ଯଥେଷ୍ଟ ଭୂମିକା ରହିଛି। ଫଳରେ ଧନୁଯାତ୍ରା ମହୋତ୍ସବର ବିକାଶ ସହିତ ଏହାକୁ ଆହୁରି ଦିବ୍ୟ ଏବଂ ଭବ୍ୟ କରିବା ପାଇଁ ଆଗକୁ ମଧ୍ୟ ସରକାର ବହୁବିଧ ପଦକ୍ଷେପ ନେବେ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ସନ୍ଧ୍ୟା ସାଢେ ୬ଟାରେ ମୁଖ୍ୟମନ୍ତ୍ରୀ ମଥୁରାନଗରୀସ୍ଥିତ ଗାନ୍ଧୀଛକ ନିକଟ କଲ୍ୟାଣ ମଣ୍ଡପରେ ପହଞ୍ଚିଥିଲେ। ସେଠାରୁ ତାଙ୍କୁ ଶୋଭାଯାତ୍ରାରେ ସ୍ଥାନୀୟ ନିଶାମଣି ହାଇସ୍କୁଲ ସମ୍ମୁଖ ଲୋକ ମଣ୍ଡପ ପଡ଼ିଆର ରଙ୍ଗ ମହଲ ମଞ୍ଚକୁ ଅଣାଯାଇଥିଲା। ମୁଖ୍ୟମନ୍ତ୍ରୀ ହାତୀପିଠିରେ ବସି ମଥୁରାବାସୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ରଙ୍ଗ ମହଲ ମଞ୍ଚକୁ ସେ ରାଜ ଅତିଥି ଭାବେ ପହଞ୍ଚିବା ପରେ ସେଠାରେ ତାଙ୍କୁ କଳିଙ୍ଗ ସମ୍ରାଟ୍ ଭାବେ ସ୍ୱାଗତ କରାଯାଇଥିଲା। ତାଙ୍କୁ ଦେଖି କଂସ ମହାରାଜ ମଥୁରାରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ ଉପରେ ସୂଚନା ଦେବା ପାଇଁ କଳିଙ୍ଗ ସମ୍ରାଟ୍ ତଥା ମୁଖ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। କଂସ ମହାରାଜଙ୍କ ଆଦେଶ ପାଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇ କହିଥିଲେ, ୧୩ କୋଟି ଟଙ୍କା ବ୍ୟୟ ଅଟକଳରେ ଧନୁଯାତ୍ରା ମହୋତ୍ସବର ସ୍ଥାୟୀ ରାଜମହଲ ନିର୍ମାଣ ହେବ। ଯମୁନା ନଦୀରେ ୧୧୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଆନିକଟ ନିର୍ମାଣ ପାଇଁ ସେ ଅନୁମୋଦନ କରିଥିବା ବେଳେ ମଥୁରନଗରୀ ଦେଇ ଯାଇଥିବା କେନାଲ ଉପରେ ୪୦କୋଟି ଟଙ୍କା ବ୍ୟୟ ଅଟକଳରେ ସୌନ୍ଦର୍ଯ୍ୟକରଣ କରାଯିବ। ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନା କାର୍ଯ୍ୟକାରୀ କରାଯାଇ ଥିବା ବେଳେ ପି.ଏମ୍. କିଶାନ ଏବଂ ସି.ଏମ୍. କିଶାନ ଯୋଜନାରେ କୃଷକମାନେ ଉପକୃତ ହେଉଥିବା ମୁଖ୍ୟମନ୍ତ୍ରୀ କହିଥିଲେ। ସେହିପରି ଧାନ ଉଠାଣ, କଟ୍‌ନୀଛଟ୍‌ନୀ ଏବଂ ଟୋକନ ସମସ୍ୟାର ତ୍ୱରିତ ସମାଧାନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ମୁଖ୍ୟମନ୍ତ୍ରୀଙ୍କ ସହିତ ବରଗଡ଼ ଏମ୍‌ପି ପ୍ରଦୀପ ପୁରୋହିତ, ବିଧାୟକ ଅଶ୍ୱିନୀ କୁମାର ଷଡ଼ଙ୍ଗୀ, ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ, ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ଜିଲାପାଳ ଆଦିତ୍ୟ ଗୋୟଲ, କାର୍ଯ୍ୟକାରୀ ସଭାପତି ତଥା ଏସ୍‌ପି ପି.ଏସ୍. ମୀନା ଏବଂ ସମ୍ପାଦକ ସୁରେଶ୍ୱର ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ।

## ବାଂଗ୍ଲାଦେଶରେ ହିନ୍ଦୁମାନଙ୍କୁ ହତ୍ୟା ପ୍ରତିବାଦରେ ବଳଦେବ ସେନାର ବିକ୍ଷୋଭ

**କେନ୍ଦ୍ରାପଡ଼ା,୩୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବାଂଲାଦେଶରେ ନିରୀହ ହିନ୍ଦୁମାନଙ୍କୁ ନିର୍ମମ ହତ୍ୟା ଘଟଣାର ପ୍ରତିବାଦରେ ବଳଦେବସେନା ପକ୍ଷରୁ ମଙ୍ଗଳବାର ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ମନ୍ଦିର ସିଂହଦ୍ୱାର ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହି ବିକ୍ଷୋଭରେ ସଂଗଠନର ବହୁ କାର୍ଯ୍ୟକର୍ତ୍ତା ଓ ସମର୍ଥକ ଯୋଗ ଦେଇଥିଲେ। ବିକ୍ଷୋଭକାରୀମାନେ ବାଂଲାଦେଶରେ ଅଳ୍ପସଂଖ୍ୟକ ହିନ୍ଦୁ ସମୁଦାୟଙ୍କ ସୁରକ୍ଷା ତତ୍କାଳ ନିଶ୍ଚିତ କରାଯାଉ ବୋଲି ଦାବି କରିଥିଲେ। କୌଣସି ଦେଶରେ ଧର୍ମ ଆଧାରରେ ନିରୀହ ଲୋକଙ୍କ ଉପରେ ହିଂସା କେବେ ମଧ୍ୟ ଗ୍ରହଣଯୋଗ୍ୟ ନୁହେଁ। ଯେପରି ଭାବେ ବାଂଲାଦେଶୀ ନାଗରିକ ଦିପୁ ଚନ୍ଦ୍ର ଦାସଙ୍କୁ ଗଛରେ ଝୁଲାଇ ଜୀବନ୍ତ ଦଗ୍ଧ କରାଯାଇଥିବା ଘଟଣା ଘଟିଥିଲା ତାହା ଅତ୍ୟନ୍ତ ହୃଦୟବିଦାରକ। ଏହି ଘଟଣା ସମଗ୍ର ହିନ୍ଦୁ ସମାଜକୁ ବିଚଳିତ କରିଛି। ଦୀର୍ଘ ସମୟ ବିତି ଯାଇଥିଲେ ମଧ୍ୟ ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କୌଣସି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ଅତ୍ୟନ୍ତ ଦୁର୍ଭାଗ୍ୟ ଜନକ। ଭାରତ ସରକାର ତୁରନ୍ତ ବାଂଲାଦେଶରେ ନିର୍ଯାତିତ ହିନ୍ଦୁମାନଙ୍କ ସୁରକ୍ଷା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବା ସହିତ ଆବଶ୍ୟକ ହେଲେ ସେମାନଙ୍କୁ ଭାରତରେ ଶରଣାର୍ଥୀ ଭାବେ ରହିବାର ଅନୁମତି ଦିଅନ୍ତୁ ବୋଲି ସେନା ପକ୍ଷରୁ ଦାବି କରାଯାଇଛି। ଏହା ସହ କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡ଼ା ଓ ରାଜନଗର ବ୍ଲକରେ ଅବୈଧ ଭାବେ ବସବାସ କରୁଥିବା ବାଂଲାଦେଶୀ ଅନୁପ୍ରବେଶକାରୀମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଦାବି ହୋଇଛି। ଏଥିସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ଦିର ସେବକ ଟ୍ରଷ୍ଟି ନୃସିଂହ ଚରଣ ପତ୍ରୀ, ସଭାପତି ପପୁନ କୁମାର ସ୍ୱାଇଁ, ସମ୍ପାଦକ ଅମର କୁମାର ବାରିକ, ଉପଦେଷ୍ଟା ନିରଞ୍ଜନ ମେକାପ, ଉମାକାନ୍ତ ବଳ, ମୁଖପାତ୍ର ଜ୍ୟୋତିରଞ୍ଜନ ପତ୍ରୀ, ସେବକ ରାଜେନ୍ଦ୍ର ପ୍ରସାଦ ପତ୍ରୀ ଓ ଅନ୍ୟ ସଦସ୍ୟ ଆଶିଷ ପ୍ରଧାନ, ଆଶୁତୋଷ ପଣ୍ଡା, ହିମାଂଶୁ ରାଉତ, ପ୍ରକାଶ ଗୋଛୟତ, ଗଣେଶ ଗୋଛୟତ, ସୁବାସ ନାୟକ ଓ ଦିବ୍ୟାଂଶୁ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ମହିମା ପୀଠରେ ପୌଷ ପୂର୍ଣ୍ଣିମା ପାଇଁ କଳସ ଯାତ୍ରା

**ମୁରିବାହାଲ,୩୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକ ସଦର ମହକୁମା ସ୍ଥିତ ଅଲେଖ ମହିମା ମଠରେ ପୌଷ ପୂର୍ଣ୍ଣିମା, ବିଶ୍ୱଶାନ୍ତି, ଘୃତଆହୂତି ବ୍ରହ୍ମଧୂନି ନାମଯଜ୍ଞ ପାଇଁ କଳସ ଯାତ୍ରା ହୋଇଯାଇଛି ନିକଟସ୍ଥ ଜଳାଶୟରୁ ଏକ ବିଶାଳ ଶୋଭଯାତ୍ରାରେ ପୂର୍ଣ୍ଣ ଜଳ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଗ୍ରାମର ଶତାଧିକ ପୁରୁଷ, ମହିଳା ଘଣ୍ଟ, ଶଙ୍ଖ, ଖୋଳ, ସଂକୀର୍ତ୍ତନ୍ୟ ସହ ଶୋଭଯାତ୍ରାରେ ସାମିଲ ହୋଇଥିଲେ। ଯଜ୍ଞ ବାବା ଉଦଯୋଗୀ ସାଧୁ ସୁଶୀଲ ଦାସଙ୍କ ତତ୍ତ୍ୱାବଧାନରେ ୨୯ ତାରିଖରୁ ୩୧ ପର୍ଯ୍ୟନ୍ତ ପାଳିତ ହେବାକୁ ସ୍ଥିର କରାଯାଇଛି।

## ମଦ ବିରୋଧରେ ମାତିଲେ ମହିଳା

**ସୁନ୍ଦରଗଡ,୩୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଘର ଉଜାଡୁଛି ମଦ। ଭାଙ୍ଗିଯାଉଛି ଶହ ଶହ ପରିବାର। ନିଇତି ମଦ ପାଇଁ ଗଡୁଛି ମୁଣ୍ଡ। ମଦ ପିଇ ପୁଅ କେଉଁଠି ବାପାକୁ ମାରିଲାଣି ତ ଆଉ କେଉଁଠି ଯୁବତୀଙ୍କୁ ଅସଦାଚରଣ କଲାଣି। ପୂରା ରାଜ୍ୟରେ ମଦ ପାଇଁ ବଢୁଛି ଅପରାଧ। ସେହି ଧାରାରେ ସୁନ୍ଦରଗଡ ଜିଲ୍ଲାର ଗାଁ ଗାଁରେ ମଦର ବନ୍ୟା। ମଦ ଯୋଗୁଁ ଉଜୁଡିଯାଉଛି ସଂସାର। ଗାଁର ଛୁଆଠୁ ଆରମ୍ଭ କରି ବୁଢ଼ା ସମସ୍ତେ ମଦ ପିଇ ରାସ୍ତାରେ ଗଡୁଛନ୍ତି। ଘରେ ଘରେ ଅଶାନ୍ତି ଲାଗିରହିଛି। ଛୁଆ ପାଠ ଛାଡ଼ି ଦେଉଛି ତ ବୁଢ଼ା କାମ ଛାଡ଼ି ଦେଉଛି।

ସ୍ଥିତି ଏଭଳି ହେଲାଣି ଯେ ସ୍କୁଲ ପିଲା ବି ଗାଁରେ ମଦ ପିଇବା ଆରମ୍ଭ କଲେଣି। ଘରେ ମନା କଲେ ଗାଳି ଝଗଡ଼ା ହୋଇ ପରିବାର ବି ଉଜୁଡ଼ି ଯାଉଛି। ଆଗକୁ ନୂଆବର୍ଷ ଆସୁଛି। ଏହି ସମୟରେ ମଦ ବିକ୍ରି ବଢିବ। ତେବେ ଗାଁରେ ମଦ ବିକ୍ରି ବନ୍ଦ କରିବା ପାଇଁ ଅବକାରୀ ଅଧୀକ୍ଷକ କାର୍ଯ୍ୟାଳୟ ଘେରିଛନ୍ତି ଲେଫ୍ରିପଡ଼ା ଥାନା ଚନ୍ଦଲି ଗାଁର ମହିଳାମାନେ। ମଦକୁ ସମ୍ପୂର୍ଣ୍ଣ ବନ୍ଦ କରିବାକୁ କରିଛନ୍ତି ଦାବି।

ସେପଟେ ଓଡିଶାରେ ଅପରାଧ ଏବେ ଉପରମୁହାଁ। ରାଜଧାନୀ ସ୍ଥିତି ଆହୁରି ସାଂଘାତିକ। କେଉଁଠି ମୁଣ୍ଡ ଗଣ୍ଡୁଛି, କେଉଁଠି ଗଣଦୁଷ୍କର୍ମ। ମନେ ହେଉଛି ଆଇନଶୃଙ୍ଖଳା ସ୍ଥିତି ଯେମିତି ହୁଗୁଳିଯାଇଛି। ହେଲେ ବିଶେଷଜ୍ଞ କିନ୍ତୁ ଅଲଗା କଥା କହିଲେଣି। ଅପରାଧ ବୃଦ୍ଧି ପଛରେ ନିଶା ହିଁ ପ୍ରମୁଖ କାରଣ। ଅର୍ଥାତ୍ ଅବକାରୀ ବିଭାଗ ସଫଳତା ମୁଖ୍ୟମନ୍ତ୍ରୀଙ୍କ ଗୃହ ବିଭାଗର ବିଫଳତାପ ପଛର ଅସଲ କାରଣ।

## ପେନ୍‌ସନ୍ ଭୋଗୀମାନଙ୍କ ଦାବିକୁ ଅଣଦେଖା

**ଢେଙ୍କାନାଳ,୩୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଅଲ୍ ଓଡିଶା ଇପିଏଫ୍ ପେନ୍‌ସନର୍ସ ଆସୋସିଏସନ୍ ଢେଙ୍କାନାଳ ଜିଲ୍ଲା ଶାଖାର ଏକ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ଜ୍ୟୋତି ରନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ କଲେଜ ବଜାର ଆସୋସିଏସନ ଅଫିସ୍ ଗୃହରେ ଅନୁଷ୍ଠିତ ହୋଇଥିଲା । ଦେଶ ତଥା ରାଜ୍ୟର ଇପିଏଫ୍ ପେନ୍‌ସନର୍ସ ପ୍ରାୟ ୮୨ଲକ୍ଷ ପେନ୍‌ସନ୍ ଭୋଗୀ ଅତି ଦୟନୀୟ ଅବସ୍ଥାରେ ଥାଇ ଅଲ୍ ଇଣ୍ଡିଆ କୋ-ଅର୍ଡିନେସନ୍ କମିଟି ଅଧିନରେ ଦେଶର ପ୍ରତି ଜିଲ୍ଲାସ୍ତର ଓ ସମସ୍ତ ରାଜ୍ୟମାନଙ୍କରେ ସଂଘ ଗଠନ କରି ସେମାନଙ୍କ ଦାବି ୨୦୧୮ ମସିହାରୁ କେନ୍ଦ୍ର ସରକାରଙ୍କ ନିକଟରେ ବାରମ୍ବାର ଉପସ୍ଥାପନ କରି ଆସୁଛନ୍ତି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି ଯେ, କେନ୍ଦ୍ର ସରକାର ସେମାନଙ୍କ ଦାବୀକୁ ଅଣଦେଖା କରି ଚାଲିଛନ୍ତି । ଏହି ପେନ୍‌ସନ୍ ଭୋଗୀମାନେ ଟ.୫୦୦/-ରୁ ଟ.୩୫୦୦/- ପର୍ଯ୍ୟନ୍ତ ପେନ୍‌ସନ୍ ପାଇ ଅତି ଦୟନୀୟ ଅବସ୍ଥାରେ କୁଟୁମ୍ବ ପ୍ରତିପୋଷଣ କରୁଛନ୍ତି। ସେମାନଙ୍କୁ ଏହି ପେନ୍‌ସନ୍ ୧୯୯୫ ମସିହାରୁ ଦିଆଯାଇଥିଲେ ମଧ୍ୟ ଏଥିରେ ଡିଏ ଦିଆଯାଉ ନାହିଁ। ଏହି ସ୍ୱଳ୍ପ ପେନ୍‌ସନ୍ ଯୋଗୁଁ ସେମାନେ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ଅଧିନସ୍ଥ ଯେକୌଣସି ସାମାଜିକ କଲ୍ୟାଣକାରୀ ଯୋଜନାରେ ଅନ୍ତର୍ଭୁକ୍ତ ହୋଇପାରୁ ନାହାନ୍ତି । ଇପିଏଫ୍ ପେନ୍‌ସନ୍ ଭୋଗୀମାନଙ୍କୁ ତା.୦୧.୦୯.୨୦୧୪ ରିଖରୁ କେନ୍ଦ୍ର ସରକାର ସର୍ବନିମ୍ନ ପେନ୍‌ସନ୍ ରାଶିକୁ ବୃଦ୍ଧି କରିବା ପାଇଁ ୨୦୧୩ ମସିହାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତି ଭଗତ ସିଂ ଖୋସିୟାରୀ କମିଟି ଅତିକମ୍‌ରେ ମାସିକ ଟ.୩୦୦୦/- ସହ ମହଙ୍ଗା ଭତା ସୁପାରିଶ୍ କରିଥିଲେ ମଧ ତାକୁ ଫାଇଲ୍ ତଳେ ଅଦ୍ୟାବଧି ଚାପିନିଆ ଯାଇଛି । ଏହା ବ୍ୟତୀତ ଲେବର ଷ୍ଟାଣ୍ଡିଂ କମିଟି ମାନ୍ୟବର ସାଂସଦ ଭର୍ତ୍ତୃହରି ମହତାବଙ୍କ ଅଧକ୍ଷତାରେ ୨୦୨୧ ମସିହାରେ ବସି ମହଙ୍ଗା ଭତା ସହିତ ମାସିକ ପେନ୍‌ସନ୍ ଟ.୩୦୦/- ଦେବା ପାଇଁ ସୁପାରିଶ୍ କରିଥିଲେ ମଧ୍ୟ ଏକଥାକୁ ମଧ୍ୟ ବିଚାରକୁ ନିଆଯାଇନାହିଁ।

## ଟୋକନ ସମସ୍ୟା ଲାଗି ମଣ୍ଡିରୁ ଉଠୁନି ଧାନ

**ମାଲକାନଗିରି,୩୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଆରମ୍ଭରୁ ଝୁଣ୍ଟୁଛି ମଣ୍ଡି। ଟୋକନ ନ ଦେଇ ଉଦଘାଟନ ପ୍ରହସନ ନୁହେଁ ତ ଆଉ କ'ଣ ? ଗୋଟିଏ ଦୁଇଟି ସ୍ଥାନ ନୁହେଁ, ଶହ ଶହ ମଣ୍ଡି। ସାରା ରାଜ୍ୟରୁ ଆସୁଛି ଏଭଳି ଖବର। ଚଳିତବର୍ଷ ଗୋଟିଏ ବି ମଣ୍ଡି ସଠିକ ଢଙ୍ଗରେ ଚାଲିବା ଭଳି ମନେ ହେଉନି। ଯେଉଁଠି ଖୋଲିଛି, ସେଇଠି ଝୁଣ୍ଟିଛି। ଚାଷୀଙ୍କୁ ମଣ୍ଡି ବ୍ୟବସ୍ଥା ନାକେଦମ୍ କରିଛି। ଚାଷଠୁ କଷ୍ଟ ଫସଲ ବିକ୍ରି କରିବା ହୋଇଗଲାଣି। ପଶ୍ଚିମରୁ ଦକ୍ଷିଣ ଓଡିଶା, ପ୍ରତି ପର୍ଯ୍ୟାୟରେ ସାମ୍ନାକୁ ଆସିଛି ମଣ୍ଡି ଅବ୍ୟବସ୍ଥାର ନଗ୍ନ ଚିତ୍ର।

ମାଲକାନଗିରି ଜିଲ୍ଲାରେ ଗତ ୨୪ ତାରିଖରୁ ଆନୁଷ୍ଠାନିକ ଭାବେ ଆରମ୍ଭ ହୋଇଛି ମଣ୍ଡି। ତେବେ ପ୍ରଥମରୁ ହିଁ ଚାଷୀମାନେ ହଇରାଣ ହରକତ ହେଉଥିବା ଚିତ୍ର ସାମନାକୁ ଆସିଛି। ଚାଷୀଙ୍କ ନାଁ ପଞ୍ଜୀକରଣ ହୋଇଛି। କିନ୍ତୁ ମଣ୍ଡି ଅନୁଯାୟୀ ଟୋକନ ଆସି ନାହିଁ। ଜିଲ୍ଲାରୁ ସମସ୍ତ ମିଲରଙ୍କ ନାଁ ମଧ୍ୟ ଏ ଯାଏଁ ନବୀକରଣ ହୋଇନାହିଁ କିମ୍ବା ଗତ ବର୍ଷ ଖରିଫ ମଣ୍ଡିର ଚାଉଳ ମଧ୍ୟ ସମ୍ପୂର୍ଣ୍ଣ ଫେରାଇ ନାହାନ୍ତି ମିଲର। ଏସବୁ ଅବ୍ୟବସ୍ଥା ମଧ୍ୟରେ ସନ୍ତୁଳି ହେଉଛନ୍ତି ସାଧାରଣ ଚାଷୀ। ଏ ଖବର ଆସିଛି ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକର ଉପାନ୍ତ ମାନ୍ୟମକୋଣ୍ଡା ମଣ୍ଡିରୁ। ଗତ ବର୍ଷ ଏହି ମଣ୍ଡିରେ ସପ୍ତାହକ ଦୁଇ ଦିନରେ ୪ ହଜାର କ୍ୱିଣ୍ଟାଲ ଧାନ କିଣିବା ଟାର୍ଗେଟ ରହିଥିବା ବେଳେ ଚଳିତ ବର୍ଷ ମାତ୍ର ପ୍ରତି ମଙ୍ଗଳବାର ଦିନ ଅଢେଇ ହଜାର କ୍ୱିଣ୍ଟାଲ ଧାନ କିଣିବା ଲାଗି ଟାର୍ଗେଟ ଆସିଛି। ଫଳରେ ଅଧିକାଂଶ ଚାଷୀ ଟାର୍ଗେଟ କିମ୍ବା ଟୋକନ ଅଭାବରୁ ଧାନ ବିକ୍ରି କରୁ ପାରୁନ ଥିବା ଅଭିଯୋଗ ହୋଇଛି।

ମାନ୍ୟମକୋଣ୍ଡା ପଞ୍ଚାୟତ ବିଲିଗୁଡା ଗାଁର ଉଲା କଓ୍ୱାସୀଙ୍କର ୧୩ ଏକର ଜମିରେ ୨୪୦ ବସ୍ତା ଧାନ ଅମଳ ହୋଇଛି। ଗତ ବର୍ଷ ଉଲା ଦୁଇଟି ମଣ୍ଡିରେ ୮୦ କ୍ୱିଣ୍ଟାଲ ଧାନ ବିକ୍ରି କରି ଥିବା ବେଳେ ଏବେ ୨୪୦ ବସ୍ତା ବିକ୍ରି ଲାଗି ଟୋକନ ନ ଆସି ଥିବାରୁ ଚିନ୍ତାରେ। ସେପଟେ ମଣ୍ଡିରେ ଟାର୍ଗେଟ ବୃଦ୍ଧି ଲାଗି ଦାବି କରିଛନ୍ତି ଚାଷୀ ଓ ଜନ ପ୍ରତିନିଧି। ଅନ୍ୟପଟେ ମାଲକାନଗିରିରେ ଯୋଗାଣ ବିଭାଗରେ ଅଫିସର ମରୁଡି। ଖାଲି ପଡିଛି ଏସିଏସ୍ଓ ପଦବୀ। ୨ ଜଣ ଅତିରିକ୍ତ ସିଏସ୍ଓ ପଦବି ଫାଙ୍କା। ୫ ଜଣ ଯୋଗାଣ ନିରୀକ୍ଷକ ପଦବି ଖାଲି। ୪ଟି ପ୍ରମୁଖ ସମସ୍ୟା ଯୋଗୁ ମଣ୍ଡି ବ୍ୟବସ୍ଥା ପ୍ରଭାବିତ ହେଉଥିବା ଜଣାପଡିଛି।

## ଚଳନ୍ତା ବସ୍‌ରୁ ବାହାରିଗଲା ଚକ, ଅଳ୍ପକେ ବର୍ତ୍ତିଗଲେ ପର୍ଯ୍ୟଟକ

**ଦିଗପହଣ୍ଡି,୩୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**

ଚାଲୁଥିଲା ବସ୍, ବାହାରିଗଲା ଚକ। ଅଳ୍ପକେ ବର୍ତ୍ତିଗଲେ ୫୦ରୁ ଉର୍ଦ୍ଧ୍ୱ ପର୍ଯ୍ୟଟକ। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟରାସ୍ତା ଗଣିଆନାଳ ଛକରେ ଘଟିଛି ଏଭଳି ଅଘଟଣ।

ସୂଚନାଯୋଗ୍ୟ ଯେ, ନୂଆବର୍ଷ ପାଇଁ ଭଦ୍ରକ ଜିଲ୍ଲା ଚାନ୍ଦବାଲିରୁ 'ମୁସ୍କାନ' ନାମକ ଏକ ଘରୋଇ ବସ୍‌ରେ ତପ୍ତପାଣି ବୁଲିବାକୁ ଆସିଥିଲେ ପର୍ଯ୍ୟଟକ। ତପ୍ତପାଣି ବୁଲି ସାରିବା ପରେ ମହାପ୍ରଭୁ ଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ପୁରୀ ଅଭିମୁଖେ ବାହାରିଥିଲେ। କିଛି ବାଟ ଯିବା ପରେ ଦିଗପହଣ୍ଡି-ବ୍ରହ୍ମପୁର ମୁଖ୍ୟରାସ୍ତା ଗଣିଆନାଳ ଛକ ନିକଟରେ ଘଟିଲା ବଡ଼ ଅଘଟଣ। ଚଳନ୍ତା ବସ୍‌ରୁ ବାମ ପଟର ଆଗ ଚକଟି ହଠାତ୍ ବାହାରି ପଡିଥିଲା। ଚକ ବାହାରିବାର ପରେ ପ୍ରାୟ ୨ଶହ ମିଟର ପର୍ଯ୍ୟନ୍ତ ବସ୍‌ଟି ଘୋଷାଡ଼ି ହୋଇ ଯାଇଥିଲା। ଏଭଳି ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି ପର୍ଯ୍ୟଟକ। କାହାର କୌଣସି କ୍ଷୟକ୍ଷତି ହୋଇନଥିବା ଜଣାପଡିଛି।

## ଗଞ୍ଜାମ ଜିଲ୍ଲା ସଡ଼କ ସୁରକ୍ଷା କମିଟି

**ବ୍ରହ୍ମପୁର,୩୧।୧୨ ଏକ୍ସପ୍ରେସ୍ ନ୍ୟୁଜ୍**



ଜିଲ୍ଲାରେ ଦିନକୁ ଦିନ ସଡକ ଦୁର୍ଘଟଣା ବୃଦ୍ଧି ପାଇବାରେ ଲାଗିଛି। ଏହାକୁ ରୋକ ଲଗାଇବା ପାଇଁ ବିଭିନ୍ନସ୍ତରରେ ବ୍ୟାପକ ସଚେତନ କରାଯାଉଛି। ତଥାପି ସଡକ ଦୁର୍ଘଟଣା ଗଞ୍ଜାମ ଜିଲ୍ଲାରେ ଗତ ବର୍ଷଅପେକ୍ଷା ଚଳିତ ବର୍ଷ ଦୁର୍ଘଟଣା ଜନିତ ହାର ୯ ପ୍ରତିଶତ ବୃଦ୍ଧି ପାଇଥିବା ବେଳେ ମୃତ୍ୟୁ ହାର ୧୮ ପ୍ରତିଶତ ବୃଦ୍ଧି ପାଇଛି। ଏଣୁ ଏନେଇ ବ୍ୟାପକ ଚଢ଼ାଉ ସହିତ ଡ୍ରାଇଭରମାନଙ୍କୁ ନେଇ ସଚେତନ କରିବା ପାଇଁ ମଙ୍ଗଳବାର ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଚାଲିଥିବା ଜିଲ୍ଲା ସଡକ ସୁରକ୍ଷା କମିଟିରେ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୪ ମସିହା ଜାନୁଆରୀ ମାସରୁ ନଭେମ୍ବର ମାସ ମଧ୍ୟରେ ୭୫୭ଟି ଦୁର୍ଘଟଣା ହୋଇଥିବା ବେଳେ ୩୫୩ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ଏଥିରେ ୫୦୪ ଜଣ ଆହାତ ହୋଇଛନ୍ତି। ସେହି ତୁଳନାରେ ୨୦୨୫ରେ ୮୨୯ଟି ଦୁର୍ଘଟଣା ଘଟିଥିବା ବେଳେ ୪୧୯ ଜଣଙ୍କ ମୃତ୍ୟୁ ହୋଇଛି। ଏହା ସହିତ ୫୫୭ ଜଣ ଆହାତ ହୋଇଛନ୍ତି। ବିଶେଷ କରି ରାଜପଥ ଗୁଡିକରେ ଅଧିକ ଦୁର୍ଘଟଣା ଘଟି ମୃତ୍ୟୁ ବରଣ କରିଛନ୍ତି। କିପରି ଏହା ଉପରେ ରୋକ ଲାଗିପାରିବ ସେନେଇ ଏନଫୋର୍ସମେଣ୍ଟ କଡାକଡି କରିବାକୁ କୁହାଯାଇଛି। ପ୍ରତ୍ୟେକ ଅଭିଯୋଗ ଶୁଣାଣି ପରେ ଜିଲ୍ଲାପାଳ, ଆରକ୍ଷୀ ଅଧିକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ ଓ ଜାତୀୟ ରାଜପଥ ବିଭାଗର କର୍ତ୍ତୃପକ୍ଷମାନେ ଚିହ୍ନଟ ହୋଇଥିବା ବ୍ଲାକସ୍ପଟ ଅଞ୍ଚଳ ବୁଲି ଦୁର୍ଘଟଣାର କାରଣ ଖୋଜିବା ସହିତ ସମୀକ୍ଷା କରି ରିପୋର୍ଟ ସଂଗ୍ରହ କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ଏହା ସହିତ ସେଭ୍ ଲାଇଫ୍ ଅଫ୍ ଫାଉଣ୍ଡେସନ ପକ୍ଷରୁ କରାଯାଇଥିବା ସର୍ଭେ ଅନୁଯାୟୀ ଗଞ୍ଜାମ ଜିଲ୍ଲାର ୩୩ଟି ପୋଲିସ୍ ଥାନା ମଧ୍ୟରୁ ୧୧ଟି ଥାନା ଅଞ୍ଚଳରେ ୬୦ ପ୍ରତିଶତରୁ ଅଧିକ ଦୁର୍ଘଟଣା ଘଟିଥିବା ଜଣାପଡିଛି। ଏହି ଅଞ୍ଚଳମାନଙ୍କରେ କିପରି ଦୁର୍ଘଟଣା ହାର କମାଯାଇପାରିବ ତାର ସୁବ୍ୟବସ୍ଥା କରିବା ପାଇଁ ବୈଠକରେ ଆଲୋଚନା ହୋଇଛି। ଜାତୀୟ ରାଜପଥ ପାର୍ଶ୍ୱରେ ବେଆଇନ ପାର୍କିଂ ଓ ବେଆଇନ ଦୋକାନ ଗୁଡିକ ରହିବା ଦ୍ୱାରା ଦୁର୍ଘଟଣା ବଢୁଥିବାରୁ ଏଗୁଡିକୁ ବନ୍ଦ କରିବାକୁ ଏକ ଯୁଗ୍ମ କମିଟି ଗଠନ କରାଯିବ। ଏହା ସହିତ ବେଆଇନ ଜବରଦଖଲକୁ ମଧ୍ୟ ଉଚ୍ଛେଦ କରାଯିବ। ଗଞ୍ଜାମ ପୋଲିସ୍ ଜିଲ୍ଲାର ଖଲ୍ଲିକୋଟ, ଚମାଖଣ୍ଡି, ବୁଗୁଡା, ରମ୍ଭା ଓ ଆସିକା ଥାନା ଅଞ୍ଚଳରେ ଅଧିକ ଦୁର୍ଘଟଣା ଜନିତ ମୃତ୍ୟୁ ଘଟୁଥିବା ବେଳେ ଖଲ୍ଲିକୋଟ, ଚମାଖଣ୍ଡି, ଆସିକା, ହିଞ୍ଜିଳି ଓ ପୁରୁଷୋତ୍ତମପୁର ଥାନା ଅଞ୍ଚଳରେ ଦୁର୍ଘଟଣାରେ ବହୁ ଆହାତ ହୋଇଛନ୍ତି। ସେହିପରି ବ୍ରହ୍ମପୁର ପୋଲିସ୍ ଜିଲ୍ଲାର ସଦର ଥାନା, ଦିଗପହଣ୍ଡି ଥାନା ଓ ଗୋଲନ୍ଥରା ଥାନା ଅଞ୍ଚଳରେ ଦୁର୍ଘଟଣା ଜନିତ ମୃତ୍ୟୁ ଅଧିକ ହେଉଥିବା ବେଳେ ଟ୍ରାଫିକ ଥାନା, ସଦର ଥାନା ଓ ଗୋଲନ୍ଥରା ଥାନା ଅଞ୍ଚଳରେ ଦୁର୍ଘଟଣାରେ ଅଧିକ ଆହାତ ହେଉଛନ୍ତି। ଚଳିତ ବର୍ଷ ଜାନୁଆରୀ ମାସ ଠାରୁ ନଭେମ୍ବର ମାସ ଭିତରେ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ଓ ପୋଲିସ୍ ବିଭାଗ ପକ୍ଷରୁ ଅଭର ସ୍ପିଡ ଗାଡି ଚାଳନା ନେଇ ୪ ହଜାର ୪୯୬ଟି ମାମଲା ରୁଜୁ ହୋଇଥିବା ବେଳେ ହେଲମେଟ ବ୍ୟବହାର କରୁନଥିବା ନେଇ ୫୪ ହଜାର ୨୦୮ଟି , ସିଟ ବ୍ୟାଲ୍ଟ ବ୍ୟବହାର କରିନଥିବା ନେଇ ୧୨୪୦ଟି ମାମଲା, ଗାଡି ଚାଳନା ବେଳେ ମୋବାଇଲର ବ୍ୟବହାର କରାଯାଉଥିବା ନେଇ ୧୨୪୯ଟି, ମଦ୍ୟପାନ କରି ଗାଡି ଚଳାଉଥିବା ନେଇ ୨୩୦୦ଟି, ତ୍ରିପଲ ରାଇଡିଂ ନେଇ ୫୭୫ଜଣ, ବିପରୀତ ଦିଗରେ ଗାଡି ଚାଳନା ନେଇ ୧୯ ହଜାର ୪୨୪ଟି, ନାବାଳକ ଗାଡି ଚାଳନା ନେଇ ୨୬ଟି, ୭୩୫ଟି ଅଭର ଲୋଡିଂ ମାମଲା ରୁଜୁ ହୋଇଥିବା ବୈଠକରେ ଗଞ୍ଜାମ ଆଞ୍ଚଳିକ ପରିବହନ ଅଧିକାରୀ ଇଂ.ଦେବାଶିଷ ସ୍ୱାଇଁ ସୂଚନା ଦେଇଛନ୍ତି।



## ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

**ବିଜ୍ଞାପନ**

ଏତଦ୍ୱାରା ଛତ୍ରପୁର ରଜସ୍ୱ ଉପଖଣ୍ଡର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ,

୧) ଚଳିତ ଖରିଫ ୨୦୨୫ -୨୬ ନିମନ୍ତେ, ଓଡିଶା ସରକାର ଓ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି କ୍ରମେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଦରରେ ପ୍ରାଥମିକ କୃଷି ସେବାସମବାୟ ସମିତି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ଏକ ଗୋଟି ପାଣି ପଞ୍ଚାୟତ ମାଧ୍ୟମରେ ଜିଲ୍ଲା ଯୋଗାଣ ନିଗମ ଦ୍ୱାରା FAQ ମାନର ଧାନ କ୍ରୟ କରିବା ପାଇଁ ବ୍ୟବସ୍ଥା କରାଯାଇଛି।

୨) ଚାଷୀ ଭାଇ ଭଉଣୀମାନେ ସେମାନଙ୍କର ବଳକା ଧାନକୁ ଶୁଖାଇ, ସଫା ସୁତୁରା କରି ଧାନ କ୍ରୟ କେନ୍ଦ୍ରକୁ ଆଣିବେ।

୩) ପୂର୍ବରୁ ପଞ୍ଜିକୃତ ଚାଷୀଭାଇ ଓ ଭଉଣୀମାନେ ସେମାନଙ୍କର ବଳକା ଧାନ ବିକ୍ରୟ କରିବାକୁ ସୁଯୋଗ ପାଇପାରିବେ।

୪) ଚଳିତ ଖରିଫ ଧାନ (K.M.S. ୨୦୨୫-୨୬)ବିକ୍ରି ସମ୍ବନ୍ଧୀୟ ତଥ୍ୟ IVRS –ମାଧ୍ୟମରେ ପ୍ରଦାନର ବ୍ୟବସ୍ଥା କରାଯାଇଛି।

୫) ଚାଷୀଭାଇମାନେ ପଞ୍ଜିକୃତ ମୋବାଇଲରୁ '୧୯୬୭' ନମ୍ବରକୁ କଲ କରି ସବିଶେଷ ତଥ୍ୟ ପାଇପାରିବେ।

୬) P-PAS ବ୍ୟବସ୍ଥା ମାଧ୍ୟମରେ ଚାଷୀମାନଙ୍କ ଠାରୁ ଧାନ କ୍ରୟ କରାଯିବା ସହ ଧାନ ବିକ୍ରୟ ମୂଲ୍ୟ ଚାଷୀଙ୍କ ଜମା ଖାତାକୁ ଅନଲାଇନ ମାଧ୍ୟମରେ ପୈଠ କରାଯିବାର ବ୍ୟବସ୍ଥା କରାଯାଇଛି।

୭) ଚଳିତ ଖରିଫ ୨୦୨୫ -୨୬ ବର୍ଷ ନିମନ୍ତେ ସରକାରଙ୍କ ଦ୍ୱାରା ଧାନର ନିର୍ଦ୍ଧାରିତ FAQ ମାନ ଓ ଦର।

| କ୍ର. ନଂ | ଧାନରେ ମିଶ୍ରିତ ବାହ୍ୟ ପଦାର୍ଥ | FAQ ମାନ | FAQ ମାନ ଧାନର ଦର |
|---|---|---|---|
| ୧ | ବାଲି, ମାଟି, ଗୋଡି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟପଦାର୍ଥ | ୧% | ଚଳିତ ବର୍ଷ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ, ଉଚିତ ହାରାହାରି ଗୁଣବତ୍ତା (FAQ) ଧାନର ସ୍ପଷ୍ଟ ନିର୍ଦ୍ଦେଶିତ ମାନ ସରକାରଙ୍କ ଦ୍ୱାରା ଖରିଫ ବିପଣନ ବର୍ଷ ୨୦୨୫- ୨୦୨୬ ପାଇଁ ସାଧାରଣ ଧାନ କୁଇଣ୍ଟାଲ ପ୍ରତି ଓ ବିକ୍ରି ପରବର୍ତ୍ତୀ ସରକାରୀ ସହାୟତା ସହିତ ୩୧୦୦.୦୦ଟଙ୍କା ଘୋଷଣା କରିଛନ୍ତି। |
| ୨ | କାଠି, କୁଟା, ଅଗାଡି ଇତ୍ୟାଦି ଜୈବିକ ବାହ୍ୟପଦାର୍ଥ | ୧% | |
| ୩ | ଖରାପ, ବେରଙ୍ଗ, ପାଣିଫୁଲା ବା ପୋକ ଇତ୍ୟାଦି ('ଖରାପ, ପାଣି ଫୁଲାଓପୋକମିଶି ୪ %ରୁ ଅଧିକ ହେବନାହିଁ') | ୫% | |
| ୪ | ଅପରିପକ୍ୱ, ସବୁଜ, ବଙ୍କା ବା ସଙ୍କୁଚିତଧାନ | ୩% | |
| ୫ | ସରୁଧାନରେ ମିଶ୍ରିତ ମୋଟାଧାନ (କେବଳ ଗ୍ରେଡ଼ ଏଧାନ ନିମନ୍ତେ) | ୬% | |
| ୬ | ଆଦ୍ରତା ବା ଜଳୀୟ ଅଂଶ | ୧୭ | |

'ସଫା, ଶୁଖିଲା, ସମରଙ୍ଗୀ ଓ ସମ ଆକାରର ଧାନ ଆଣନ୍ତୁ, ସରକାରଙ୍କ ଦ୍ୱାରା ଧାର୍ଯ୍ୟ ମୂଲ୍ୟ ପାଆନ୍ତୁ।'

ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

ସ୍ୱା/-
ଉପ-ଜିଲ୍ଲାପାଳ, ଛତ୍ରପୁର-ତଥା-ଅଧ୍ୟକ୍ଷ
ନିୟନ୍ତ୍ରିତ ବଜାର କମିଟି, ହିଞ୍ଜିଳିକାଟୁ

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ




## ୧୮ରୁ ୨୨ ପର୍ଯ୍ୟନ୍ତ ପ୍ରଧାନପାଟ ଉତ୍ସବ



ଦେବଗଡ଼:ଏକ୍ସପ୍ରେସ୍ ନ୍ୟୁଜ୍

ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଉତ୍ସବ ପ୍ରଧାନପାଟ ୨୦୨୬ ଆୟୋଜନ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନପାଟ ବଡବଗିଚା ମୁକ୍ତ ରଙ୍ଗ ମଞ୍ଚରେ ଜାନୁଆରୀ ୧୮ରୁ ଆରମ୍ଭ ହୋଇ ଜାନୁଆରୀ ୨୨ରେ ଉଦଯାପିତ ହେବ। ଏ ନେଇ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଜିଲ୍ଲା ସଂସ୍କୃତି ପରିଷଦ ଅଧ୍ୟକ୍ଷ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଉତ୍ସବ ପ୍ରଧାନପାଟ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଉତ୍ସବ ପାଞ୍ଚଦିନ ଧରି କରିବା ପାଇଁ ସ୍ଥିର କରାଯାଇଛି। ଉତ୍ସବ ଆୟୋଜନ ନିମନ୍ତେ ଜିଲ୍ଲାର ଲୋକ ନୃତ୍ୟ ଦଳ ଏବଂ ଅନ୍ୟ ପ୍ରଦେଶର ଭିନ୍ନଭିନ୍ନ ଲୋକ ନୃତ୍ୟ ଦଳକୁ ଯୋଗାଯୋଗ କରାଯିବ। ସାଂସ୍କୃତିକ କାର୍ଯ୍ୟକ୍ରମ ବ୍ୟତୀତ ଉତ୍ସବ ଅବସରରେ ପଲିଶ୍ରୀ ମେଳା, ପୁସ୍ତକ ମେଳା, ଖାଦ୍ୟ ମେଳା, ଏବଂ ଜିଲ୍ଲାସ୍ତରୀୟ ଉନ୍ନୟନ ପ୍ରଦର୍ଶନୀ ଆୟୋଜନ କରାଯିବ। ଉତ୍ସବ ର ବିଭିନ୍ନ କାର୍ଯ୍ୟକ୍ରମ ସୁପରିଚାଳନା ନିମନ୍ତେ ଭିନ୍ନଭିନ୍ନ ସବ କମିଟି ଗଠନ କରାଯାଇଛି। ବୈଠକରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲ୍ଲାପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଭାରପ୍ରାପ୍ତ ପୌରପରିଷଦ ଅଧ୍ୟକ୍ଷ ପ୍ରଜୀତ କୁମାର ଭୋଜ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ଅରୁଣ କୁମାର ସାହୁ, ରିଆମାଳ ବ୍ଲକ୍ ପଞ୍ଚାୟତ ସମିତି ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ସହକାରୀ ଜିଲ୍ଲାପାଳ ତାପସ ମହନ୍ତ,ଜିଲ୍ଲା ସଂସ୍କୃତି ଅଧିକାରୀ ଈଶ୍ୱର ଗୁରୁ, ଜିଲ୍ଲା ସଂସ୍କୃତି ପରିଷଦର ସଭ୍ୟ ସୁଜିତ୍ ପାତ୍ର, ନିରଞ୍ଜନ ଦ୍ୱିବେଦୀ, ପ୍ରଧାନପାଟ ଉତ୍ସବ କବିସମ୍ମିଳନିର ଆବାହକ ଅଧାପକ ଚିତ୍ତରଞ୍ଜନ ଦାସ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଉପସ୍ଥିତ ରହି ନିଜର ମତାମତ ପ୍ରଦାନ କରିଥିଲେ।

## ଭ୍ରମିତ ଖବର ପାଇଁ ବଦନାମ ହେଉଛି ବୟାଳିଶମୌଜା: କଂଗ୍ରେସ

ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍

ଗତ ୨୯ତାରିଖରେ କଟକ ବୟାଳିସ ମୌଜା ବ୍ରିଜଠାରେ ଦୁର୍ବୃତ୍ତଙ୍କ ଦ୍ୱାରା ହୋଇଥିବା ଗୁଳି ଚାଳନା ସମ୍ପର୍କରେ ଥାନାରେ ଏତଲା ହେବାପରେ ବିଭିନ୍ନ ଗଣମାଧ୍ୟମରେ ଏହି ଖବର ପ୍ରକାଶିତ ହୋଇଥିଲା। କଟକ ସଦର ନିର୍ବାଚନ ମଣ୍ଡଳୀର କଂଗ୍ରେସ ବିଧାୟକ ପ୍ରାର୍ଥୀ ରାମଚନ୍ଦ୍ର ଗୋଛାୟତଙ୍କ ନେତୃତ୍ୱରେ କଂଗ୍ରେସର ଏକ ପ୍ରତିନିଧି ମଣ୍ଡଳୀ ୪୨ମୌଜା ଥାନାକୁ ଯାଇ ଘଟଣାର ସତ୍ୟାସତ୍ୟ ବୁଝିବା ସହ ବିଭିନ୍ନ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ନିଜ ସ୍ୱାର୍ଥ ପାଇଁ ଶାନ୍ତ ୪୨ମୌଜା ଅଞ୍ଚଳକୁ ଅଶାନ୍ତ କରିବା ସହିତ ଅଯଥାରେ ବୟାଳିଶମୌଜାକୁ ବଦନାମ କରୁଛନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି। ଘଟଣାର ସତ୍ୟାସତ୍ୟ ଅନୁସନ୍ଧାନ କରି ଦୋଷୀକୁ ଦଣ୍ଡ ଦିଆଯାଉ। ଯଦି ଏହା କପୋଳକଳ୍ପିତ ଘଟଣା ତେବେ ଅଭିଯୋଗକାରୀଙ୍କ ପଲିଗ୍ରାଫ ଟେଷ୍ଟ କରାଯାଉ ବୋଲି ଦାବି କରାଯାଇଛି। ତେବେ ପୁଲିସ ତଦନ୍ତ ପରେ ମଧ ଘଟଣା ଘଟିବାର କୌଣସି ସାମାନ୍ୟତମ ସୂରାକ ନପାଇବା ଏବେ ଘଟଣାଟିକୁ ସମ୍ପୂର୍ଣ୍ଣ କଳ୍ପିତ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ଶ୍ରୀ ଗୋଛାୟତଙ୍କ ସହିତ କଂଗ୍ରେସ ମୁଖପାତ୍ର ମାନସ ପରିଡ଼ା, ବରିଷ୍ଠ କଂଗ୍ରେସ ନେତା ମଧୁସୁଦନ ସେନାପତି ଓ ସୁବ୍ରତ ଦାସ, ନଗର କଂଗ୍ରେସର ପ୍ରାକ୍ତନ ସାଧାରଣ ସମ୍ପାଦକ ନିର୍ମଳ ସ୍ୱାଇଁ ଓ ଜୟନାରାୟଣ ତ୍ରୀପାଠୀ, ମିହିର ଦାସ, ରଞ୍ଜନ ସେନାପତି, ଉମାକାନ୍ତ ଆଚାର୍ଯ୍ୟ, ସୀତାକାନ୍ତ ପଣ୍ଡା, ଉଗ୍ରସେନ ଭୂୟାଁ, ନିହାର ରଞ୍ଜନ ନନ୍ଦ, ଋଷି କାଣ୍ଡି ପ୍ରମୁଖ ଯୋଗଦେଇ ଅଞ୍ଚଳର ବିଭିନ୍ନ ଆଇନ ଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। ବିଶେଷ କରି ରାତ୍ରୀ ପାଟ୍ରୋଲିଂକୁ କଡାକଡି କରିବା, ପ୍ରମୁଖ ସ୍ଥାନମାନଙ୍କରେ ସିସି ଟିଭି କ୍ୟାମେରା ଲଗେଇବା, ସନ୍ଦିଗ୍ଧ ବ୍ୟକ୍ତିମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖିବା, ଅଞ୍ଚଳରେ ଘରଭଡ଼ା ସୂତ୍ରରେ ରହୁଥିବା ବ୍ୟକ୍ତିଙ୍କ ସବିଶେଷ ତଥ୍ୟ ରଖିବା ଇତ୍ୟାଦି ଉପରେ ଶ୍ରୀ ଗୋଛାୟତ ଥାନାଧିକାରୀ ହେମନ୍ତ କୁମାର ସେଠୀଙ୍କୁ ପରାମର୍ଶ ଦେଇଥିଲେ।

## ଗ୍ୟାରେଜ ଭିତରୁ ୨ ଯୁବକଙ୍କ ମୃତଦେହ ଉଦ୍ଧାର

କଟକ/ଚୌଦ୍ୱାର:ଏକ୍ସପ୍ରେସ୍ ନ୍ୟୁଜ୍

ଟାଙ୍ଗୀ ଥାନା ଅନ୍ତର୍ଗତ ନିର୍ଗୁଣ୍ଡି ରେଳ ଷ୍ଟେସନ ନିକଟରେ ଜଘନ୍ୟ ହତ୍ୟାକାଣ୍ଡ। ଜାତୀୟ ରାଜପଥ ୧୬ ନିର୍ଗୁଣ୍ଡି ଷ୍ଟେସନ ନିକଟ ଏକ ପ୍ରୋକିଲିନ ଗ୍ୟାରେଜ ଭିତରୁ ଦୁଇ ଯୁବକଙ୍କ ମୃତ ଦେହ ଉଦ୍ଧାର ହୋଇଛି। ଯୁବକ ଦୁହିଁଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି। ମୃତ ଯୁବକ ଦୁଇଜଣ ହେଲେ ସ୍ଥାନୀୟ ତେରୁଆଁ ଗ୍ରାମର ମହମ୍ମଦ ସୋଏବ ଏବଂ ଚୌଦ୍ୱାର ଅଂଚଳର ପ୍ରଶାନ୍ତ ଜେନା। ସୂଚନା ପାଇଁ ଟାଙ୍ଗୀ ପୋଲିସ ଏବଂ ଅତିରିକ୍ତ ଏସିପି ଘଟଣା ସ୍ଥଳରେ ପହଞ୍ଚି ଦୁଇ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ ପଠାଇବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି ।

## ବେଳାଭୂମି ସଫେଇ ଓ ସଚେତନତା

ରାଜନଗର:ଏକ୍ସପ୍ରେସ୍ ନ୍ୟୁଜ୍

ରାଜ୍ୟ ତଥା ରାଜ୍ୟ ବାହାରୁ ଆସୁଥିବା ପର୍ଯ୍ୟଟକମାନେ ପେଣ୍ଠ ବେଳାଭୂମିରେ ବଣଭୋଜି କରିବା ସହିତ ମଉଜ ମଜଲିସ କରି ଫେରି ଯାଇଛନ୍ତି । ସେମାନେ ବ୍ୟବହାର କରିଥିବା ପଲିଥିନ, ଥାଳି ପ୍ରଭୃତି ବର୍ଜ୍ୟବସ୍ତୁ ଯୋଗୁଁ ବେଳାଭୂମି ଆବର୍ଜନାରେ ପରିଣତ ହୋଇଥିଲା । ନିକଟରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର, ଆରକ୍ଷୀ ଅଧିକ୍ଷକ ସିଦ୍ଧର୍ଥ କଟାରିଆ ପେଣ୍ଠ ବେଳାଭୂମିକୁ ପରିଷ୍କାର ପରିଛନ୍ନ ରଖିବାକୁ ସ୍ଥାନୀୟ ପ୍ରଶାସନ, ପଲିସ ଓ ବନବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ବୁଧବାର ଦିନ ବନବିଭାଗ ପକ୍ଷରୁ ସହକାରୀ ବନସଂରକ୍ଷକ ଗଗନବିହାରୀ ମଲ୍ଲିକ, ଗବେଷକ ପ୍ରସନ୍ନକୁମାର ନାୟକ, ରାଜନଗରରେ ଅଫିସର ଚିତରଂଜନ ବେଉରା, ଫରେଷ୍ଟର ବିଜୟକୁମାର ପାତ୍ର, ଫରେଷ୍ଟର ତ୍ରିଦୀପ ପ୍ରଧାନ, ସବିତା ବେହେରା, ସଙ୍ଗୀତା ସ୍ୱାଇଁ, ଦୋଳଗୋବିନ୍ଦ ନାୟକଙ୍କ ସହ ବନକର୍ମଚାରୀ, ଯୁକେ ମହାବୀର ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସାବିତ୍ରୀଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ, ପେଣ୍ଠ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ବେଳାଭୂମିକୁ ସଫେଇ କରିଥିଲେ । ପ୍ରଥମେ ସମସ୍ତେ ଶପଥପାଠ କରିଥିଲେ । ପରେ ସଫେଇ କରାଯାଇଥିଲା । ବେଳାଭୂମିରେ ବହୁ ସଂଖ୍ୟାରେ ଉଠା ଦେକାନୀମାନଙ୍କୁ ବାରଣ କରାଯାଇଛି । ବେଳାଭୂମି ପ୍ରଦୂଷଣ ନକରିବା ପାଇଁ ସଚେତନ କରାଯାଇଛି ।

## ମୋକିମ-ସୋଫିଆଙ୍କ ନୂଆବର୍ଷ ଶୁଭେଚ୍ଛା ହୋଡ଼ିଂରେ ନାହିଁ ଦଳୀୟ ଚିହ୍ନ

କଟକ:ଏକ୍ସପ୍ରେସ୍ ନ୍ୟୁଜ୍

ନୂଆବର୍ଷ ପୂର୍ବରୁ କଟକ ସହରର ରାଜନୀତି ସରଗରମ ହୋଇପଡ଼ିଛି । କଟକ ସହରରେ ଲାଗିଥିବା ମହମ୍ମଦ ମୋକିମ ଏବଂ ସୋଫିଆ ଫିର୍ଦୋଷଙ୍କ ହୋଡ଼ିଂକୁ ନେଇ ଚର୍ଚ୍ଚା ଯୋର ଧରିଛି । ହୋଡ଼ିଂରେ କଂଗ୍ରେସର ଦଳୀୟ ଚିହ୍ନ "ହାତ" ଚିହ୍ନ ନଥିବା ଦେଖିବାକୁ ମିଳିଛି । ସୋଫିଆଙ୍କ ଫଟୋତଳେ "ବିଧାୟିକା" ବୋଲି ଉଲ୍ଲେଖ ରହିଛି । ନୂଆବର୍ଷର ଶୁଭେଚ୍ଛା ଜଣାଇବା ପାଇଁ ଏପରି ହୋଡ଼ିଂଟି ଲାଗିଥିବା ଦେଖିବାକୁ ମିଳିଛି । ଏହି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ମହମ୍ମଦ ମୋକିମ କହିଛନ୍ତି, ଆମ ସମର୍ଥକ ଏହି ହୋଡ଼ିଂ ଲଗାଇ ଥାଇ ପାରନ୍ତି । ସାଧାରଣତଃ ସମର୍ଥକମାନେ ହୋଡ଼ିଂ ଲଗାଇ ଥାନ୍ତି । ସମର୍ଥକ ଆମକୁ କେବେ ଅଲଗା କରିନାହାନ୍ତି । ଆମ ୨ ଜଣଙ୍କ ପ୍ରତି ସହରବାସୀଙ୍କ ସମର୍ଥନ ରହିଛି । ଅଧିକାଂଶ ସ୍ଥାନରେ ଦଳୀୟ ଚିହ୍ନ, ନେତାଙ୍କ ସହ ସୋଫିଆଙ୍କ ଶୁଭେଚ୍ଛା ହୋଡ଼ିଂ ରହିଛି । ସୋଫିଆଙ୍କ ନିଜସ୍ୱ ପରିଚୟ ରହିଛି । ସୋଫିଆଙ୍କୁ ଦଳୀୟ ଚିହ୍ନର ସବୁବେଳେ ଆବଶ୍ୟକତା ନାହିଁ ବୋଲି ମହମ୍ମଦ ମୋକିମ କହିଛନ୍ତି ।




ଅପର ପକ୍ଷରେ ବିଜେଡ଼ିକୁ ନେଇ ମୋକିମ ବିସ୍ଫୋରକ ବୟାନ ଦେଇଛନ୍ତି । ସେ କହିଛନ୍ତି, ବିଜେଡ଼ିର ଅନେକ ସେକେଣ୍ଡ ଲାଇନ ଲିଡ଼ର ମୋ ସହ ଯୋଗାଯୋଗରେ ରହିଛନ୍ତି । ବିଜେଡ଼ିର ଅନେକ ସେକେଣ୍ଡ ଲାଇନ ଲିଡରକୁ ଆୟୁଧ କରି ତାଙ୍କ କାନ୍ଧରେ ସାଂସଦ ନିର୍ବାଚିତ ହେଉଛନ୍ତି, ହେଲେ ସେମାନେ ଆସିପାରୁନାହାନ୍ତି । ତେଣୁ ସେହି ସବୁ ସେକେଣ୍ଡ ଲାଇନ ଲିଡ଼ର ମୋ ସହ ଯୋଗାଯୋଗରେ ଏବଂ ଦଳ ହେଲେ ଆସିବାକୁ ଚାହୁଁଛନ୍ତି । ବିଜେଡ଼ିରେ ଯେଉଁମାନେ ବୟାନବାଜି କରୁଛନ୍ତି, ସେମାନେ କେବଳ ବୟାନବାଜି ଭିତରେ ସୀମିତ ନରହି ଆଗକୁ କିଛି କରନ୍ତୁ । ସେମାନଙ୍କ ପରବର୍ତ୍ତୀ ପଦକ୍ଷେପକୁ ଆମେ ଚାହିଁ ରହିଛୁ । ଏହିପରି ବୟାନବାଜି ବିଜେଡ଼ି ଲାଗି ଶୁଭଙ୍କର ନୁହେଁ । ତେଣୁ ଖାଲି ବିଜେଡ଼ି ନେତା ନୁହଁନ୍ତି, ଅନ୍ୟ ଦଳର ନେତାମାନେ ମଧ୍ୟ ଯୋଗାଯୋଗରେ ରହିଛନ୍ତି ବୋଲି ମୋକିମ କହିଛନ୍ତି । ଆଂଚଳିକ ଦଳ ଲାଗି ଓଡ଼ିଶା ପ୍ରକୃଷ୍ଟ ସ୍ଥାନ । ନବୀନ ବାବୁ କହିଲେ, ବିଜେଡ଼ି ୧୦୦ ବର୍ଷ ପର୍ଯ୍ୟନ୍ତ ଓଡ଼ିଶା ବାସୀଙ୍କ ସ୍ୱର ହୋଇ ରହିବ । ଏହି ପ୍ରସଙ୍ଗରେ କହିଲେ, ନୂଆ ଆଂଚଳିକ ଦଳ ହେଲେ ତାହାର ମଧ୍ୟ ଗ୍ରହଣୀୟତା ରହିବ । ଏବେ ନୂଆବର୍ଷରେ ନୂଆ ସୂଚନା ପାଇବେ ବୋଲି ମହମ୍ମଦ ମୋକିମ ସୂଚନା ଦେଇଛନ୍ତି ।























































ଓଡ଼ିଶା ଏକ୍ସପ୍ରେସ୍

କେନ୍ଦ୍ରାପଡ଼ା | 1st January, 2026 Thursday | RNI Regd. No. ODIODI/2009/28880

## ଦେଉଳର ନନା




ସେଦିନ ସ୍ୱାମୀ ସ୍ତ୍ରୀଙ୍କୁ କହିଲେ- ତୁମେ ତ ଭାରି ଫୁଟାଣି ମାରୁଛ। ନାରୀ ଜାତିକୁ ବହୁତ ଟେକୁଛ। କହିଲ ଦେଖି, ଏତେ ଦେବାଦେବୀ ମନ୍ଦିର ଅଛି। କୋଉ ମନ୍ଦିରରେ ମହିଳାମାନେ ପୂଜା କରୁଛନ୍ତି ? ସବୁ ମନ୍ଦିରରେ ନନାମାନେ ପୂଜା କରନ୍ତି।

ସ୍ତ୍ରୀ ଏକଥା ଶୁଣିବା ପରେ ବେଖାତିର ଭାବେ ଟିକିଏ ହସିଲେ। କହିଲେ- ତମର ସବୁ ଭଲ। କିନ୍ତୁ ବୁଦ୍ଧି ଟିକେ କମ୍। ତମେ ଯୋଉ ନନାଙ୍କ କଥା କହୁଛ ସେ ନନାଙ୍କୁ ଛାଡ଼ିଦେଲେ ଆଉ ସବୁ ଝିଅ ପିଲାଙ୍କ ନାଁରେ ଚାଲିଛି। ଯେମିତି ଆରତୀ, ଜ୍ୟୋତି, ପୂଜା, ବନ୍ଦନା, ଅର୍ଚ୍ଚନା, ସାଧନା, ପୁଷ୍ପାଞ୍ଜଳି ଇତ୍ୟାଦି ଇତ୍ୟାଦି। ଫୁଟାଣି ମାରୁଛ କ'ଣ ?

## ପ୍ରଥମ ପୃଷ୍ଠାରୁ...

### ଶ୍ରୀମନ୍ଦିର...

ପ୍ରାର୍ଥନା କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ। ଶହଶହ ବର୍ଷ ତଳର ଏହା ଏକ ଚିତ୍ର କଳାକୃତି। ଏହି ତାଳପତ୍ରରେ ଅଙ୍କିତ ଫଟୋ ଚିତ୍ରକୁ ଓଡ଼ିଶା ରାଜ୍ୟ ମ୍ୟୁଜିୟମରୁ ସଂଗ୍ରହ କରାଯାଇ ଇଂରାଜୀ ନବବର୍ଷ କ୍ୟାଲେଣ୍ଡରରେ ସ୍ଥାନିତ କରାଯାଇଛି। କିନ୍ତୁ ଏହା ସାଂପ୍ରତିକ ସ୍ଥିତି ନୁହେଁ। ଏହା ସେତେବେଳର ଜଣେ ଚିତ୍ର ଶିଳ୍ପୀର ଚିତ୍ରକଳା, ଏହାକୁ ଜଗନ୍ନାଥ ପ୍ରେମୀ ଭୁଲ ବୁଝିବେ ନାହିଁ ବୋଲି କହିଛି ମନ୍ଦିର ପ୍ରଶାସନ। ତେବେ ଇସ୍କନ ପକ୍ଷରୁ ଅଦିନିଆ ରଥଯାତ୍ରା ହେଉ, ଅବା ଶ୍ରୀମନ୍ଦିରକୁ ନେଇ ୟୁଟ୍ୟୁବର ଶୁଭଙ୍କର ମିଶ୍ରଙ୍କ ବିବାଦୀୟ ବୟାନ। ଜଗନ୍ନାଥ ସଂସ୍କୃତି ଓ ପରଂପରାର ଉଲ୍ଲଂଘନ ଓ ଭ୍ରମାତ୍ମକ ପ୍ରଚାରକୁ ନେଇ ବିଭିନ୍ନ ସମୟରେ କାର୍ଯ୍ୟାନୁଷ୍ଠାନ ଚେତାବନୀ ଦେଇଛି ଶ୍ରୀମନ୍ଦିର ପ୍ରଶାସନ ଓ ପୁରୀ ଜିଲ୍ଲା ପ୍ରଶାସନ। କଥା ହେଉଛି, ଅନ୍ୟ କେହି ଭୁଲ୍ କଲେ ଯିଏ ତାକୁ ସୁଧାରିବା କଥା, ସିଏ ନିଜେ ଏତେ ବଡ ଭୁଲ୍ କଲା କିପରି ?

### ଦାୟିତ୍ୱ ନେଲେ...

ଦାୟିତ୍ୱ ସୂଚାରୁ ରୂପେ ତୁଲାଇଛନ୍ତି। ସେହିପରି ମହିଳା ଓ ଶିଶୁ ବିକାଶ ସଚିବ ରହିଛନ୍ତି ଅନୁ ଗର୍ଗ। କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ଯୁଗ୍ମ ସଚିବ ମଧ୍ୟ ରହିଛନ୍ତି। ପିଏମ୍‌ଓର ଯୁଗ୍ମ ସଚିବ ଥିଲେ ଅନୁ।

### ଦୀର୍ଘ ପ୍ରତାରଣାରୁ...

କେବଳ ସରକାରୀ ଦଳନେତାଙ୍କ ଭରପୁରରେ ଅନେକ ସଭା ସମିତି ଓ ଉତ୍ସବାନୁଷ୍ଠାନ ସହିତ ଭାଷଣ ଯାହା ଦେଖିବାକୁ ଓ ଶୁଣିବାକୁ ମିଳିଛି । ତଥାପି ଜିଲ୍ଲାବାସୀଙ୍କ ଭିତରେ ସରକାରଙ୍କୁ ନେଇ ଅନେକ ଆଶା ରହିଛି । ଅବଶ୍ୟ ବିଗତ ସରକାର ଜିଲ୍ଲାରେ ଆଖଡ଼ାଶାଳୀ ଠାରେ ନଦୀଭିତ୍ତିକ ବନ୍ଦର ପ୍ରତିଷ୍ଠାର ଯେଉଁ ସ୍ୱପ୍ନ ଦେଖାଇଥିଲେ ତାହା ମିଳେଇ ଯାଇଛି । ଗତ ୨୦୨୨ରେ ଆର୍ସେଲର ମିତ୍ତଲ ନିପୋନ ମହାକାଳପଡ଼ା ଠାରେ ୧ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଅର୍ଥ ବିନିଯୋଗ କରି ବାର୍ଷିକ ୨୪ମିଲିୟନ ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଏହି ମେଗା ଇସ୍ପାତକାରଖାନା ପ୍ରତିଷ୍ଠା କରିବା ସ୍ୱପ୍ନ ସେହି ସ୍ୱପ୍ନରେ ରହିଛି । ଜିଲ୍ଲାରେ ମେଡ଼ିକାଲ କଲେଜ ନେଇ ଚାଲିଥିବା ଆନ୍ଦୋଳନ ଏହି ୨୦୨୨ରେ ରାଜଧାନୀରେ ପହଂଚିବା ପରେ ବି ସରକାର ନିରବଦ୍ରଷ୍ଟା ସାଜି ଏହାକୁ ଉପେକ୍ଷା କରିବାକୁ ଲୋକେ ଭୁଲି ନାହାଁନ୍ତି । ବନ୍ଧୁ ବେଭାରରେ ଜ୍ଞାତିକୁଟୁମ୍ବ ଚର୍ଚ୍ଚା ନୀତିରେ କେନ୍ଦ୍ର ୟୁପିଏ ସରକାର ସବୁ ଜିଲ୍ଲାରେ ମାତୃ ଓ ଶିଶୁ ଚିକିତ୍ସାଳୟ ପାଇଁ ବହୁ ବର୍ଷ ତଳୁ ଦେଇଥିବା ଅନୁଦାନରେ ରାଜ୍ୟ ବିଜେଡ଼ି ସରକାର ଜିଲ୍ଲାରେ ଏହି ଚିକିତ୍ସାଳୟ ବିଲ୍ଡିଂ ନିର୍ମାଣ କରି ଏଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସୁବିଧାସୁଯୋଗ ନଥାଇ ଏହାକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଘୋଷଣା କରିବା ପ୍ରତାରଣା ଆଜି ବି ଲୋକଙ୍କ ମନରୁ ଉଭେଇ ଯାଇନି । ଅନ୍ୟପକ୍ଷରେ ପାରାଦୀପ ବନ୍ଦର ତଥା ଶିଳ୍ପାଂଚଳକୁ ପାଣି ଦେବା ପାଇଁ ୨୦୨୨ ବର୍ଷରେ ବିଗତ ସରକାରଙ୍କ କୁଜଙ୍ଗର ସନ୍ତରାଠାରେ ୫୬୦କୋଟି ଟଙ୍କା ବ୍ୟୟରେ ମହାନଦୀରେ ଆନ୍ତ ଜିଲ୍ଲା ଜଳାଶୟ ସୃଷ୍ଟି ଘୋଷଣା ଏବଂ ସେହି ବର୍ଷ ଶେଷରେ ଏଥିରେ ପରିବର୍ତ୍ତନ ଆଣି ସେହି ମହାନଦୀ ସିଷ୍ଟମରେ ଦୁଇଟି ଆନିକଟ ଗୋଟିଏ ମହାନଦୀରେ ଚୌଧୁରୀ ଗଡ଼ା ନିକଟରେ ଓ ଅନ୍ୟଟି ପାଇକାରେ ତିଖିରୀ ନିକଟରେ କରିବାକୁ ଘୋଷଣା କରାଯାଇଲା । ଆଉ ଗତ ୨୦୨୪ ନିର୍ବାଚନ ପୂର୍ବରୁ କେନ୍ଦ୍ରାପଡ଼ା ପାଇଁ କିଛି କରିନଥିବା ଅପବାଦକୁ ଏଡ଼ାଇବା ପାଇଁ ଏହାକୁ ମିଛି ମିଛିକା କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶ ସହିତ ଯୋଡ଼ିବାକୁ ତିଖିରୀ ଠାରେ ଶିଳାନ୍ୟାସ ଉତ୍ସବର ଆୟୋଜନ କରାଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଯେପରି ଆଭାସୀ ଶିଳାନ୍ୟାସ କରି କେନ୍ଦ୍ରାପଡ଼ାବାସୀଙ୍କ ଭଣ୍ଡେଇଲେ ତାହା ପିଢିପିଢି ଧରି ଲୋକଙ୍କ ମନରୁ ଲିଭିବ ନାହିଁ । ଜିଲ୍ଲାବାସୀଙ୍କୁ ମୁନ୍ଦାଏ ବିଶୁଦ୍ଧ ପିଇବା ପାଣି ଦେବା ପାଇଁ ଦୀର୍ଘ ଦିନ ହେଲା ଜିଲ୍ଲାର ବିଭିନ୍ନ ବ୍ଲକ୍‌ରେ ଆରମ୍ଭ ହୋଇଥିବା ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମଧ୍ୟରୁ ୨୦୨୫ରେ ଗୋଟିଏ ବି ପ୍ରକଳ୍ପରୁ ପାଣି ଯୋଗାଣ ସମ୍ଭବ ହୋଇପାରିଲା ନାହିଁ । ଜିଲ୍ଲାରେ ମିଶନ ଶକ୍ତି ଜରିଆରେ ମହିଳାଙ୍କୁ କର୍ମ ନିଯୁକ୍ତି ଦେବାରେ ୨୦୨୨ରେ ବିଭିନ୍ନ ସ୍ଥାନରେ ମହିଳା କାଫେ ଓ ସ୍ୱାବଲମ୍ବୀ ଗୃହମାନ ଖୋଲାଯାଇଥିଲାବେଳେ ୨୦୨୫ ବର୍ଷରେ ସବୁ ଅଚଳହୋଇ ପଡ଼ିଛି। ଜିଲ୍ଲାବ୍ୟାପୀ ବିଭିନ୍ନ ସ୍କୁଲ ଓ ଅଙ୍ଗନବାଡ଼ି କେନ୍ଦ୍ରର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ୫-ଟି ଓ ଆମ ଓଡ଼ିଶା ଓ ନବୀନ ଓଡ଼ିଶା ଯୋଜନାରେ କାମ ଅପେକ୍ଷା ହରିଲୁଟ୍ ବଳେଇ ପଡ଼ିଥିଲା । ସାଂପ୍ରତିକ ସରକାରଙ୍କର ଜିଲ୍ଲା ପ୍ରତି ପ୍ରକୃତ ଆଭିମୁଖ୍ୟ ଏଯାଏ ସ୍ପଷ୍ଟ ନୁହେଁ। ଅଧିକନ୍ତୁ ଉନ୍ନୟନ କାର୍ଯ୍ୟର ଧିମାଗତି ଏବଂ ବାଲି ଚୋରୀ, ପିସି ତଥା ବଟି ଆଦାୟର ବ୍ୟାପକତା ସରକାରଙ୍କ ପ୍ରତି ଜିଲ୍ଲାବାସୀଙ୍କ ଭାବାବେଗ ବୃଦ୍ଧିରେ ପ୍ରତିବନ୍ଧକ ହୋଇ ରହିଛି । ତଥାପି ସାଂପ୍ରତିକ ସରକାର ଦଳର ଶକ୍ତି ବୃଦ୍ଧି ପାଇଁ କେନ୍ଦ୍ରାପଡ଼ା ଜିଲ୍ଲା କୁ ଫୋକସ୍ ଜିଲ୍ଲା ଭାବେ ଗ୍ରହଣ କରି ଜିଲ୍ଲାବାସୀଙ୍କୁ ଦୀର୍ଘ ପ୍ରତାରଣାରୁ ମୁକ୍ତି ଦେବା ସହ ସେମାନଙ୍କ ସ୍ୱପ୍ନର କେନ୍ଦ୍ରାପଡ଼ା ଗଠନ ଦିଗରେ ନୂତନ ୨୦୨୬ରେ କାର୍ଯ୍ୟ ଆରମ୍ଭ କରିପାରନ୍ତି ବୋଲି ଅନେକ ଆଶା ଓ ବିଶ୍ୱାସ ପ୍ରକଟ କରିଛନ୍ତି।

### ଅପହୃତା ଦୁଇ...

ଉଦ୍ଧାର କରିବା ସହ ଅପହରଣ କରିଥିବା ରାଧାକାନ୍ତଙ୍କୁ ଧରିବା ଅନୁସନ୍ଧାନ ଜାରି ରହିଛି ବୋଲି ଆଇଆଇସି ବିମଳକୁମାର ମଲ୍ଲିକ ସୂଚନା ଦେଇଛନ୍ତି । ଏହି ଦୁଇଟି ଘଟଣାରେ ପୃଥକ ପୃଥକ ଭାବେ ୧୩୨/୨୫ ଓ ୧୭୨/୨୫ରେ ଦୁଇଟି ମାମଲା ରୁଜୁ ହୋଇଛି।

# ଡାକ୍ତର ସାଂଘାଇରେ ବସି ମୁମ୍ବାଇରେ କଲେ ରବୋଟିକ ସର୍ଜରୀ

**ମୁମ୍ବାଇ,୩୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

କୋକିଲାବେନ ଧିରୁଭାଇ ଅମ୍ବାନୀ ହସ୍ପିଟାଲ ମୁମ୍ବାଇରେ ଚିକିତ୍ସିତ ହେଉଥିବା ରୋଗୀଙ୍କର ଡାକ୍ତର ସାଂଘାଇରେ ଥାଇ ଅସ୍ତ୍ରୋପଚାର କରିଛନ୍ତି ଓ ଏହା ସଫଳ ହୋଇଛି। ଏହା ଭାରତର ପ୍ରଥମ କ୍ରସ-ବର୍ଡର ରିମୋଟ ରବୋଟିକ୍ ସର୍ଜରୀ। ଏହାକୁ ଚୀନର ସାଂଘାଇ ସହରରେ ଥାଇ ଡା. ଟି.ବି. ଯୁଭରାଜା ସଫଳତାର ସହ ସମ୍ପନ୍ନ କରି ଇତିହାସ ରଚିଛନ୍ତି। କେନ୍ଦ୍ରୀୟ ଔଷଧ ମାନକ ନିୟନ୍ତ୍ରଣ ସଙ୍ଗଠନ (ସିଡିଏସସିଓ) ମଞ୍ଜୁରୀରେ ଭାରତରେ ତୌମାଇ ରିମୋଟ ରବୋଟିକ ସର୍ଜରୀ ସିଷ୍ଟମକୁ ପ୍ରଥମ ସୀମାପାର ଚିକିତ୍ସା ନିମନ୍ତେ ଉପଯୋଗ କରାଯାଇଛି।

ମୁମ୍ବାଇରେ ଦୁଇଜଣ ରୋଗୀଙ୍କଠାରେ ସଫଳତା ପୂର୍ବକ ରେଡିକଲ ପ୍ରୋଷ୍ଟେଟେକ୍ଟମୀ ଓ ପାର୍ଶିଆଲ ନେଫ୍ରେକ୍ଟମୀ ଭଳି ଜଟିଳ ୟୁରୋଲଜିକାଲ ସର୍ଜରୀ କରାଯାଇଛି। ଏହି ଉଭୟ ସର୍ଜରୀକୁ ସମ୍ପୂର୍ଣ୍ଣ ରବୋଟିକ ବୈଷୟିକ ସହାୟତାରେ ଦୂରରେ ବସି ବିଶେଷଜ୍ଞଙ୍କ ଦ୍ୱାରା ସଞ୍ଚାଳିତ କରାଯାଇଛି। ତୌମାଇ ସିଷ୍ଟମ ବର୍ତ୍ତମାନ ଏକମାତ୍ର ଏପରି ରବୋଟିକ ପ୍ଲାଟଫର୍ମ ଯାହାକୁ ଟେଲି ସର୍ଜରୀ ନିମନ୍ତେ ୟୁଏସ ଏଫଡିଏ ଦ୍ୱାରା ମଞ୍ଜୁରୀ ମିଳିଛି। ଏ ପର୍ଯ୍ୟନ୍ତ ୪,୧୦୦ରୁ ଅଧିକ ରବୋଟିକ୍ ସର୍ଜରୀ କରିଥିବା ଡା. ଯୁଭରାଜା ଏହି ଉପଲବ୍ଧିକୁ ସ୍ୱାସ୍ଥ୍ୟ ସେବା ନିମନ୍ତେ କ୍ରାନ୍ତିକାରୀ ବୋଲି କହିଛନ୍ତି।



ହସ୍ପିଟାଲର ସିଇଓ ତଥା ଏକଜ୍ୟୁକୁଟିଭ ଡାଇରେକ୍ଟର ଡା. ସନ୍ତୋଷ ସେଟ୍ଟି କହିଛନ୍ତି ଯେ ଅନ୍ତର୍ମହାଦ୍ୱୀପୀୟ ରିମୋଟ ସର୍ଜରୀ କରାଇବାରେ କୋକିଲା ବେନ ଧିରୁଭାଇ ଅମ୍ବାନୀ ହସ୍ପିଟାଲ ଭାରତର ପ୍ରଥମ ହସ୍ପିଟାଲରେ ପରିଣତ ହୋଇଛି। ଏହି ସଫଳତା ମୁମ୍ବାଇ ଓ ସାଂଘାଇର ଡାକ୍ତର, ନର୍ସିଂଷ୍ଟାଫ, ବୈଷୟିକ ବିଶେଷଜ୍ଞ ଓ ଇଞ୍ଜିନିୟର ଟିମର ସହଯୋଗ ଲାଗି ମିଳିଛି। ଏହାସହ ଦେଶରେ ଟେଲି ସର୍ଜରୀର ନୂଆ ଯୁଗ ଆରମ୍ଭ ହୋଇଥିବାବେଳେ ଭବିଷ୍ୟତରେ ବୈଷୟିକ ସ୍ୱାସ୍ଥ୍ୟସେବାର ଦିଗ ମଧ୍ୟ ନିର୍ଦ୍ଧାରଣ କରିବ।




## ଆଉ ୨ ମାସ ବଢ଼ିଲା ଇ-କେୱାଇସି ଅବଧି

**ଭୁବନେଶ୍ୱର,୩୧।୧୨**
**ଏକ୍ସପ୍ରେସ୍ ନ୍ୟୁଜ୍**

ରାସନକାର୍ଡ ହିତାଧିକାରୀଙ୍କ ପାଇଁ ବଡ଼ ଖବର। ଆହୁରି ୨ ମାସ ବଢ଼ିଲା ରାସନ୍ କାର୍ଡ ଇ-କେୱାଇସି ଅବଧି। ଆଜି ଇ-କେୱାଇସି ଅବଧି ଶେଷ ହେଉଥିବା ବେଳେ ଆହୁରି ଦୁଇମାସ ସମୟ ଦେଲେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। ରିପୋର୍ଟ ଅନୁସାରେ, ବର୍ତ୍ତମାନ ସୁଦ୍ଧା ୯୬ ପ୍ରତିଶତ ଲୋକଙ୍କ ଇ-କେୱାଇସି ଶେଷ ହୋଇଛି। ଯୋଗାଣ ବିଭାଗରୁ ମିଳିଥିବା ସୂଚନା ମୁତାବକ, ରାଜ୍ୟରେ ୩ କୋଟି ୨୫ ଲକ୍ଷ ୫୧ ହଜାର ୭୭୩ ଜଣ ହିତାଧିକାରୀଙ୍କ ଇ-କେୱାଇସି କରିବା ଲାଗି ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ଏବେ ଯାଏ ୮ ଲକ୍ଷ ରାସନ କାର୍ଡ ବାଣ୍ଟି ସାରିଲେଣି ସରକାର। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୩ ଲକ୍ଷରୁ ଅଧିକ ରାସନ କାର୍ଡ ହିତାଧିକାରୀ ନିଜର ଇ-କେୱାଇସି କରିନାହାନ୍ତି। ତେବେ ଇ-କେୱାଇସି କରି ନଥିବା ହିତାଧିକାରୀ ପୂର୍ବଭଳି ରାମନ ସାମଗ୍ରୀ ପାଇବା ଜଣାପଡ଼ିଛି।




## ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ପେଣ୍ଠ-ବରୁଣେଇ ବେଳାଭୂମି

**ରାଜନଗର,୩୧।୧୨ : ଏକ୍ସପ୍ରେସ୍ ନ୍ୟୁଜ୍**

ରାଜନଗର ବ୍ଲକର ଅନ୍ୟତମ ପର୍ଯ୍ୟଟନ କ୍ଷେତ୍ର ପେଣ୍ଠ-ବରୁଣେଇ ବେଳାଭୂମି ଅସାମାଜିକ ଯୁବକଙ୍କ ଆଡ୍ଡା ସ୍ଥଳୀ ପାଲଟିଛି। ଏହି ବେଳାଭୂମି ଭିତରକନିକା ଜାତୀୟ ଉଦ୍ୟାନ ସୀମା ସରହଦ ମଧ୍ୟରେ ଯାଉଥିବା ବେଳେ ସମୁଦ୍ରର ତଟ ଠାରୁ ୨୦ କିମି ଦୂର ପର୍ଯ୍ୟନ୍ତ ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟ ଅଞ୍ଚଳରେ ଅନ୍ତର୍ଭୁକ୍ତ। ଉଭୟ ଜାତୀୟ ଉଦ୍ୟାନ ଓ ସାମୁଦ୍ରିକ ଅଭୟାରଣ୍ୟ ରାଜନଗର ବନଖଣ୍ଡ ଅଧିକାରୀଙ୍କ କର୍ତ୍ତୃତ୍ୱାଧିନ ଅଞ୍ଚଳ। ମାତ୍ର ଆଇନ ଶୃଙ୍ଖଳା ପରିସ୍ଥିତି ଜଟିଳ ହୋଇ ପଡ଼ିଛି। ସ୍ପଷ୍ଟ ଦିବାଲୋକରେ ସକାଳୁ ସଞ୍ଜ ଯାଏ ପସରା ମେଲାଉଛନ୍ତି ମଦ୍ୟପ ଯୁବକମାନେ। ପାଖରେ ଚୋରା ମଦ ପ୍ରଚୁର ପରିମାଣରେ ମିଳୁଥିବାରୁ ମଦ୍ୟପମାନଙ୍କ ଭୂସ୍ୱର୍ଗ ପାଲଟିଛି। ଆକଟ କରିବାକୁ କେହି ନାହାନ୍ତି। ବନ ବିଭାଗ କିମ୍ବା ପୋଲିସ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷେପ ନିଆ ଯାଉନଥିବାରୁ ସେମାନଙ୍କ ଦୌରାତ୍ମ୍ୟ ବଢ଼ି ଚାଲିଛି। ଅପରପକ୍ଷରେ ଅନତିଦୂରରେ ଇକୋରିଟ୍ରିଟ ମଧ୍ୟ ଅନୁଷ୍ଠିତ ହେଉଛି। ଅତୀତରେ ଏହି ବେଳାଭୂମିରେ ଧର୍ଷଣ, ହତ୍ୟା, ଅସାମାଜିକ ଯୁବକମାନଙ୍କ ଦ୍ୱାରା ବିଭିନ୍ନ ଯୁବକ ଯୁବତୀଙ୍କ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ସାମାଜିକ ଗଣମାଧ୍ୟମରେ ପ୍ରଚାରିତ ହୋଇ ବେଳାଭୂମିର ସୁନାମରେ ଆଞ୍ଚ ଆଣିଛି। ଏହି ବେଳାଭୂମିରେ ପର୍ଯ୍ୟଟକମାନେ କିପରି ସୁରକ୍ଷିତ ପରିଭ୍ରମଣ କରିବେ, ସେ ନେଇ ପୋଲିସ ପ୍ରଶାସନ ଓ ବନବିଭାଗ ଉପଯୁକ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀମାନେ ଦାବି କରିଛନ୍ତି।







Printed & Published by Gyanaranjan Behera on behalf of Radhakrushna Publications Pvt. Ltd. and Printed at Ricky Promotors, Plot No.6709, M.I.E., Rasulgarh, Bhubaneswar-751010 and Published at Janachetana Parisad Bhawan, At-Kajala, P.O/Dist -Kendrapara, Pin-754211, Ph. : 9439698412, 9583706460

Editor : Ambika Prasad Das  ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ  Chief Editor : Umapada Bose  ମୁଖ୍ୟ ସମ୍ପାଦକ : ଉମାପଦ ବୋଷ